

২৯৭ ରନର ଇନିଂସ ଖେଳି ଚର୍ଚ୍ଚାରେ ଲିଟିଲ୍ ସେହୱାଗ ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 240 | ଭାଗ ୩୨ | ସଂଖ୍ୟା ୨୪୦ | Bhubaneswar | Sunday 24 November 2024 | Page 8 Rs. 4.00 | ଭୁବନେଶ୍ୱର | ରବିବାର ୨୪ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ବବିଙ୍କ ଭୟଙ୍କର ଖେଳ

## ଭାଇକୁ ମୋହରା କରି ସିମ୍ପାଥି ନେବାକୁ ଚେଷ୍ଟା

**ଫସିଗଲା ବିଜେପି**

**ଯାଜପୁର ବିଜେପି ଦୁଇଫାଳ**

**ଭୁବନେଶ୍ୱର, ୨୩।୧୧ (ସଂଚାର ବ୍ୟୁରୋ):** ଯାଜପୁର ରାଜନୀତିରେ ଧର୍ମଶାଳା ବିଧାୟକଙ୍କୁ ମାଡ ଅଭିଯୋଗ, ମାମଲା ରୁଜୁ ପରେ ୧୦ ଗିରଫ, ବବିଙ୍କ ଭାଇ ଭବଙ୍କ ନାଁରେ ମାମଲା ପରେ ତାଙ୍କୁ ଗିରଫ କରାଯିବା ଆଦି ଅତ୍ୟନ୍ତ କ୍ଷିପ୍ର ଗତିରେ ଘଟୁଥିବା ଘଟଣାରେ ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କ ଗୋଟି ଚାଳନା ଏବେ ବିଜେପିକୁ ଅଡୁଆରେ ପକାଇ ଦେଇଛି। ବବି ନିଜ ଭାଇ ଭବଙ୍କୁ ନେଇ ଥାନାରେ ଆତ୍ମ ସମର୍ପଣ କରାଇବା ପରେ ଭବ ଜାମିନ ଆବେଦନ ନ କରି ଜେଲ୍ ଯିବା ଏବେ ଯାଜପୁର ରାଜନୀତିକୁ ନୂଆ ମୋଡ ଦେଇଛି। ବାସ୍ତବରେ ଏଭଳି ରାଜନୈତିକ ଘଟଣାକ୍ରମରେ ବବିଙ୍କ ଭୟଙ୍କର ଖେଳରେ ବିଜେପି ଫଶି ଯାଇଛି। ବିଜେପି ଖାଲି ଫଶିନି, ଯାଜପୁର ବିଜେପି ଏହି ଘଟଣାରେ ଦୁଇ ଫାଳ ହୋଇଯାଇଥିବା ଲକ୍ଷ୍ୟ କରାଯାଇଛି।





ଧର୍ମଶାଳା ବିଧାୟକ ହିମାଂଶୁ ସାହୁ ଓରଫ ଲିକୁ ଯାଜପୁର ଆସିଥିବାବେଳେ ତାଙ୍କ ଉପରେ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଏପରିକି କିଛି ଲୋକ ତାଙ୍କୁ ମାଡମାରି ସୁନା ଚେନ୍ ଛଡାଇ ➪ପୃଷ୍ଠା-୬

# ମହାରାଷ୍ଟ୍ରରେ ମହାଯୁତିର ମହାସୁନାମୀ



- ନିର୍ଣ୍ଣାୟକ ହେଲା ଲାଡଲି ବହନ ଯୋଜନା
- ମୁଖ୍ୟମନ୍ତ୍ରୀ ପାଇଁ ଦାବି କଲେ ଏକନାଥ ସିନ୍ଦେ
- ମୈୟାଁ ସମ୍ମାନ ଝାଡ଼ଖଣ୍ଡ ଗେମଚେଞ୍ଜର
- ଅଭିନନ୍ଦନ ଜଣାଇଲେ ମୋହନ ମାଝୀ

**ନୂଆଦିଲ୍ଲୀ, ୨୩।୧୧:** ବହୁ ଆଲୋଚିତ ମହାରାଷ୍ଟ୍ର ଓ ଆଦିବାସୀ ଅଧ୍ୟୁଷିତ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ମହାରାଷ୍ଟ୍ରରେ ଏକ୍‌ଜିଟ୍ ପୋଲ୍ ଆକଳନ ସଫଳ ହୋଇଥିବା ବେଳେ ଝାଡ଼ଖଣ୍ଡରେ ଫେଲ ମାରିଛି। ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ମହାଯୁତି ଐତିହାସିକ ବିଜୟ ହାସଲ କରି ସରକାର ଗଢ଼ିବାକୁ ଯାଉଛି। କିନ୍ତୁ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର ହାଇପ୍ରୋଫାଇଲ ପ୍ରଚାର ଝାଡ଼ଖଣ୍ଡବାସୀଙ୍କୁ ପ୍ରଭାବିତ କରି ପାରିନି। ହେମନ୍ତ ସୋରେନ୍

## ଝାଡ଼ଖଣ୍ଡରେ ହେମନ୍ତ ହିରୋ

ହିରୋ ଭାବେ ଉଭା ହୋଇଛନ୍ତି। ଅନ୍ୟପକ୍ଷରେ ମହାରାଷ୍ଟ୍ରରେ ଆଶାତୀତ ସଫଳତା ପରେ ବିଜେପି ସମର୍ଥକଙ୍କ ମଧ୍ୟରେ ଖୁସିର ମାହୋଲ ଖେଳି ଯାଇଛି। ରାଜ୍ୟ ବିଜେପି ମୁଖ୍ୟାଳୟ ଓ ଅନ୍ୟାନ୍ୟ ସ୍ଥାନରେ ଦଳୀୟ କର୍ମୀ ଓ ସମର୍ଥକମାନେ ଉତ୍ସବ ମନାଇଛନ୍ତି।

ବିପୁଳ ବିଜୟ ପାଇଁ ପ୍ରଧାନମନ୍ତ୍ରୀ ଏକ୍ସରେ ଏକ ପୋଷ୍ଟ କରି କହିଛନ୍ତି, ବିକାଶ ଜିତିଛି। ସୁଶାସନ ଜିତିଛି। ମହାରାଷ୍ଟ୍ରର ଭାଇ ଓ ଭଉଣୀମାନଙ୍କୁ

| ମହାରାଷ୍ଟ୍ର | ଝାଡ଼ଖଣ୍ଡ |
|---|---|
| ମୋଟ ଆସନ-୨୮୮ | ମୋଟ ଆସନ-୮୧ |
| ମହାଯୁତି--୨୩୫ | ଇଣ୍ଡିମେଣ୍ଟ-୫୬ |
| ଏମ୍‌ଭିଏ-୪୯ | ଏନ୍‌ଡିଏ-୨୪ |
| ଅନ୍ୟାନ୍ୟ-୪ | ଅନ୍ୟାନ୍ୟ-୧ |



ହୃଦୟରୁ କୃତଜ୍ଞତା ଜଣାଉଛି। ଲୋକଙ୍କୁ ନିଶ୍ଚିତ କରୁଛି ଯେ ଆମ ମେଣ୍ଟ ମହାରାଷ୍ଟ୍ରର ବିକାଶ ପାଇଁ କାର୍ଯ୍ୟ ଜାରି ରଖିବ। ଏହା ସହିତ ପ୍ରଧାନମନ୍ତ୍ରୀ ଝାଡ଼ଖଣ୍ଡବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ➪ପୃଷ୍ଠା-୬

# ମନ୍ତ୍ରୀଙ୍କ ତାଗିଦ: ସିଧାସଳଖ ଧାନ କିଣିଲେ କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର, ୨୩।୧୧ (ସଂଚାର ବ୍ୟୁରୋ):** ଧାନ କିଣା ପ୍ରସଙ୍ଗ ନେଇ ମିଲରମାନଙ୍କୁ କଡା ଚେତାବନୀ ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ଶ୍ରୀ ପାତ୍ର କହିଛନ୍ତି ଯେ, ସିଧାସଳଖ ମିଲରମାନେ କୃଷକଙ୍କ ନିକଟରୁ ଧାନ କିଣି ପାରିବେ ନାହିଁ । କେବଳ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମଣ୍ଡିରୁ ଧାର୍ଯ୍ୟ ଦରରେ ଧାନ କିଣିବେ। ଏହା ସହ ବାହାରୁ ଧାନ କିଣୁଥିବା ମିଲରଙ୍କ ମିଲ୍ ସିଲ୍ କରାଯିବ। ଏହା ସହ ମିଲ୍ କୁ କଳା ତାଲିକାଭୁକ୍ତ କରାଯିବ । ସେ ଆଉ ବେପାର କରି ପାରିବ ନାହିଁ । ନୂଆପଡ଼ାରେ ଏହି କାରଣ ପାଇଁ ମିଲ୍‌କୁ ସିଲ୍ କରାଯାଇଥିବା ମନ୍ତ୍ରୀ କହିଛନ୍ତି । ସିଧାସଳଖ ମିଲରଙ୍କ ପାଖକୁ ଧାନ ଯିବ ନାହିଁ। ମନ୍ତ୍ରୀ ଆହୁରି କହିଛନ୍ତି ଯେ, ନିକଟରେ ନୂଆପଡ଼ାରେ ମିଲ ମାଲିକ ମଣ୍ଡିରୁ ଧାନ ନ କିଣି ୫୦୦ କୁଇଣ୍ଟାଲ ଧାନ ୧୭୦୦ ଟଙ୍କାରେ କିଣି ମହଜୁଦ ରଖିଥିଲେ। ତାଙ୍କ ମିଲ ସିଲ କରାଯାଇଛି। ଆଗକୁ ଏମିତି ଯିଏ ବି କାମ କରିବ ତା ଉପରେ କଡା ଆକ୍ସନ ନେବେ ରାଜ୍ୟ ସରକାର । ଚାଷୀ ମାନଙ୍କୁ ଅପିଲ କରୁଛି ଟୋକନ ଯେଉଁ ସମୟରେ ଦିଆଯାଉଛି ସେହି ସମୟରେ ଧାନ ମଣ୍ଡିକୁ ଆଣନ୍ତୁ । ଧାନ ମଣ୍ଡିରେ ପଡ଼ି ରହିବ ନାହିଁ, ସରକାର ସେହି ଦିନ ଧାନ କିଣିନେବେ।

# ସରକାରଙ୍କୁ ବଦନାମ କରିବାକୁ ଗଣକବି ହେଲେ ମୋହରା



**କଟକ, ୨୩।୧୧ (ସଂଚାର ବ୍ୟୁରୋ):** କଟକ ବାଲିଯାତ୍ରା ଆୟୋଜନରେ ସିନ୍ଦେଙ୍କ ପରିଚାଳନାଗତ ତ୍ରୁଟିର ଆଉ ଏକ ଉଦାହାରଣ ଦେଖିବାକୁ ମିଳିଛି। ସମାଜ ସଂସ୍କାରଙ୍କୁ ସମ୍ମାନ ଦେବା ବଦଳରେ ସେମାନଙ୍କୁ ପରୋକ୍ଷରେ ଅପମାନିତ କରାଯାଉଛି। ଓଡ଼ିଶାର ଲୋକକଳା, ସଂସ୍କୃତି, ପରମ୍ପରା ସହିତ ସମସାମୟିକ କଳାକୁ ପ୍ରୋତ୍ସାହନ ଦେବା ବୈଷ୍ଣବ ପାଣି ମଂଚର ମୁଖ୍ୟ ଉଦ୍ଦେଶ୍ୟ। କିନ୍ତୁ ଏହି ମଂଚରେ ଏବର୍ଷ ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ ପରିବେଷଣ ସୁଯୋଗ ଦିଆଯାଇନି। ବରଂ ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ ଅକ୍ଷୟ ମହାନ୍ତିଙ୍କ ମଂଚରେ ଅନୁଷ୍ଠିତ ହୋଇଛି।



ଓଡ଼ିଆ ସାହିତ୍ୟର ପୁରୋଧା ତଥା ସମାଜ ସଂସ୍କାରକ ସାହିତ୍ୟିକ ଭାବେ ନାଟ୍ୟକାର ଗଣକବି ବୈଷ୍ଣବ ପାଣିଙ୍କ ପରିଚୟ। ଯାହାଙ୍କ ଗୀତିନାଟ୍ୟ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। କିନ୍ତୁ ବାଲିଯାତ୍ରା ଆୟୋଜନର ମୁଖ୍ୟ ପୁରୋଧା ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି କମିଟିର ଅଧ୍ୟକ୍ଷ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେଙ୍କ ପାଇଁ ଗଣକବିଙ୍କ ଗୀତିନାଟ୍ୟ କେବଳ ଏକ ସାଧାରଣ ସାଂସ୍କୃତିକ କାର୍ଯ୍ୟକ୍ରମ ଭଳି। ତେଣୁ ତାଙ୍କ ଗୀତିନାଟ୍ୟକୁ ସାଧାରଣ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୂଚୀରେ ରଖିଛନ୍ତି ଜିଲ୍ଲାପାଳ। ଗତକାଲି ମାହାଙ୍ଗାର ବିନୋଦ ବିହାରୀ କଳା ପରିଷଦ ଦ୍ୱାରା 'ବସ୍ତ୍ରହରଣ' ଏବଂ ଆଜି ମାହାଙ୍ଗାର ଗଣକବି ବୈଷ୍ଣବ ପାଣି କ୍ଲବ୍ ତରଫରୁ 'ସୁଭଦ୍ରା ପରିଣୟ' ଗୀତିନାଟ୍ୟ ଅକ୍ଷୟ ମହାନ୍ତି ମଞ୍ଚରେ ପରିବେଷଣ କରାଯାଇଥିଲା। ଗୀତିନାଟ୍ୟ ପରିବେଷଣ କରିଥିବା କଳାକାରଙ୍କୁ ଏ ସମ୍ପର୍କରେ ପଚାରିବାରେ ସେମାନେ କହିଥିଲେ, ପ୍ରତିଥର ଆମେ ବୈଷ୍ଣବ ପାଣି ମଞ୍ଚରେ କାର୍ଯ୍ୟକ୍ରମ କରୁ। କିନ୍ତୁ ଏଥର ଆମକୁ ଅକ୍ଷୟ ମହାନ୍ତି ➪ପୃଷ୍ଠା-୬

# ଓଡ଼ିଶା ଶିଳ୍ପ ନୀତି ଓ ବିଶ୍ୱବିଦ୍ୟାଳୟ ଆଇନ ସଂଶୋଧନକୁ କ୍ୟାବିନେଟ୍ ମଞ୍ଜୁରି

**ଭୁବନେଶ୍ୱର, ୨୩।୧୧ (ସଂଚାର ବ୍ୟୁରୋ):** ଓଡ଼ିଶା ଶିଳ୍ପ ନୀତି-୨୦୧୫ରେ ଦୁଇଟି ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହାସହିତ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୧୯୮୯ରେ ସଂଶୋଧନ ପ୍ରସ୍ତାବକୁ ମଧ୍ୟ ଆଜି କ୍ୟାବିନେଟର ମଞ୍ଜୁରୀ ମିଳିଛି।

ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଉପରୋକ୍ତ ୨ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଓଡ଼ିଶା ଶିଳ୍ପ ନୀତିରେ ଦୁଇ ସଂଶୋଧନକୁ ଆଜି କ୍ୟାବିନେଟ୍ ଅନୁମୋଦନ କରିବା ଦ୍ୱାରା ଯୋଗ୍ୟ ନିବେଶକମାନେ ପ୍ରୋତ୍ସାହନ ପାଇଁ ସେମାନଙ୍କର ଦାବିକୁ ଠିକ୍ ସମୟରେ ପାଇବାକୁ ସକ୍ଷମ ହେବେ। ଏହାସହିତ ପ୍ରୋତ୍ସାହନକୁ ସୁଗମ ପରିଚାଳନା ମଧ୍ୟ ସହଜ ହେବ। ଯେଉଁ ନିବେଶକମାନେ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିସାରିଛନ୍ତି କିନ୍ତୁ ଧାର୍ଯ୍ୟ ତାରିଖ ମଧ୍ୟରେ ପ୍ରୋତ୍ସାହନ କିମ୍ବା ପ୍ରମାଣପତ୍ର ପାଇଁ ଆବେଦନ ଦାଖଲ କରିବାକୁ ବିଫଳ ହୋଇଥିଲେ ଓ ୨୦୨୩ ଜୁନ୍ ୩୦ ମଧ୍ୟରେ ଦାଖଲ କରି ବି ଅଯୋଗ୍ୟ ହୋଇଥିବେ ➪ପୃଷ୍ଠା-୬



## ଟ୍ରେଣ୍ଡିଂ ନ୍ୟୁଜ୍

- ଆମେରିକାର ଲାଞ୍ଚ ଅଭିଯୋଗ ପରେ କେନିଆ ସରକାର ବିମାନ ବନ୍ଦର ସଶକ୍ତି ପ୍ରକଳ୍ପ ବାତିଲ କରିଥିବା ଖବରକୁ ଗୌତମ ଆଦାନିଙ୍କ ଗ୍ରୁପ ଅସ୍ୱୀକାର କଲା।
- ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ ମାତ୍ରା ଅତି ଗୁରତର ରହିଛି। ଶନିବାର ବାୟୁର ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୧୨ରେ ପହଞ୍ଚି ଥିବା ସୂଚନା।
- ଉତ୍ତର ପ୍ରଦେଶରେ ଅନୁଷ୍ଠିତ ବିଧାନସଭା ଉପନିର୍ବାଚନରେ ୯ ଆସନରୁ ବିଜେପି ୭ରେ ବିଜୟୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ।
- ମହାରାଷ୍ଟ୍ରର ନାଣ୍ଡେଡ୍ ଲୋକସଭା ଆସରେ ଅନୁଷ୍ଠିତ ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ସନ୍ତୁକରାଓ ମାରୋତରାଓ ହମ୍ବାର୍ଡେ ବିଜୟୀ ହୋଇଛନ୍ତି। ଏଠାରେ ୨୩ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ।
- ସିବିଆଇ ଓ ଆୟକର ଅଧିକାରୀ କହି ଜରିମାନା ଆଳରେ ଅର୍ଥ ମାଗୁଥିବା ବ୍ୟକ୍ତି ବିଶେଷଙ୍କ ପ୍ରତି ସତର୍କ ରହିବାକୁ ଚେତାବନୀ ଦେଲା ଷ୍ଟେଟ୍ ବ୍ୟାଙ୍କ।
- ମୁକ୍ତ ବାଣିଜ୍ୟ ରାଜିନାମା ସଂକ୍ରାନ୍ତରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ଜାକର୍ତ୍ତାରେ ୨୦୨୫ ଫେବ୍ରୁଆରୀରେ ଭାରତ ଓ ଆସିଆନ ବୈଠକ।
- ଚତୁଃରାଷ୍ଟ୍ରୀୟ ସଂଘ ଇଏଫ୍‌ଟିଏ ସହିତ ଯାଥାଶୀଘ୍ର ମୁକ୍ତ ବାଣିଜ୍ୟ ଚୁକ୍ତି ନିର୍ଦ୍ଧାରଣ ପାଇଁ ନରୱେ ଗଲେ ବାଣିଜ୍ର ସଚିବ ସୁନୀଲ ବର୍ତ୍ତୱାଲ।

# ପ୍ରଶାସନିକ ସ୍ତରରେ ଅଦଳବଦଳ

- ଶ୍ରମ ଓ ଇଏସ୍‌ଆଇ ସଚିବ ହେଲେ ଚିତ୍ରା ଅରୁମୁଗମ
- ଓଏମସି ପରିଚାଳନା ନିର୍ଦ୍ଦେଶକ ହେଲେ ସୁଧାଂଶୁ ସାମଲ
- କ୍ରିଡା ନିର୍ଦ୍ଦେଶକ ହେଲେ ଦୀପଙ୍କର ମହାପାତ୍ର

**ଭୁବନେଶ୍ୱର, ୨୩।୧୧ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଜି ଦିଲ୍ଲୀରୁ ଫେରିବା ପରେ ଆଇଏଏସ ସ୍ତରରେ ବଡ ଧରଣର ଅଦଳ ବଦଳ ହୋଇଛି। ଯୋଜନା ଓ ସଂଯୋଜନା ବିଭାଗର ସ୍ୱତନ୍ତ୍ର ସଚିବ ୧୯୯୫ ବ୍ୟାଚର ଆଇଏଏସ ଅଫିସର ଚିତ୍ରା ଅରୁମୁଗମଙ୍କୁ ଶ୍ରମ ଓ ଇଏସଆଇ ବିଭାଗର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି। ସେ ବିଜ୍ଞାନ ଓ କାରିଗରି ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ। ସେହିଭଳି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ୨୦୦୮ ବ୍ୟାଚର ଆଇଏଏସ ଅଫିସର ଯାମିନୀ ଷଡଙ୍ଗୀଙ୍କୁ ବାଣିଜ୍ୟ ଓ ଜିଏସଟି କମିଶନର ଭାବେ ବଦଳି କରାଯାଇଛି। ଏଥିସହ ସେ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ। ଜଳ ସମ୍ପଦ ବିଭାଗର ଅତିରିକ୍ତ ସଚିବ ୨୦୧୦ ବ୍ୟାଚର ଆଇଏଏସ ଅଫିସର ସୁଧାଂଶୁ ମୋହନ ସାମଲଙ୍କୁ ଓଡ଼ିଶା ଖଣି ନିଗର ପରିଚାଳନା ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି।

ଅନୁସୂଚିତ ଜନଜାତୀ ନିର୍ଦ୍ଦେଶକ ୨୦୧୧ ବ୍ୟାଚର ଆଇଏଏସ ଇନ୍ଦ୍ରମଣୀ ତ୍ରିପାଠୀଙ୍କୁ ଶ୍ରମ କମିଶନର ଭାବେ ବଦଳି କରାଯାଇଛି। ଓଡ଼ିଶା ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ପୋମା ଟୁଟୁ ଅନୁସୂଚିତ ➪ପୃଷ୍ଠା-୬

## ସନ୍ୟାସୀଙ୍କ ଖାକି ଚେନ୍ ସକ୍ରିୟ



ପୁଲିସ୍ ବିଭାଗର ଡିଏସ୍‌ପି ବଦଳିରେ ସକ୍ରିୟ ସନ୍ୟାସୀଙ୍କ ଚେନ୍। ଏହି ଚେନ୍‌ରେ ଥିବା ଦୁଇ ଅନୁଗତ ବଦଳି ତାଲିକା ପ୍ରସ୍ତୁତ କରୁଛନ୍ତି। ଏହି ଦୁଇ ଅନୁଗତଙ୍କ ମଧ୍ୟରେ ଜଣେ ଓଡ଼ିଆ ଓ ଜଣେ ଅଣଓଡ଼ିଆ ଅଧିକାରୀ ରହିଛନ୍ତି। ଏମାନେ ବାରମ୍ବାର ତାଲିକାରେ ପରବର୍ତ୍ତନ କରୁଥିବାରୁ ସନ୍ୟାସୀଙ୍କ ଚେନ୍ ନେଇ ଖାକି ବାବୁମାନଙ୍କର ସନ୍ଦେହ ବଢ଼ିବାରେ ଲାଗିଛି। ସବୁଠାରୁ ବଡ କଥା ହେଲା ସନ୍ୟାସୀଙ୍କ ସମୟରେ ଏହି ଦୁଇଜଣ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଥିଲେ। ଜଣେ ରାଜଧାନୀ ଜଗିଥିବାବେଳେ ଆଉ ଜଣେ ମୁଖ୍ୟାଳୟ ଜଗିଥିଲେ। ତେଣୁ ପୁରୁଣା ଆନୁଗତ୍ୟକୁ ଭୁଲିପାରୁ ନାହାନ୍ତି। ଅଜଣା ନମ୍ବରରୁ ସନ୍ୟାସୀଙ୍କ ସହିତ ଯୋଗାଯୋଗରେ ଏଭଳି ଖେଳ ଚଳାଇଛନ୍ତି ଖାକି ବାବୁମାନେ। ଏନେଇ ଲୋକସେବା ଭବନରେ ଟୁପୁରୁ ଟାପୁରୁ ଚାଲିଥିବାବେଳେ ଗୃହ ବିଭାଗକୁ ହାତରେ ରଖିଥିବା ମୁଖ୍ୟମନ୍ତ୍ରୀ ଟିକେ ଏମାନଙ୍କ ଉପରେ ନଜର ଦେବାକୁ ମତପ୍ରକାଶ ପାଉଛି।

# ପାୱାରଫୁଲ ଏସିପି ଏବେ ପାୱାରଲେସ୍!

**ଭୁବନେଶ୍ୱର, ୨୩।୧୧ (ସଂଚାର ବ୍ୟୁରୋ):** ଦିନ ଥିଲା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଛାଇ ଭଳି ରହୁଥିଲେ। ଏସିପି ଭାବେ କାର୍କେଡ୍ ଦାୟିତ୍ୱ ସମ୍ଭାଳୁଥିଲେ। ପାୱାର କରିଡର ସହ ଜଡିତ ହୋଇଥିଲେ। ବିଜେଡି ସରକାରରେ ଟ୍ରାଫିକ ଏସିପି ଭାବେ ଶେଷ ମୁହୂର୍ତ୍ତରେ କାର୍ଯ୍ୟ ମଧ୍ୟ କରିଥିଲେ। କିନ୍ତୁ ଏବେ ପନିସମେଣ୍ଟ ପୋଷ୍ଟିଂ ଭାବେ ପ୍ରେସବାର୍ତ୍ତା ତିଆରି ଦାୟିତ୍ୱ ମିଳିଛି। ଆମେ କହୁଛୁ ଏସିପି ଜୟନ୍ତ ଦୋରାଙ୍କ କଥା। ଏକଦା ନବୀନ ନିବାସରେ ପାୱାରଫୁଲ ଥିବା ଏହି ଅଫିସର ମୋହନ ସରକାରରେ ଏବେ ଖତ ହେବା ଅବସ୍ଥା। ବେଶ କିଛିଦିନ ଟ୍ରାଫିକ ଏସିପି ଭାବେ ଦାୟିତ୍ୱ ତୁଲାଇଥିବା ଜୟନ୍ତଙ୍କ ସମୟରେ ସହରରେ ଭୁଶୁଡି ପଡ଼ିଥିଲା ଟ୍ରାଫିକ ବ୍ୟବସ୍ଥା। ପଲାଶୁଣି, ରସୁଲଗଡ଼, କଳ୍ପନା, କଟକ ରୋଡ଼, ଜୟଦେବ ବିହାରରୁ ପଟିଆ, ସିଆର୍ପି ଛକ, ନୟାପଲ୍ଲୀ ସବୁଆଡ ଅବସ୍ଥା ବିଗିଡି ଯାଇଥିଲା। ଭିଭିଆଇପିଙ୍କ ଗସ୍ତ ବେଳେ ଅଘଟଣ ଘଟିଥିଲା। ପାଣି ଫୋଟକା ଭଳି ଜୀବନ ରାସ୍ତାରେ ➪ପୃଷ୍ଠା-୬



# ଇଡି ଟାର୍ଗେଟ୍‌ରେ 'ଜେଡ୍' ଇଷ୍ଟେଟ

**ଭୁବନେଶ୍ୱର, ୨୩।୧୧ (ସଂଚାର ବ୍ୟୁରୋ):** ବିଲ୍ଡର ସଂସ୍ଥା 'ଜେଡ୍' ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଚଢ଼ାଉ କରାଯାଇଛି। ବୈଦେଶିକ ମୁଦ୍ରା ବିନିମୟ ଆଇନ ଉଲ୍ଲଂଘନ ଅଭିଯୋଗରେ ୧୧ ସ୍ଥାନରେ ଚଢ଼ାଉ କରାଯାଇଥିବା ସୂଚନା ମିଳିଛି। ବିଲ୍ଡର ସଂସ୍ଥା 'ଜେଡ୍' ବେଆଇନ ବୈଦେଶିକ ମୁଦ୍ରା ବିନିମୟ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଇଡି ଏହା ଉପରେ ତୀକ୍ଷ୍ଣ ନଜର ରଖିଥିଲା। ଗତକାଲି ଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା। 'ଜେଡ୍' ନିର୍ଦ୍ଦେଶକଙ୍କ ଘର ଓ ଅଫିସରେ ମଧ୍ୟ ଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା। ବହୁ ଗୁରୁତ୍ୱ ପୂର୍ଣ୍ଣ କାଗଜପତ୍ର ଓ ବିପୁଳ ଅର୍ଥ ଜବତ କରାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ରେଡ୍ ସମ୍ପର୍କରେ ଜେଡ୍ ଇଷ୍ଟେଟ୍ ମୁଖ୍ୟ ତପନ ମହାନ୍ତି କହିଛନ୍ତି, ଏହା ରେଡ୍ କରାଯାଇ ନ ଥିଲା, ଖାଲି ସର୍ଚ୍ଚ କରାଯାଇଥିଲା। ୧୧ ସ୍ଥାନରେ ନୁହେଁ, ୨ରୁ ୩ଟି ସ୍ଥାନରେ ଯାଞ୍ଚ କରାଯାଇଥିଲା। ଫରେନ ଏକ୍ସଚେଞ୍ଜ ମ୍ୟାନେଞ୍ଜମେଣ୍ଟ ଆକ୍ଟ(ଫେମା) ଅନୁସାରେ ଯେଉଁ ବିଦେଶୀପୁଞ୍ଜି ଆସିଛି ତାହାକୁ ନେଇ ସାଧାରଣ ଭାବେ ଭୁବନେଶ୍ୱ ଘର, ଅଫିସ ଓ ଦିଲ୍ଲୀର ଏକ ଅଫିସରେ ଯାଞ୍ଚ କରାଯାଇଥିଲା। ଆମେ ସହଯୋଗ କରିଛୁ। ଇଡି ମୋ' ଘରୁ ନଗଦ ଟଙ୍କା, ଅଳଙ୍କାର ଓ ଆପତ୍ତିଜନକ ଡକ୍ୟୁମେଣ୍ଟ ଜବତ କରିନାହିଁ ବୋଲି ଶ୍ରୀ ମହାନ୍ତି କହିଛନ୍ତି।



**କାନ ଡେରିଥା**

ବିଜେପି ହାତରେ ବମ୍ବେଇ ଲଡୁ
ନେତାଏ ଖୁସିରେ ଗଦଗଦ
ନିର୍ବାଚନ ହାରି ବିଚରା ଚିତ୍
ଦୁଃଖରେ ଶରତ ଉଦ୍ଧବ।

## ଆଦାନୀ ପ୍ରସଙ୍ଗରେ ସଂସଦରେ କ'ଣ କରିବ ବିଜେଡି ?

# ଦଳ ପାଇଁ ଲାଞ୍ଚ ପ୍ରସଙ୍ଗ ଏବେ 'ଭାଲୁ' ପାଲଟିଛି

**ଭୁବନେଶ୍ୱର, ୨୩।୧୧ (ସଂଚାର ବ୍ୟୁରୋ):** ସଂସଦ ଅଧିବେଶନ ପୂର୍ବରୁ ସାରା ଦେଶରେ ଏବେ ଅଦାନୀ ଲାଞ୍ଚ ମାମଲା ଝଡ ସୃଷ୍ଟି କରିଥିବାବେଳେ କଂଗ୍ରେସ ଓ ଇଣ୍ଡିମେଣ୍ଟ ଏହି ପ୍ରସଙ୍ଗରେ ଏନ୍‌ଡିଏ ସରକାରକୁ ଘେରିବା ସ୍ପଷ୍ଟ ହୋଇଛି। ତେବେ ଅଦାନୀ ଲାଞ୍ଚ ମାମଲାରେ ବିଜେଡିର ଭୂମିକା ସଂସଦରେ କ'ଣ ରହିବ ତାହା ଉପରେ ଏବେ ସମସ୍ତଙ୍କ ନଜର। ଅଦାନୀ ଲାଞ୍ଚ ପ୍ରସଙ୍ଗ ପଦାକୁ ଆସିବାପରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଭଳି ପୂର୍ବତ୍ତୋର ରାଜ୍ୟରେ ସୌରପ୍ରକଳ୍ପ ପାଇଁ ବ୍ୟାପକ ଲାଞ୍ଚ କାରବାର ହୋଇଥିବାର ଅଭିଯୋଗ ଉଠୁଛି। ଲାଞ୍ଚ କାରବାର ବିଜେଡି ସରକାର ସମୟରେ ହୋଇଥିବାରୁ ଖୋଦ୍ ବିରୋଧୀଦଳ ନେତା ତଥା ବିଜେଡି ସଭାପତି ଏବେ କାଠଗଡ଼ାରେ। ଅଦାନୀ ଠାରୁ ବିଜେଡି କେତେ ଲାଞ୍ଚ ନେଇଛି ତାହାର ହିସାବ ଏବେ ବିରୋଧୀ ମାଗିଲେଣି। ତେଣେ ସଂସଦରେ ବିଜେପି ବିରୁଦ୍ଧରେ ଅଦାନୀ ଲାଞ୍ଚ ଅସ୍ତ୍ର ପ୍ରୟୋଗ ପାଇଁ କଂଗ୍ରେସ ଓ ଏହାର ସହଯୋଗୀଦଳମାନେ ପ୍ରସ୍ତୁତ ହେଲେଣି। ଏଥିପାଇଁ ବିଭିନ୍ନ ଗଣମାଧ୍ୟମରେ ସେମାନେ ଏବେଠାରୁ ➪ପୃଷ୍ଠା-୬



# ବିଶ୍ୱବିଦ୍ୟାଳୟକୁ ମିଳିବ କୁଳପତି ନିଯୁକ୍ତି କ୍ଷମତା

**ଭୁବନେଶ୍ୱର, ୨୩।୧୧ (ସଂଚାର ବ୍ୟୁରୋ):** ତିନି ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳ ସାମୟିକ ଭାବେ ବୃଦ୍ଧି କରାଯାଇଛି। ଖୁବ ଶୀଘ୍ର କୁଳପତି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଜି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ୨୦୨୦ ନିୟମରେ ଯେଉଁଠି କୁଳପତି ନିଯୁକ୍ତି ହେଉଥିଲେ, ତାହା ସଂଶୋଧନ ହେବ। ବିଶ୍ୱବିଦ୍ୟାଳୟକୁ ସ୍ୱୟଂଶାସିତ କରି କୁଳପତି ନିଯୁକ୍ତି କ୍ଷମତା ଦିଆଯିବ। ସୂଚନାଯୋଗ୍ୟ, ଚଳିତମାସରେ ଶେଷ ହେଉଥିବା ରାଜ୍ୟର ୩ ପ୍ରମୁଖ ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳକୁ ଗତ ଗୁରୁବାର ରାଜ୍ୟପାଳ ଆଉ ୬ମାସ ବୃଦ୍ଧି କରିଛନ୍ତି। ସେଗୁଡିକ ହେଲା ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତିଙ୍କ କାର୍ଯ୍ୟକାଳ ସରିବା ଦିନଠାରୁ ୬ମାସ ପର୍ଯ୍ୟନ୍ତ ତଥା ନୂଆ କୁଳପତି ଯୋଗଦେବା ପର୍ଯ୍ୟନ୍ତ ଏହାକୁ ବୃଦ୍ଧି କରାଯାଇଛି।

# ଓମାନରେ ଫସିଛନ୍ତି ୩ ଓଡିଆ ଯୁବକ

## ଗାଁକୁ ଫେରାଇ ଆଣିବାକୁ ଭିଡିଓ ବାର୍ତ୍ତା ମାଧ୍ୟମରେ ନିବେଦନ



**ରାଜନଗର, ୨୩।୧୧ (ସଂଚାର ବ୍ୟୁରୋ):** ସୁଦୂର ଓମାନରେ ଦାଦନ ଖଟିବାକୁ ଯାଇ ଫସିଛନ୍ତି ୩ ଓଡ଼ିଆ ଯୁବକ। କମ୍ପାନୀ କର୍ତ୍ତୃପକ୍ଷ ଲୋଭ ଦେଖାଇ କାମ କରାଇବାକୁ ଶ୍ରମିକମାନଙ୍କୁ ନେଇଯିବା ପରେ ସେଠାରେ ନିର୍ଯ୍ୟାତନା ଦେଉଥିବା ନେଇ ଅଭିଯୋଗ ଆସିଛି। ଦୀର୍ଘ ୧୯ମାସ ତଳୁ ଭିସା ଅବଧି ସରି ଯାଇଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ଏହି ଯୁବକମାନଙ୍କୁ ଦରମା ଦେଉନଥିବା ବେଳେ ଗାଁକୁ ପଠାଇବାକୁ ବ୍ୟବସ୍ଥା କରୁନଥିବା ନେଇ ସେମାନେ ଭିଡିଓ ବାର୍ତ୍ତା ମାଧ୍ୟମରେ କହିବା ସହ ରାଜ୍ୟ ଓ କେନ୍ଦ୍ର ସରକାର ଏ ନେଇ ପଦକ୍ଷେପ ନେବା ସହ ସେମାନଙ୍କୁ ଗାଁକୁ ଆଣିବାର ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ମଙ୍ଗରାଜପୁର ଗାଁର ରଞ୍ଜନ ରାଉତ, ପଟ୍ଟାମୁଣ୍ଡାଇ ବ୍ଲକ ଗୋପ୍ତିରା ଗାଁର ସୁଶାନ୍ତ କୁମାର ପୃଷ୍ଟି, ଢେଙ୍କାନାଳ ଜିଲ୍ଲାର ପ୍ରଦ୍ୟୁମ୍ନ ସାହୁ ଓମାନରେ ଫସି ରହିଛନ୍ତି। ମଙ୍ଗରାଜପୁର ଗାଁର ରଞ୍ଜନ ରାଉତଙ୍କ ସୂଚନା ମୁତାବକ ସେ ଅଢେଇ ବର୍ଷ ତଳେ କାମ କରିବାକୁ ଓମାନ ଯାଇଥିଲେ। ଗୁଜୁରାଟ ମାଲିକଙ୍କ ଅଲର ୱାଇ ଇଂଟରନ୍ୟାସନାଲ କମ୍ପାନୀରେ ସେ ପାଣିପାଇପ ମିସ୍ତ୍ରୀ ଭାବେ କାମ କରୁଥିଲେ। ତାଙ୍କର ୧୯ମାସ ତଳୁ ଭିସା ଅବଧି ଶେଷ ହୋଇଥିବା ବେଳେ ୮ମାସ ହେଲା ସେ କାମ ନକରି ବସି ରହିଛନ୍ତି। କାମ ହେଉଥିବା ସାଇଟରୁ ସେମାନଙ୍କୁ ଆଣି କମ୍ପାନୀର କ୍ୟାମ୍ପରେ ତାଙ୍କୁ ରଖାଯାଇଛି। ତାଙ୍କୁ କାମ ଦିଆଯାଉନଥିବା ବେଳେ ଦରମା ବି ଦିଆଯାଉନି। ଦୀର୍ଘ ୮ମାସ ହେଲା ସେ ଘରକୁ ଆସିବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର କହିଲେ ମଧ୍ୟ ସେ ଆଜି କାଲି କହି ସମୟ ଗଡ଼ାଇ ଚାଲିଛନ୍ତି। ଏପଟେ ସେ କାମ କଲେ ଘରେ ଚୂଲି ଜଳେ। କମ୍ପାନୀ ଦରମା ଦେଉନଥିବାରୁ ସେ ଘରକୁ ଟଙ୍କାଟିଏ ପଠାଇ ପାରୁନାହାଁନ୍ତି। ଘରେ ବୁଢ଼ୀ ମାଆ, ପତ୍ନୀ, ପୁଅ ଓ ଝିଅ ମଧ୍ୟ ଭୋକ ଉପାସରେ ରହୁଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ଏ ଦିଗରେ ପଦକ୍ଷେପ ନେଇ ସେମାନଙ୍କୁ ଉଦ୍ଧାର କରିବାକୁ ରଞ୍ଜନଙ୍କ ସହିତ ଫସିଥିବା ଅନ୍ୟ ଓଡିଆ ଯୁବକମାନେ ଭିଡିଓ ବାର୍ତ୍ତା ମାଧ୍ୟମରେ ଆକୁଳ ନିବେଦନ କରିଛନ୍ତି।

# ବର୍ଷକୁ ୧୦ କୋଟିର ବାଲି ଚୋରି



**କେନ୍ଦ୍ରାପଡ଼ା, ୨୩।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ପୂର୍ବ ସରକାର ସମୟରୁ ଲଘୁ ଖଣିସମ୍ପଦ ଲୁଟ୍ ଚାଲିଛି । ଯାହାର ବ୍ରେକ୍ ଏପର୍ଯ୍ୟନ୍ତ ଲାଗିପରୁନାହିଁ । ବାଲି ମାଫିଆଙ୍କ ବାଲି ଚୋରି ନିଶା ଏଭଳି ଲାଗିଛି ଯେ ଦିନ ଦ୍ୱିପ୍ରହରରେ ନଦୀରେ ପଶି ବାଲି ଲୁଟୁଛନ୍ତି। ଜିଲ୍ଲାରେ କାର୍ଯ୍ୟକ୍ଷମ ହେଉଥିବା ୧୯ରୁ ୧୭ ବାଲିଘାଟ ଲିଜଧାରୀ ନିଲାମ ରାଶି ଦେଇ ନଥିବା ବେଳେ ବାଲି ଚାଲାଣରେ କିଛି ଅଙ୍କୁଶ ଲଗିନାହିଁ । ଜିଲ୍ଲାରେ ଥିବା ପୂର୍ବତନ ଲଘୁ ଖଣିଜସମ୍ପଦ ଅଧିକାରୀଙ୍କ ନିରବତା ପାଇଁ ବାଲି ମାଫିଆଙ୍କ ବାଲି ଚୋରି କରିବାରେ ସହାୟକ ହୋଇଛି। ଏଭଳି ସ୍ଥିତିରେ ବର୍ଷକୁ ହାରାହାରି ଭାବେ ଜିଲ୍ଲାରେ ୧୦ କୋଟିରୁ ଅଧିକ ଟଙ୍କାର ବାଲି ଲୁଟ୍ ହୋଇଥିବା ଆକଳନ କରାଯାଉଛି।

ଜିଲ୍ଲା ଅତିରିକ୍ତ ଖଣି ଅଧିକାରୀ ରଞ୍ଜିତ ବେହେରାଙ୍କ ସୂଚନାନୁଯାୟୀ, କେନ୍ଦ୍ରାପଡ଼ା ଜିଲ୍ଲାରେ ୨୦୨୩-୨୪ ଆର୍ଥିକ ବର୍ଷରେ ନିଲାମ ଘାଟରେ ଜିଲ୍ଲାରେ ସମୁଦାୟ ୧୯ଟି ବାଲିଘାଟ କାର୍ଯ୍ୟକ୍ଷମ ରହିଛି । ଏହାବାଦ୍ ଅନ୍ୟ ଯେଉଁ ୯ଟି ଘାଟ ଥିଲେ ମଧ୍ୟ ତାହା ନିଲାମ ହେଇନାହିଁ। ଲିଜ୍ ଧାରି ମାନେ ପାଞ୍ଚବର୍ଷ ପାଇଁ ଘାଟ ନିଲାମ ନେଉଥିଲେ। ଏହା ଭିତରେ ବାଲିଘାଟ ପରିଚାଳନା ହେଉଥିବା ୨୦୨୩ ବର୍ଷରେ ଆଦୌ ବକେୟା ରାଶି ଦେଇ ନଥିବା ୧୭ ଲିଜଧାରୀ ଘାଟରୁ ବେଧଡ଼କ ହଜାର ହଜାର ଟ୍ରିପ୍ ବାଲି ବିକ୍ରି କରିଥିବା ବେଳେ ଖଣି ବିଭାଗ ସବୁ ଜାଣି ନଜାଣିଲା ଭଳି ହାତବାନ୍ଧି ବସିଛି। ଏହାଦ୍ୱାରା ସରକାରଙ୍କ କୋଟିକୋଟି ଟଙ୍କାର ରାଜସ୍ୱ ହାନି ହୋଇଥିବା ବେଳେ ଲିଜଧାରୀ କିନ୍ତୁ ବିପୁଳ ଅର୍ଥ ଆଦାୟ କରିଛନ୍ତି । କେବଳ ସ୍ୱୀକୃତିପ୍ରାପ୍ତ ବାଲିଘାଟରେ ଏହି ହରିଲୁଟ୍ ପରିମାଣ ୫ କୋଟିରୁ ଅଧିକ ଟଙ୍କା ହେବ ବୋଲି ଆକଳନ କରାଯାଉଛି । ଯଦି ବେଆଇନ ଘାଟକୁ ଏଥିରେ ମିଶାଯିବ ତେବେ ବର୍ଷକ ଭିତରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ବାଲି ଚୋରି ପରିମାଣ ୧୦ କୋଟିରୁ ଉର୍ଦ୍ଧ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି ।

ତହସିଲ ଅଧିନରୁ ବାଲି ଖାଦାନ ସମ୍ପୂର୍ଣ୍ଣ ଛଡାଇ ଦିଆଯିବା ସହ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ୨୦୨୩ରୁ ଖଣି ବିଭାଗ ବାଲିଘାଟ ଦାୟିତ୍ୱ ନେଇଥିବା ବେଳେ ଜିଲ୍ଲାରେ ମାତ୍ର ଦୁଇଟି ବାଲିଘାଟ ତୁଳସୀପୁର ଓ ବସପୁରକୁ ଛାଡ଼ି ଦେଲେ ବାକି ୧୭ଟି ବାଲିଘାଟ ଲିଜଧାରୀଙ୍କ ଉପରେ କୋଟିକୋଟି ଟଙ୍କା ବକେୟା ପଡ଼ିଛି। ସେମାନଙ୍କୁ ପୂର୍ବରୁ ନୋଟିସ୍ ଦିଆଯାଇଥିଲେ ମଧ୍ୟ ସେମାନେ ନିଲାମ ରାଶି ପୈଠ କରିନାହାନ୍ତି ।

କିଛିଦିନ ପୂର୍ବେ ଜିଲ୍ଲାର ବସପୁର ବାଲିଘାଟକୁ ନେଇ ବିବାଦ ଉପୁଜିବା ପରେ ଲିଜଧାରୀ ଟଙ୍କା ପୈଠ ନକରିବା ଗଣମାଧ୍ୟମ ସାମ୍ନାକୁ ଆସିଥିଲା। ଖଣି ଅଧିକାରୀ ଏହି ଘାଟ ଉପରେ ୫୮ଲକ୍ଷ ୪୬ହଜାର ୪୯୬ଟଙ୍କା ବକେୟା ଥିବା ନେଇ ଲିଗ୍‌ଧାରୀ କେନ୍ଦୁଝରର ଯୋଗେନ୍ଦ୍ର ବେହେରାଙ୍କୁ ନୋଟିସ୍ ଜାରି କରିବା ସହିତ ବାଲି ଉତ୍ତୋଳନ ଉପରେ ରୋକ୍ ଲଗାଇ ଦେଇଥିଲେ। ଯାହାକୁ ନେଇ ପ୍ରତିକ୍ରିୟା ନେବାରୁ ଏ ସଂପର୍କରେ ଜିଲ୍ଲା ଖଣି ଅଧିକାରୀ କହିଛନ୍ତି ଯେ ନୋଟିସ୍ ପରେ ବସପୁର ଲିଗ୍‌ଧାରୀ ଶ୍ରୀ ବେହେରା ଧାର୍ଯ୍ୟ ରାଶି ପୈଠ କରିଛନ୍ତି । ଅନ୍ୟଟି ଥିବା ତୁଳସୀପୁର ଘାଟକୁ କୌଣସି ବକେୟା ନାହିଁ। ବାକି ୧୭ଟି ବାଲିଘାଟ ଉପରେ କୋଟିକୋଟି ଟଙ୍କା ବକେୟା ପଡ଼ିଛି। ଏବେ ସେମାନଙ୍କର ହିସାବ କରାଯାଇ ନୋଟିସ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ଏପର୍ଯ୍ୟନ୍ତ ବାଲିଖାଦନରୁ ବାଲି ଚୋରି କମିନାହିଁ ।

# ଅଶାଳୀନ ଆଚରଣ ଓ ଗଣ୍ଡଗୋଳକୁ ନେଇ ଥାନାରେ ଏତଲା ଦେଲେ ଯୁବତୀ

**ମହାକାଳପଡ଼ା, ୨୩।୧୧ (ସଂଚାର ବ୍ୟୁରୋ):** ଜଣେ ଯୁବତୀଙ୍କୁ ଅଶାଳୀନ ଆଚରଣ ପ୍ରଦର୍ଶନ ଓ ପରେ ଗଣ୍ଡଗୋଳକୁ ନେଇ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପ୍ରାଥମିକ ସୂଚନା ରିପୋର୍ଟ ମିଳିବା ପରେ ମହାକାଳପଡ଼ା ଥାନା ତରଫରୁ ଘଟଣାର ତଦନ୍ତ ଚଳାଇଛନ୍ତି। ଲିଖିତ ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ବାରଡାଙ୍ଗ ଗ୍ରାମର ସୁଲୋଚନା ବାରିକ(୨୯) ପିଣ୍ଡାରେ ବସିଥିବା ସମୟରେ ସେହି ଗ୍ରାମର ବାଜିଆ ଦାସଙ୍କ ପୁତ୍ର ସଞ୍ଜୟ ଦାସ(୩୭) ମଦ୍ୟପାନ କରି ଯୁବତୀ ଜଣଙ୍କୁ ଅଶାଳୀନ ଆଚରଣ କରିଥିଲେ। ଏ ଘଟଣା ପରେ ଯୁବତୀ ତାଙ୍କ ମାଆଙ୍କ ଆଗରେ କହିଦେଇଥିଲେ। ଯୁବତୀଙ୍କ ମାଆ ଏହି ଘଟଣାରେ ସଞ୍ଜୟଙ୍କ ପତ୍ନୀଙ୍କୁ ପଚାରିବାରୁ ଗାଳି ଗୁଲଜ କରିବା ସହ କ'ଣ ହେଇଗଲା କହିଥିଲେ । ପରେ ପରେ ସଞ୍ଜୟ ଘର ଭିତରୁ ବାହାରି ଅଶାଳୀନ ଆଚରଣ କରି ବିଧା, ଗୋଇଠା ମାରିବା ସହିତ ସୁଲୋଚନାଙ୍କ ଓନିରେ ବେକକୁ ଗୁଡ଼ାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି। ସୁଲୋଚନାଙ୍କ ଛାତିରେ ଗଭୀର ଆଘାତ ଲାଗିବାରୁ ସେ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି ବୋଲି ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ମହାକାଳପଡ଼ା ଥାନା ଅଧିକାରୀ ଏହି ଘଟଣାରେ ସୁବିଚାର କରିବାକୁ ଅଭିଯୋଗକାରୀ ଦାବି କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

# ମୁଖ୍ୟମନ୍ତ୍ରୀ ଓ ସଚିବଙ୍କ ନିର୍ଦ୍ଦେଶ କେବେ ପାଳିବେ ଜିଲ୍ଲାପାଳ ?

**କେନ୍ଦ୍ରାପଡ଼ା/ମହାକାଳପଡ଼ା, ୨୩।୧୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକର ବାହୁବଳୀ ପିଅନଙ୍କୁ ନେଇ ବିବାଦ ଥମୁନି। ଦୀର୍ଘ ୨୦ ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି ଚିତ୍ତରଞ୍ଜନ ସାହୁ। ତାଙ୍କ ପଦବୀର ଅପବ୍ୟବହାର କରି ଷଡ଼ଯନ୍ତ୍ର ସହ ନିଜ ପରିବାର ତଥା ସମ୍ପର୍କୀୟ ମାନଙ୍କ ନାମରେ ୧୨ ଗୋଟି ଆବାସ ଗୃହ ହାତେଇବା ଅଭିଯୋଗ ଆଣି ସ୍ୱର୍ଗତ ସୂଚନା ଅଧିକାର କର୍ମୀ ରଞ୍ଜନ କୁମାର ଦାସ ମାନ୍ୟବର ଲୋକାୟୁକ୍ତଙ୍କ ନିକଟରେ ମାମଲା (ଏଲ.ୱାଇ ୧୭୧/୨୦୨୦)ରୁଜୁ କରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୦୧୪-୧୫ ଆର୍ଥିକ ବର୍ଷ ରେ ନିଜ ବାପା ଭିକାରୀ ଚରଣ ସାହୁଙ୍କ ନାମରେ ଉଠାଇଛନ୍ତି ୩ ଗୋଟି ଆବାସ ଗୃହ। ଭିକାରୀ ଚରଣ ସାହୁଙ୍କ ପିତାଙ୍କ ନାମରେ ବନାନ ବଦଳାଇ ଏହି ୩ ଆବାସ ଗୃହ ହାତେଇଛନ୍ତି। ଏହି ଅଭିଯୋଗ ପରେ ଲୋକାୟୁକ୍ତ ଭିଜିଲାନ୍ସ ତଦନ୍ତ ପାଇଁ ସୁପାରିଶ କରିଥିଲେ। ଭିଜିଲାନ୍ସ ତଦନ୍ତ କରି ଘଟଣାରେ ରିପୋର୍ଟ ଲୋକାୟୁକ୍ତଙ୍କୁ ପ୍ରଦାନ କରିଥିଲେ।

ରଞ୍ଜନ ଦାସଙ୍କ ଦେହାନ୍ତ ପରେ ସେହି ଘଟଣାକୁ ୪ ମାସ ତଳେ ବିଭାଗୀୟ ତତ୍ପରତା ପାଇଁ କେନ୍ଦ୍ରାପଡ଼ା

**ଉଦ୍‌ବେଗ ପ୍ରକାଶ କଲେ ସୂଚନା ଅଧିକାର କର୍ମୀ**

ଜିଲ୍ଲା ସୂଚନା ଅଧିକାର ଆଇନ ଆବାହକ ପ୍ରତାପ ମହାନ୍ତି ଓଡ଼ିଶା ଲୋକାୟୁକ୍ତ, ମୁଖ୍ୟମନ୍ତ୍ରୀ ଓଡ଼ିଶା ଓ ପଞ୍ଚାୟତରାଜ ବିଭାଗ ଙ୍କୁ ସମ୍ପୃକ୍ତ ପିଅନଙ୍କ ବଦଳି ଓ ଦୁର୍ନୀତି ଉପରେ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗ କରିଥିଲେ। ଶ୍ରୀଯୁକ୍ତ ମହାନ୍ତିଙ୍କ ଚିଠି ଆଧାରରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଓ ପଞ୍ଚାୟତିରାଜ ସଚିବ ଶ୍ରୀ ତପନ କୁମାର ସାହୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ତା ୧୭ ଅକ୍ଟୋବର ୨୦୨୪ ରେ ଚିଠି ନମ୍ବର ପି.ଆର-ପି.ଡି.ଓ-ପି.ଜି-୦୧୯୪-୨୦୨୪, ୨୩୭୪୬ ରେ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଯାଏଁ ଜିଲ୍ଲାପାଳ ଏ ଘଟଣାରେ କୋଣସି ପଦକ୍ଷେପ ଗ୍ରହଣ କରିନଥିବା କହି ଉଦବେଗ ପ୍ରକାଶ କରିଛନ୍ତି।

ରାଜ୍ୟ ସରକାର ଦୁର୍ନୀତି ଭ୍ରଷ୍ଟାଚାର ବିରୋଧରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ଖୋଦ୍ ମୁଖ୍ୟମନ୍ତ୍ରୀ ଓ ସଚିବଙ୍କ ନିର୍ଦ୍ଦେଶକୁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ କାହିଁକି କୋହଳ ନେଇଛନ୍ତି ତାହାକୁ ପ୍ରଶ୍ନ ଉଠୁଛି। ତୁରନ୍ତ କେନ୍ଦ୍ରାପଡ଼ା ଜିଲ୍ଲାପାଳ ମହାକାଳପଡ଼ା ବ୍ଲକ ପିଅନ ଚିତ୍ତରଞ୍ଜନ ସାହୁଙ୍କ ବଦଳି ସହ ଦୁର୍ନୀତି ଉପରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀଯୁକ୍ତ ମହାନ୍ତି ଦାବି କରିଛନ୍ତି।



# ୬୨ବର୍ଷରେ ପିକିରାଳୀ କାର୍ତ୍ତିକେଶ୍ୱର ପୂଜା

**କେନ୍ଦ୍ରାପଡ଼ା, ୨୩।୧୧ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ୍ ପରକୁଳା ପଞ୍ଚାୟତ ପିକିରାଳୀ ଗ୍ରାମରେ ନିଆରା ପବିତ୍ର କାର୍ତ୍ତିକେଶ୍ୱର ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ୧୯୬୨ ମସିହାରୁ ଆରମ୍ଭ ହୋଇଥିବା ପୂଜା ଚଳିତ ବର୍ଷ ୬୨ ବର୍ଷରେ ପଦାର୍ପଣ କରିଛି । ପିକିରାଳୀ ଗ୍ରାମର ଆୟୋଜିତ ହେଉଥିବା ମଣ୍ଡପରେ କାର୍ତ୍ତିକେଶ୍ୱରଙ୍କ ପୂଜାର୍ଚ୍ଚନା କରାଯିବା ସହିତ ଆୟୋଜକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅପେରା ପାର୍ଟି ଦ୍ୱାରା ଯାତ୍ରା ପରିବେଷଣ ମଧ୍ୟ କରୁଛନ୍ତି। ମାର୍ଶାଘାଇ ଅଞ୍ଚଳର ଏହି ପୂଜା ବହୁ ପୁରାତନ ଅନୁଷ୍ଠାନ ହୋଇଥିବାରୁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଲୋକେ ଭିଡ଼ ଜମାଇବା ସହିତ ଗ୍ରାମବାସୀଙ୍କ ଦ୍ୱାରା ଆହୋଜିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପୋଭୋଗ କରୁଛନ୍ତି ।

# ଜିଲ୍ଲା ପ୍ରଶାସନର ପ୍ରତିଶ୍ରୁତି ପରେ ଆମରଣ ଅନଶନ ପ୍ରତ୍ୟାହୃତ

**ବାଲେଶ୍ୱର, ୨୩।୧୧ (ସଂଚାର ବ୍ୟୁରୋ):** ସଦର ବ୍ଲକ ଠାରେ ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ଙ୍କ ନେତୃତ୍ୱରେ ବିଭିନ୍ନ ଦାବି ନେଇ ଗତ ତିନିଦିନ ଧରି ଚାଲିଥିବା ଗଣଧାରଣା ପରେ ଗତ ୨୨ ତାରିଖ ଠାରୁ ଆରମ୍ଭ ହୋଇଥିବା ଆମରଣ ଅନଶନ ଶନିବାର ମଧ୍ୟାହ୍ନରେ ପ୍ରତ୍ୟାହୃତ ହୋଇଛି।ବିଜେଡି ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ,ସୋର ବିଧାୟକ ମାଧବ ଧଡା,ପୂର୍ବତନ ବିଧାୟକ ସୁକାନ୍ତ ନାୟକ,ବିଜେଡି ସାଧାରଣ ସମ୍ପାଦକ ରଞ୍ଜନ ବାଗ,ଉପନଗରପାଳ କୈଳାସ ଚନ୍ଦ୍ର ସେଠୀ ଏବଂ ପୂର୍ବତନ ଉପ ନଗରପାଳ ମନୋଜ ରାଉତ ପ୍ରମୁଖ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ,ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଂଜନ ନାୟକଙ୍କ ସହ ଦାବି ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉନ୍ନୟନ ଶ୍ରୀ ନାୟକ ବ୍ଲକ୍ ପରିସରରେ ପହଞ୍ଚି ଆମରଣ ଅନଶନ ରେ ବସିଥିବା ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କୁ ହୋଇଥିବା ଆଲୋଚନା ସଂପର୍କରେ ଅବଗତ କରିଥିଲେ।ଶ୍ରୀ ଦାସଙ୍କୁ ଉନ୍ନୟନ ଅଧିକାରୀ ଶ୍ରୀ ନାୟକ ଫଳରସ ପିଆଇ ଅନଶନ ଭଙ୍ଗ କରିଥିଲେ।ଏଥି ସହିତ ଅନ୍ୟମାନଙ୍କୁ ମଧ୍ୟ ଫଳରସ ପିଆଇ ଅନଶନ ଭଙ୍ଗ କରାଇଥିଲେ।ଜିଲ୍ଲାପ୍ରଶାସନ ଆନ୍ଦୋଳନକାରୀଙ୍କ ଦାବି ଗୁଡ଼ିକ ୧୫ଦିନ ମଧ୍ୟରେ ପୂରଣ କରିବେ ବୋଲି ପ୍ରତିଶୃତି ଦେବା ପରେ ଅନଶନ ରୁ ଓହରିଥିଲେ।

# ବିଦ୍ୟାବିହାରରେ ବାବା ସତ୍ୟସାଇଙ୍କ ୯୯ତମ ବାର୍ଷିକ ଉତ୍ସବ

**କେନ୍ଦ୍ରାପଡ଼ା, ୨୩।୧୧ (ସଂଚାର ବ୍ୟୁରୋ):** ଶନିବାର ମାର୍ଶାଘାଇ ଅଞ୍ଚଳର ଥିବା ଯଦୁପର ଗ୍ରାମର ଶ୍ରୀ ସତ୍ୟସାଇ ବିଦ୍ୟାବିହାର ବିଦ୍ୟାଳୟ ପରିସରେ ସତ୍ୟସାଇ ବାବାଙ୍କ ୯୯ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଗୁରୁଜୀ ଗୁରୁମାଙ୍କ ତତ୍ୱାବଧାନରେ ଆୟୋଜିତ ଉତ୍ସବରେ ଯଦୁପୁର ଗ୍ରାମର ସାଧାରଣ ଜନତା ଯୋଗଦେଇ ପ୍ରଭୁକୃପା ଲାଭ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଭଜନ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ଉତ୍ସବ ସତ୍ୟସାଇ ସଂଗଠନର ମୁଖ୍ୟ ଅରୁଣ କୁମାର ପଣ୍ଡା ଯୋଗଦେଇ ବାବାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ କୈଳାଶ ଚନ୍ଦ୍ର ନାୟକଙ୍କ ପ୍ରଯୋଜନାରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବାବାଙ୍କ ଉଦ୍ଦେଶ୍ୟରେ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ବିଜେପି ଯୁବନେତା ଭିକାରି ଚରଣ ବେହେରା ଯୁବ ସମାଜସେବୀ ଶ୍ରୀକାନ୍ତ ବେଉରା ସନ୍ତୋଷ ବେହେରାଙ୍କ ଦ୍ୱାରା ଯଦୁପୁର ସତ୍ୟସାଇ ସେବା ଟ୍ରଷ୍ଟ ପକ୍ଷରୁ ବୃଦ୍ଧବୃଦ୍ଧା ଅସହାୟ ପରିବାରଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା।

## ମରଣଯନ୍ତା ପାଲଟିଥିବା ରାସ୍ତାରେ ହେଉନି ନିର୍ମାଣ

# ଢଳେଇ ଉପରେ ଢଳେଇ କରି ହରିଲୁଟ



**କେନ୍ଦ୍ରାପଡ଼ା, ୨୩।୧୧ (ସଂଚାର ବ୍ୟୁରୋ):** ମରଣଯନ୍ତା ପାଲଟିଥିବା ରାସ୍ତାରେ ନୂତନ ରାସ୍ତା ନିର୍ମାଣ କରାଯାଉ ନାହିଁ କିମ୍ବା ତାହାର ମରାମତି ମଧ୍ୟ ହେଉନାହିଁ । ହେଲେ ପୂର୍ବ ଅକ୍ଷୁର୍ଣ୍ଣ ରହିଥିବା ଢ଼ଳାଇ ରାସ୍ତା ଉପରେ ଢ଼ଳାଇ କରି ଏବେ କୋଟି କୋଟି ଟଙ୍କା ହରିଲୁଟ କରାଯାଉଛି । ଏଭଳି ଦୃଶ୍ୟ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି ।

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗରଦପୁର ବଜାରରୁ ନୂଆପଡା ଛକ ପର୍ଯ୍ୟନ୍ତ ଢ଼ଳାଇ ଉପରେ ଢ଼ଳାଇ କରାଯାଉଛି । ଏହି ନୂତନ ଭାବରେ ନିର୍ମିତ ହେଉଥିବା ଢଳାଇ ରାସ୍ତା ଉପରେ ଢଳାଇ କାର୍ଯ୍ୟ କରିଥିବାର ଅଭିଯୋଗ ହୋଇଛି । ଏମିତିକି ଏହି ନୂତନ କଂକ୍ରିଟ ରାସ୍ତା କାର୍ଯ୍ୟରେ ବ୍ୟବହୃତ ହେଉଥିବା ବାଲିଠାରୁ ଆରମ୍ଭ କରି ଗୋଡ଼ି ପର୍ଯ୍ୟନ୍ତ ଅତ୍ୟନ୍ତ ନିମ୍ନମାନର ବ୍ୟବହୃତ ହେଉଥିବା ଅଭିଯୋଗ ମଧ୍ୟ ହେଉଛି । ତେବେ ଉଚ୍ଚ ମାନର ଥିବା କଂକ୍ରିଟ ଢଳାଇ ଉପରେ ନିମ୍ନମାନର କାର୍ଯ୍ୟ ହେଉଥିବାରୁ ରାସ୍ତା କମ ଦିନରେ ଖରାପ ହୋଇଯିବା ନେଇ ଆଶଙ୍କା କରାଯାଉଛି । ବର୍ଷ ବର୍ଷ ଧରି ତିଷ୍ଠି ରହିବା ପାଇଁ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ନିମ୍ନମାନର ରାସ୍ତା ନିର୍ମାଣ କରି ଠିକାଦାର ବ୍ୟାପକ ଅର୍ଥ ହରିଲୁଟ କରିବା ପାଇଁ ମସୁଧା ଚଳାଇଥିବା ଅଭିଯୋଗ ହୋଇଛି ।

ଅନ୍ୟପଟେ ତଦାରଖ କରିବା ପାଇଁ ବିଭାଗୀୟ ଅଧିକାରୀ ନିଯୁକ୍ତି ହୋଇଥିଲେ ମଧ୍ୟ କାର୍ଯ୍ୟ ଚାଲିଥିବା ସ୍ଥାନକୁ କେବେ ତଦାରଖ କରିବା ପାଇଁ କେହି ଆସୁନାହାଁନ୍ତି ବୋଲି ଅଭିଯୋଗ ହୋଇଛି । ଏଠି ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତୁରାରେ ସରକାରୀ ଅର୍ଥ ହରିଲୁଟ କରିବାକୁ ବଡ ଉଦ୍ୟମ ଚାଲିଥିବା ସୂଚନା ମିଳିଛି ।

ତେବେ ସବୁଠାରୁ ବଡ କଥା ହେଉଛି କାର୍ଯ୍ୟ ଆରମ୍ଭ ପୂର୍ବରୁ ଡିସପ୍ଲେ ବୋର୍ଡ ଲାଗିବାର ନିୟମ ରହିଛି । ଏଥିରେ କାର୍ଯ୍ୟର ବ୍ୟୟ ଅଟକଳ, ଅବଧି, ଭାଗ, ବିଭାଗ, ଠିକାଦାରଙ୍କ ନାଁ ଲେଖା ହେବା କଥା । ହେଲେ ଏତେବଡ କାର୍ଯ୍ୟ ହେଉଥିଲେ ମଧ୍ୟ ତାହା ଦେଖିବାକୁ ମିଳୁନି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

# ଓଏଏସ୍ ପାଇଥିବା ସୂର୍ଯ୍ୟକାନ୍ତଙ୍କୁ ସମ୍ବର୍ଦ୍ଧନା




**କେନ୍ଦ୍ରାପଡା, ୨୩।୧୧ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ ହାବଳଗଣ୍ଡ ଗ୍ରାମର ସୂର୍ଯ୍ୟକାନ୍ତ ପରିଡା (କାହ୍ନା) ଚଳିତ ବର୍ଷ ଓପିଏସ୍‌ସି ପରୀକ୍ଷାରେ ୧୨୦ ର୍‍ୟାଙ୍କରେ କୃତୀତ୍ୱ ହାସଲ କରି ଜିଲ୍ଲାକୁ ଗୌରବାନିତ୍ୱ କରିଛନ୍ତି । ଏନେଇ କେନ୍ଦ୍ରପଡା ସଚେତନ ନାଗରିକ ମଂଚ ତରଫରୁ ପବ୍ଲିକ ରିଡିଂ ରୁମ ଠାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବରିଷ୍ଠ ଆଇନଜୀବି ରମଣି ରଂଜନ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସଭାରେ ତାଙ୍କ ପିତା ଶରତ ପରିଡା, ମାତା ପୁଷ୍ପାରାଣୀ ପରିଡାଙ୍କ ସମେତ, ଭଜହରି ପ୍ରଧାନ, ଅକ୍ଷୟ ମଲିକ, ଅଜୟ ସାମଲ, ମହମ୍ମଦ ଇଲିଆସ, ସୀତାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ଯୋଗ୍ୟ ସନ୍ତାନ ସୂର୍ଯ୍ୟକାନ୍ତ ପରିଡାଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ, ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁକାନ୍ତୀ ବେହେରା, କ୍ରାନ୍ତିପ୍ରଭା ନାୟକ, ନନ୍ଦିନୀ ସ୍ୱାଇଁ, ଭଗବତୀ ନାୟକ, କବିତା ସାମଲ, ରଞ୍ଜୁଲତା ବେହେରା, ହେମଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଜମାବହିରୁ ଭତ୍ତା ଟଙ୍କା ଗାଏବ

# ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କଲେ ବୃଦ୍ଧ

**କେନ୍ଦ୍ରାପଡ଼ା, ୨୩।୧୧ (ସଂଚାର ବ୍ୟୁରୋ):** ଜମାବହିରୁ ଭତ୍ତା ଟଙ୍କା ଗାୟାବ ପରେ ବ୍ୟାଙ୍କ କାଟି ନେଉଥିବା ଅଭିଯୋଗ ଜିଲ୍ଲାପାଳଙ୍କ ନିକଟରେ ହୋଇଛି । ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମର ୭୦ବର୍ଷର ବୃଦ୍ଧ ଶ୍ରୀଧର ସ୍ୱାଇଁ ଅଭିଯୋଗ କରିଛନ୍ତି ଯେ ସେ ଜଣେ ଦିନମଜୁରିଆ ହୋଇଥିବା ବେଳେ ଏବେ ବୟସାଧିକ ଯୋଗୁଁ ଆଉ ମୂଲପାଡି ଲାଗି ପାରୁନାହାନ୍ତି । ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା ଉପରେ ନିର୍ଭର କରି ଚଳୁଛନ୍ତି। ପ୍ରତିମାସରେ ତାଙ୍କ ଭତ୍ତା ବାବଦ ଅର୍ଥ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ମେହେନ୍ଦିପୁର ଶାଖାରେ ତାଙ୍କ ନାମରେ ଥିବା ସଞ୍ଚୟ ଜମାବହି ନମ୍ବର ୪୦୬୪୩୪୦୦୬୦୦୦୪୮୭ରେ ଅନ୍‌ଲାଇନ ମାଧ୍ୟମରେ ଆସି ଜମା ହୋଇଥାଏ । ସରକାରଙ୍କ ସାମାଜିକ ସୁରକ୍ଷା ବିଭାଗରୁ ପ୍ରତିମାସରେ ଏହି ବାର୍ଦ୍ଧକ୍ୟ ଭତ୍ତା ଅର୍ଥ ଆସିଥାଏ। ଗତ ସେପ୍ଟେମ୍ବରମାସ ୧୯ତାରିଖରେ ତାଙ୍କ ଜମା ବହିରେ ଭତ୍ତା ବାବଦ ଅର୍ଥ ଜମା ହୋଇଥିଲା । ସେହି ଅର୍ଥକୁ ସଂପୃକ୍ତ ବ୍ୟାଙ୍କ ଶାଖା କର୍ତ୍ତୃପକ୍ଷ ତାଙ୍କୁ ନଜଣାଇ ଜମାବହିରୁ ଉଠାଇ ନେଇଥିବା ଶ୍ରୀଧର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏଥିସହିତ ଅକ୍ଟୋବର ମାସରେ ମଧ୍ୟ ବ୍ୟାଙ୍କ ତାଙ୍କ ଜମା ବହିରୁ ପୁନର୍ବାର ଅର୍ଥ କାଟିନେଇଥିବା ଅଭିଯୋଗ ହୋଇଛି ।

ସେ ବ୍ୟାଙ୍କକୁ ଯାଇ ଶାଖା ପରିଚାଳକଙ୍କୁ ଏସମ୍ପର୍କରେ ପଚାରିବାରେ ସେ କହିଲେ ଯେ ପୂର୍ବରୁ ଋଣ ଥିବାରୁ ସେ ବାବଦକୁ ଦୁଇଟି କିସ୍ତିରେ ଏକହଜାର ଟଙ୍କା କାଟିନିଆଯାଇଛି। କିନ୍ତୁ ଋଣ ବାବଦକୁ ତାଙ୍କ ଜମାବହିରୁ କାଟିନେଇଥିବା ଏକହଜାର ଟଙ୍କାର କୌଣସି ରସିଦ ବ୍ୟାଙ୍କ ତାଙ୍କୁ ପ୍ରଦାନ କରିନଥିବା ସେ ଅଭିଯୋଗ କରିଛନ୍ତି। ଶ୍ରୀ ସ୍ୱାଇଁଙ୍କୁ ସରକାରଙ୍କ ପକ୍ଷରୁ ସାମାଜିକ ନିରାପତ୍ତା ବାବଦକୁ ମିଳୁଥିବା ଅର୍ଥକୁ ତାଙ୍କୁ ନଜଣାଇ ବ୍ୟାଙ୍କ ଏପରି ମନମୁଖୀ ଭାବେ କାଟିନେବା ଅତ୍ୟନ୍ତ ବେଆଇନ ଓ ନିୟମ ବିରୋଧୀ କାର୍ଯ୍ୟ ବୋଲି ସେ ଅଭିଯୋଗ କରିଛନ୍ତି। ସରକାରଙ୍କ ଠାରୁ ତାଙ୍କୁ ମିଳୁଥିବା ମାସିକ ଭତ୍ତା କେବଳ ତାଙ୍କର ଏକମାତ୍ର ସମ୍ବଳ । ସେ ଓଳିଏ ଖାଇଲେ ଆର ଓଳିକୁ ଉପାସ ରୁହନ୍ତି ବୋଲି କହିଛନ୍ତି । ଯଦି ଖାଦ୍ୟ ବିନା ତାଙ୍କର ମୃତ୍ୟୁ ହୁଏ ତେବେ ସେଥିପାଇଁ ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ମେହେନ୍ଦିପୁର ଶାଖା ଦାୟୀ ରହିବ ବୋଲି ସେ ଜିଲ୍ଲାପାଳଙ୍କୁ ଲେଖିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯିବାକୁ ସେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି ।

# ସିପିଆଇଏମ୍‌ର କେନ୍ଦ୍ରାପଡ଼ା ଜିଲ୍ଲା ୧୧ଶ ସମ୍ମିଳନୀ ଉଦ୍‌ଘାଟିତ

**ରାଜକନିକା, ୨୩।୧୧ (ସଂଚାର ବ୍ୟୁରୋ):** ସହିଦ ବାସୁ ବିଶୁନୀର ଲଢୁଆ ମାଟି ରାଜକନିକାରେ ଆୟତନ ହାଟ ପଡିଆରେ ସାଥି ବିଶିଷ୍ଟ କମ୍ୟୁନିଷ୍ଟ ନେତା ସ୍ୱର୍ଗତ ସୀତାରାମ ୟେଚୁରୀଙ୍କ ନାମରେ ଉତ୍ସର୍ଗ ହୋଇଥିବା ମଞ୍ଚରେ ଆଜିଠୁ ସିପିଆଇଏମର ଦୁଇ ଦିନିଆ କେନ୍ଦ୍ରାପଡ଼ା ଜିଲ୍ଲା ସମ୍ମିଳନୀ ଆରମ୍ଭ ହୋଇଛି । ଦେଶର ସାମ୍ପ୍ରତିକ ସ୍ଥିତିରେ ଦେଶର ସାର୍ବଭୌମତ୍ୱ, ଗଣତନ୍ତ୍ର, ଧର୍ମନିରପେକ୍ଷତା, ଭାଇଚାରା, ଏକତା ଓ ସଂଘୀୟ ବ୍ୟବସ୍ଥା ଓ ସମ୍ବିଧାନର ସୁରକ୍ଷା ପାଇଁ ଅହରହ ସଂଗ୍ରାମ ଜାରି ରଖିଥିବା ବେଳେ ମେହନତୀ ମଣିଷର ଜାଗ୍ରତ ପ୍ରହରୀ ଭାବରେ ଉଭା ରହିଛି । ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ )ର ଏକାଦଶ ଜିଲ୍ଲା ସମ୍ମିଳନୀ ପରିପ୍ରେକ୍ଷୀରେ ତମାମ ଦେଶରେ ଆରଏସଏସ ପରିଚାଳିତ ଚରମ ଫାସିବାଦୀ ସାମ୍ପ୍ରଦାୟିକ ରୂପ ଦେଇ ଲୋକଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରିବା ବିରୁଦ୍ଧରେ,



କର୍ପୋରେଟ ମାଲିକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସମସ୍ତ ରାଷ୍ଟ୍ରାୟତ ଶିଳ୍ପ ସଂସ୍ଥା, ଖଣି, ଜମି, ବନ୍ଦର ଓ ରେଳପଥ ଆଦି ଦେଶର ସମ୍ପତ୍ତିକୁ ଗୋଡି ମାଟି ଦରରେ ବିକ୍ରୀ କରିବା କରିବା ବିରୁଦ୍ଧରେ ଏବଂ ଶ୍ରମିକ, କୃଷକ ଶୋଷଣ ବନ୍ଦ ପାଇଁ ଆହ୍ୱାନ ଦିଆଯାଇଛି। ଗତ ନିର୍ବାଚନରେ ଦେଶର ଜନଗଣ ବିଜେପିର ଏକାଧିପତ୍ୟ କରି କ୍ଷମତାରେ ଥିଲେ ବି ବିଷଦାନ୍ତ ଭାଙ୍ଗିବା, ପୁନଶ୍ଚ ନିର୍ବାଚନର ପ୍ରତିଶୃତି ପୂରଣର ପ୍ରତାରଣା ବିରୁଧରେ ସଂଗ୍ରାମ ଜୋରଦାର କରିଛି। ଏଭଳି ଏକ ସନ୍ଧିକ୍ଷଣରେ ସିପିଆଇଏମ କେନ୍ଦ୍ରାପଡ଼ା ଜିଲ୍ଲା ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥିବା ଆଜିର ଖୋଲା ଅଧିବେଶନ ରେ ମତ ପ୍ରକାଶ ପାଇଛି ।

# ମନ ମୋହିଲା ନାଭାଲ କନସର୍ଟ

**ପୁରୀ, ୨୩।୧୧ (ସଂଚାର ବ୍ୟୁରୋ):** ଆସନ୍ତା ଡିସେମ୍ବର ୪ ତାରିଖରେ ପୁରୀ ବ୍ଲୁ ଫ୍ଲାଗ ବିଚ ଠାରେ ଅନୁଷ୍ଠିତ ହେବ ନୌସେନା ଦିବସ ବା ନାଭି ଡେ । ଏହାର ଅବବ୍ୟହିତ ପୂର୍ବରୁ ଆଜି ସଂଧ୍ୟାରେ ଟାଉନ ହଲ ଠାରେ ନାଭାଲ ବ୍ୟାଣ୍ଡ ଆଇଏନଏସ ଚିଲିକା ପକ୍ଷରୁ ପକ୍ଷରୁ ଏକ ଚିତ୍ତାକର୍ଷକ କନସର୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କନସର୍ଟ କାର୍ଯ୍ୟକ୍ରମ କୁ ନୌସେନା ର ଅବସରପ୍ରାପ୍ତ ସର୍ଜନ ରିଅର ଆଡମିରାଲ ସଲୀଲ କୁମାର ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ପରେ ପରେ ନାଭାଲ ବ୍ୟାଣ୍ଡ ର ଚିଫ କଣ୍ଡକ୍ଟର ହନୁମାନ ଥାପାଙ୍କ ନେତୃତ୍ୱରେ ସମସ୍ତ କଳାକାର ଚମତ୍କାର କନସର୍ଟ ପରିବେଷଣ କରିଥିଲେ।

କଳାକାର ପ୍ରସନୋଜିତ ମହନ୍ତୋ,ଗୌତମ ସିଂ, ପବିତ୍ର ଘୋଷ, ଷ୍ଟିଫେନ ଜୋ, ଗୌରବ ପ୍ରଶାନ୍ତ ଜି,ଡାନିଏଲ ଲାଲନୁଥାରା,ମଦନ ଛେତ୍ରୀ,ପି,ଭୈଭବ ମୋହନ ରାଓ,ଆଜିଙ୍କ୍ୟ ଶିବାଜୀ ଯାଦବ,ନମଦାସ ଭି ଚନ୍ଦ୍ରକାନ୍ତ,ଅଜୟ ଭଟ୍ଟ,ସୌମ୍ୟ ଦୀପ ମଣ୍ଡଳ, ରୋଶନ ଆର,ପଙ୍କଜ ବିଶ୍ୱକର୍ମା,ରାହୁଲ କୁମାର, ରେଜିନ ସି ଏସ,ଶୁଭମ ପାଠକ,ଅଭିଜିତ କୁମାର ଓ ରାହୁଲ ବିଶ୍ୱକର୍ମା ବାଦ୍ୟ ଯନ୍ତ୍ର ର ଚମତ୍କାର ଉପଯୋଗ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଜୟ ହୋ ଗୀତ ରୁ ଆରମ୍ଭ ହୋଇ ଥିବା ଏହି କନସର୍ଟ ୧୪ ଲୋକପ୍ରିୟ ଗୀତ ର କନସର୍ଟ ଓ ସଂଗୀତ ପରିବେଷଣ କରାଯାଇଥିଲା।

ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଙ୍କ ସମେତ ଶିକ୍ଷାବିତ, ବୁଦ୍ଧିଜୀବୀ, ଏନସିସି କ୍ୟାଡେଟ୍ ଓ ସାଧାରଣ ଲୋକ ମାନେ ଉପସ୍ଥିତ ରହି କନସର୍ଟ କାର୍ଯ୍ୟକ୍ରମ କୁ ମନ ଭରି ଉପଭୋଗ କରିବା ସହ ବିପୁଳ କରତାଳିରେ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ।

# ସାନଜରିଆ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ବୈଠକ

**ପଟ୍ଟାମୁଣ୍ଡାଇ, ୨୩।୧୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ସମିତି ଅଧକ୍ଷା ତଥା ଜିଲ୍ଲା ପରିଷଦ ସଦସ୍ୟା ଜ୍ୟୋତିର୍ମୟୀ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକର ପ୍ରାକ୍ତନ ଅଧକ୍ଷା ଶ୍ରୀମତୀ ବେହେରା ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା କରି ସ୍ଥାନୀୟ ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ରୋଗୀ କଲ୍ୟାଣ ସମିତି ସମ୍ପାଦକ ତଥା ମେଡିକାଲ ଅଫିସର ଡା ପ୍ରଦୀପ କୁମାର ଚମ୍ପତି ବିଗତ ବର୍ଷର ଖର୍ଚ୍ଚ ବିବରଣୀ ପ୍ରଦାନ କରିବା ସହିତ ଚଳିତବର୍ଷ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରର ଆବଶ୍ୟକତା ଅନୁଯାୟୀ ଚିଠା ପ୍ରସ୍ତାବ ଆଗତ କରିଥିଲେ । ଏହି ବୈଠକରେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା ନିରାକାର ପରିଡା ପ୍ରଭାତ ରଞ୍ଜନ ଦାସ, ପ୍ରଶାନ୍ତ ଜେନା ଶିକ୍ଷକ ନେତା ଅରକ୍ଷିତ ସାହୁ, ଗଙ୍ଗାରାମପୁର ପଂଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ କବି, ଶିକ୍ଷାବିତ ବିଜୟ କୁମାର ଜେନା, ହରିହର ସାହୁ ଓ ଅଶୋକ ଜେନା ପ୍ରମୁଖ ଯୋଗ ଦେଇ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ଶେଷରେ ରଜନୀକାନ୍ତ ସୂତାର ଧନ୍ୟବାଦ ଦେଇଥିଲେ ।

# ଓଡ଼ିଶାରେ ଅକ୍ଷୟ ଶକ୍ତିର ରହିଛି ପର୍ଯ୍ୟାପ୍ତ ସଂଭାବନା




**ନୂଆଦିଲ୍ଲୀ,୨୩।୧୧:** ଗତକାଲି ନୂଆଦିଲ୍ଲୀରେ ହୋଇଥିବା ଅକ୍ଷୟ ଶକ୍ତି ରାଉଣ୍ଡ ଟେବୁଲ ବୈଠକରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଧ୍ୟକ୍ଷତା କରିଥିଲେ। ସୋସାଇଟି ଫର ଲିଗାଲ ଆଣ୍ଡ ପଲିସି ରିସର୍ଚ୍ଚ ଓ ଇଡାମ ଇନଫ୍ରାଷ୍ଟ୍ରକ୍ଚରର ମିଳିତ ଆନୁକୂଲ୍ୟରେ କନଫରେନ୍ସର ଆୟୋଜନ ହୋଇଥିଲା। ଏହି ସମ୍ମିଳନୀରେ ଓଡ଼ିଶାର ବିଭାଗୀୟ ଅଧିକାରୀ, ପ୍ରତିନିଧି, ଶିଳ୍ପ ଏବଂ ନିବେଶକମାନେ ଏକାଠି ଯୋଗଦେଇଥିଲେ। ୨୩ ଟି କମ୍ପାନୀର ୩୪ ଜଣ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ସୌର ବିଦ୍ୟୁତ, ପବନ ଶକ୍ତି, ଗ୍ରୀନ ହାଇଡ୍ରୋଜେନ, ଗ୍ରୀନ ଆମୋନିଆ ଏବଂ ବର୍ଜ୍ୟ ବସ୍ତୁରୁ ଶକ୍ତି ଉତ୍ପାଦନ କରୁଥିବା କମ୍ପାନୀ ଗୁଡ଼ିକ ପ୍ରମୁଖ ଥିଲେ। ଓଡ଼ିଶାରେ ଥିବା ଅକ୍ଷୟ ଶକ୍ତିର ସୁଯୋଗ ତଥା ସମ୍ଭାବନାର ଅର୍ଥପୂର୍ଣ୍ଣ ବ୍ୟବହାର କରି ଘରୋଇ କମ୍ପାନୀର ଅଂଶଗ୍ରହଣକୁ ପ୍ରୋତ୍ସାହିତ ଏବଂ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସମ୍ମିଳନୀର ଲକ୍ଷ୍ୟ ରହିଛି। ଓଡ଼ିଶା ଆଜିର ସମୟରେ ସ୍ୱଚ୍ଛ ଶକ୍ତିର ବ୍ୟବହାର, ଉତ୍ପାଦନ ଏବଂ ବିକାଶକୁ ପ୍ରୋତ୍ସାହିତ କରୁଛି। ଓଡ଼ିଶା ରାଜ୍ୟ ଅକ୍ଷୟ ଶକ୍ତି ନୀତି, ୨୦୨୨ ମଧ୍ୟ ଗ୍ରୀନ ହାଇଡ୍ରୋଜେନ, ଗ୍ରୀନ ଆମୋନିଆ, ଭାସମାନ ସୌରଶକ୍ତି, ପମ୍ପଡ ଷ୍ଟୋରେଜ ପାୱାର(ପିଏସପି), ପବନ ଶକ୍ତି ଭଳି ନୂତନ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଡିକାର୍ବୋନାଇଜେସନ୍ ଓ ଜଳବାୟୁ ଅନୁକୂଳ ଲକ୍ଷ୍ୟ ହାସଲରେ ଓଡ଼ିଶାର ଭୂମିକା ଉପରେ ଆଲୋକପାତ କରିଥିଲେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ପୂରଣ ନିମନ୍ତେ ଓଡ଼ିଶା ୧୪୦ଗିଗାୱାଟର ସୌର ଏବଂ ଗ୍ରୀନ ହାଇଡ୍ରୋଜେନରୁ ପ୍ରସ୍ତୁତ ଅକ୍ଷୟ ଶକ୍ତି ଉତ୍ପାଦନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଅଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଆହୁରି ମଧ୍ୟ କହିଥିଲେ ଯେ, ରାଜ୍ୟର ଅକ୍ଷୟ ଶକ୍ତି ନୀତିକୁ ସମୀକ୍ଷା କରି ଏହାକୁ ଆହୁରି ସୁଦୃଢ଼, ପୁଞ୍ଜିନିବେଶ ଅନୁକୂଳ ଓ ଗ୍ରାହକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ କରାଯାଇପାରିବ। ସୋସାଇଟି ଫର ଲିଗାଲ ଆଣ୍ଡ ପଲିସି ରିସର୍ଚ୍ଚ, ଇଡାମ ଇନଫ୍ରାଷ୍ଟ୍ରକଚର ଓ ବରିଷ୍ଠ ଓକିଲ ଶ୍ରୀ ସଞ୍ଜୟ ସେନ୍ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ବଜାର ବ୍ୟବସ୍ଥା ଓ ପୁଞ୍ଜିନିବେଶ ନିଷ୍ପତ୍ତି ଏବଂ ନିବେଶକଙ୍କ ସ୍ୱାର୍ଥ ରକ୍ଷା ମଧ୍ୟରେ ସମନ୍ୱୟ ରକ୍ଷା କରି ରାଜ୍ୟ ଏକ ଦୀର୍ଘମିଆଦୀ ଯୋଜନା, ଯାହା ବିଦ୍ୟୁତ ଉପଭୋକ୍ତାଙ୍କୁ ମଧ୍ୟ ସୁହାଇବ, ସେଇଭଳି ଯୋଜନା କରିବା ଉଚିତ ବୋଲି ଦର୍ଶାଇଥିଲେ। ଓଡ଼ିଶାରେ ଉତ୍ପାଦିତ ହେବାକୁ ଥିବା ଅକ୍ଷୟ ଶକ୍ତି ଭାରତର ସବୁଜ ବିଦ୍ୟୁତ ଲକ୍ଷ୍ୟ ପୂରଣରେ ମଧ୍ୟ ସହାୟକ ହେବ। ଇଡାମର ମ୍ୟାନେଜିଂ ଡ଼ାଇରେକ୍ଟର ଶ୍ରୀ ବଳୱନ୍ତ ଜୋଶୀ ଓଡ଼ିଶାର ନିୟାମକ ଭିତ୍ତିଭୂମି ଉପରେ ଆଲୋକପାତ କରିଥିଲେ।

## ମହାରାଷ୍ଟ୍ରବାସୀ ପୁଣି ଥରେ ସତ୍ୟ ତଥା ପ୍ରଗତିର ମାର୍ଗକୁ ଆପଣାଇଛନ୍ତି



**ଭୁବନେଶ୍ୱର,୨୩।୧୧(ସଂଚାର ବ୍ୟୁରୋ):** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ - ୨୦୨୪ରେ ଐତିହାସିକ ବିଜୟ ଲାଭ ପାଇଁ ବିଜେପି ଏବଂ ମହାୟୁତି ଗଠବନ୍ଧନର କାର୍ଯ୍ୟକର୍ତ୍ତାଙ୍କୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱ ତଥା ମାର୍ଗଦର୍ଶନରେ ମହାରାଷ୍ଟ୍ରର ସୁରକ୍ଷା, ସମୃଦ୍ଧତା ଏବଂ ଉତ୍ତମ ଶାସନ ଉପରେ ଲୋକମାନେ ନିଜର ଆର୍ଶୀବାଦ ଅଜାଡ଼ିଛନ୍ତି। ଏଥର ସହିତ ଉତ୍ତରପ୍ରଦେଶ ବିଧାନସଭା ଉପନିର୍ବାଚନରେ ମଧ୍ୟ ଜନତା ଏକତାର ମନ୍ତ୍ରରେ ସମ୍ମିଳିତ ହୋଇ ବିଜେପି- ଏନଡିଏ ମେଣ୍ଟକୁ ବିପୁଳ ମାତ୍ରାରେ ସମର୍ଥନ ଜଣାଇଛନ୍ତି। ଛତ୍ରପତି ଶିବାଜୀ ମହାରାଜାଙ୍କ ଭୂମି, ସତ୍ୟ, ନ୍ୟାୟ ଏବଂ ବୀରତାର ପ୍ରତୀକ ଅଟେ। ଏଥର ରାଜ୍ୟବାସୀ ପୁଣି ଥରେ ସତ୍ୟ ତଥା ପ୍ରଗତିର ମାର୍ଗକୁ ଆପଣାଇଛନ୍ତି। ମହାରାଷ୍ଟ୍ରର ଐତିହାସିକ ବିଜୟ ପାଇଁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଜେ.ପି.ନଡ୍ଡା, ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହା, ଉପମୁଖ୍ୟମନ୍ତ୍ରୀ ଶ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ସମେତ ସମସ୍ତ ସହଯୋଗୀ ଦଳ ଏବଂ କାର୍ଯ୍ୟକର୍ତ୍ତାଙ୍କୁ ରାଜ୍ୟ ସଭାପତି ଶ୍ରୀ ସାମଲ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି।

## ଆଇନ ସେବା ପ୍ରାଧିକରଣଙ୍କ ଆଇନ ସେବା ସମ୍ବନ୍ଧୀୟ ଆଲୋଚନାଚକ୍ର



**ଖୋର୍ଦ୍ଧା,୨୩।୧୧(ସଂଚାର ବ୍ୟୁରୋ):** ସ୍ଥାନୀୟ ଭଞ୍ଜକଳା ମଣ୍ଡପ ଭୁବନେଶ୍ୱର ଠାରେ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଙ୍କ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ଜଜ୍ ଓଡ଼ିଶା ହାଇକୋର୍ଟ ମାନ୍ୟବର ନ୍ୟାୟମୂର୍ତ୍ତି ଶ୍ରୀ ଅରିନ୍ଦମ ସିହ୍ନା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଖୋର୍ଦ୍ଧା, ପୁରୀ, କଟକ ଏବଂ ନୟାଗଡ଼ ଙ୍କ ଅଧୀନରେ ଥିବା ତାଲିକା ଭୁକ୍ତ ଆଇନଜୀବୀ, ନ୍ୟାୟ ଅଧିକାର ମୀତ୍ର, ଆରକ୍ଷୀ ଅଧିକାରୀ ବୃନ୍ଦ, ନ୍ୟାୟ ରକ୍ଷକ ବୃନ୍ଦ ଓ ଆଇନ ଛାତ୍ର ଛାତ୍ରୀ ମାନଙ୍କ ନେଇ ଏକ ଦିନିକିଆ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଅଛି। ସେମାନଙ୍କର ବିଭିନ୍ନ ଆଇନଗତ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଏହାର ଜନାଭିମୁଖି ସଫଳତା ଏବଂ ଅଭାବ ଅସୁବିଧା ସଂପର୍କରେ ପଚାରି ବୁଝିବା ସହ ଆବଶ୍ୟକୀୟ ସୁବ୍ୟବସ୍ଥା ଯୋଗାଇଦେବାକୁ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ଙ୍କ ସମେତ ବୋହୁ ପଦାଧିକାରୀମାନ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଙ୍କ ସଚିବ ଶ୍ରୀମତୀ ସୌଦାମିନୀ ସିଂହ କାର୍ଯ୍ୟକ୍ରମ ର ପରିଚାଳନା କରିଥିଲେ ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣ ଙ୍କ ସହ ସଚିବ ଶ୍ରୀ ସୃଜନ ସାରସ୍ୱତ, କୋର୍ଟ ମ୍ୟାନେଜର ଶ୍ରୀ ଶଶିକାନ୍ତ ପ୍ରଧାନ ଙ୍କ ସମେତ ଜିଲ୍ଲା ଅଦାଲତ ଏବଂ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହାୟତା କରିଥିଲେ।

## ସମ୍ ହସ୍ପିଟାଲ୍‌ରେ ଚଳନଶୀଳ ସ୍କିଲ୍ ଲ୍ୟାବ୍‌ରେ ଡାକ୍ତରଙ୍କୁ ପ୍ରଶିକ୍ଷଣ



**ଭୁବନେଶ୍ୱର,୨୩।୧୧(ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଠାରେ ଜନସନ ଆଣ୍ଡ ଜନସନ କମ୍ପାନୀ ଦ୍ୱାରା ଯୋଗାଇ ଦିଆଯାଇଥିବା ଏକ ଚଳନଶୀଳ ସ୍କିଲ୍ ଲ୍ୟାବ୍‌ରେ ନଭେମ୍ବର ୨୦ ଓ ୨୧ ତାରିଖରେ ଦୁଇଦିନ ଧରି ସର୍ଜନ ଓ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀମାନଙ୍କୁ ନେଇ ଶଲ୍ୟ ଚିକିତ୍ସା ବିଷୟରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏକ ଭଲଭୋ ବସ୍‌ରେ ସ୍ଥାପିତ ଏହି ସ୍କିଲ ଲ୍ୟାବରେ ୧୦ଟି ୱାର୍କ ଷ୍ଟେସନ ରହିଛି ଓ ଅସ୍ତ୍ରୋପଚାର ହୋଇଥିବା ସ୍ଥାନରେ କିପରି ସିଲାଇ କରି କ୍ଷତକୁ ଯୋଡିବାକୁ ପଡେ ଏଥିରେ ସେ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା ବୋଲି ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର କହିଛନ୍ତି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସର୍ଜନ ମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ ଆୟୋଜିତ ହୋଇଥିଲା ବୋଲି ସେ କହିଥିଲେ। ଉଭୟ ଓପନ ଓ ଲାପାରାସ୍କୋପିକ ସର୍ଜରୀରେ ଏହି ତାଲିମ ସର୍ଜନମାନଙ୍କର ଦକ୍ଷତାକୁ ବୃଦ୍ଧି କରିବ। ବର୍ତ୍ତମାନ ନ୍ୟାସନାଲ୍ ମେଡିକାଲ କମିଶନ ଡାକ୍ତର ଓ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେଇ ଏହାକୁ କରିକୁଲମର ଏକ ବିଶେଷ ଅଂଶ ଭାବେ ଗ୍ରହଣ କରିଛି। ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ପ୍ରକାଶ କୁମାର ସାହୁ କହିଥିଲେ ଯେ ହସ୍ପିଟାଲରେ ଏକ ସେଂଟ୍ରାଲ୍ ସ୍କିଲ ଲ୍ୟାବ୍ ଓ ସର୍ଜରୀ ବିଭାଗର ଏକ ସ୍ୱତନ୍ତ୍ର ସ୍କିଲ ଲ୍ୟାବ ମଧ୍ୟ ରହିଛି ଯେଉଁଠାରେ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଏ।

## ବାଂଲାଦେଶରୁ କଟକକୁ ନାବାଳିକା ଚାଲାଣ ଅଭିଯୋଗ




**କଟକ,୨୩।୧୧(ସଂଚାର ବ୍ୟୁରୋ):** ବାଂଲାଦେଶରୁ କଟକକୁ ନାବାଳିକା ଚାଲାଣ ଅଭିଯୋଗ । ଚାକିରିର ଲୋଭ ଦେଖାଇ ଏଠାକୁ ଆଣିବା ପରେ ମସାଜ ପାର୍ଲର ଓ ବେଆଇନ କାରବାରରେ ଲଗାଯାଇଥିବାର ସଂପୃକ୍ତ ନାବାଳିକା ଜଣକ ଅଭିଯୋଗ କରିଛନ୍ତି। ସେହି ନାବାଳିକାକୁ ଲିଙ୍କ୍ ରୋଡ୍ ରୁ ଉଦ୍ଧାର କରି ସିଡବ୍ଲୁସିକୁ ହସ୍ତାନ୍ତର କରିଛି ପୋଲିସ। ଗତ ଅକ୍ଟୋବରରେ ଚାକିରି ଖୋଜୁଥିବା ବେଳେ ଫେସବୁକରେ ଜଣକ ସହିତ ବନ୍ଧୁତା ହୋଇଥିଲା। ଚାକିରି ଦେବାକୁ କହି ପ୍ରଥମେ କୋଲକାତା, ସେଠାରୁ ଭୁବନେଶ୍ୱର ଓ ପରେ କଟକରେ ରଖାଯାଇଥିଲା। ସିଡବ୍ଲୁସି କହିଛି, ସେହି ନାବାଳିକା ଜଣକ ପ୍ରକୃତରେ ବାଂଲାଦେଶୀ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ତା ପାଖରେ କୌଣସି ପରିଚୟପତ୍ର ନାହିଁ । ସେ କେଉଁଠି ରହୁଥିଲା, କାହା ସହ ଆସିଥିଲା, ତାହା ବି କହିପାରୁନାହିଁ। ତାର ପରିଚୟ ସ୍ପଷ୍ଟ କରିବାକୁ ସରକାରୀ ସ୍ତରରେ ଚେଷ୍ଟା କରାଯାଉଛି। ବାଂଲାଦେଶ ଦୂତାବାସକୁ ଅବଗତ କରାଯାଇଛି।

## ରେଡିଓ ଅପରେଟରଙ୍କ ପାଇଁ ଅସିଲା ନୂଆ ନିଷ୍ପତ୍ତି

**ନୂଆଦିଲ୍ଲୀ,୨୩।୧୧:** କେନ୍ଦ୍ର ସରକାର ଏଫଏମ ନୀତି (ପର୍ଯ୍ୟାୟ ୩) ଅଧୀନରେ ତୃତୀୟ ପର୍ଯ୍ୟାୟ ଇ-ନିଲାମୀରେ ଅଂଶଗ୍ରହଣ କରିଥିବା ସଫଳ ନିଲାମ ଗ୍ରହଣକାରୀଙ୍କୁ ଅସ୍ଥାୟୀ ପ୍ୟାନେଲରେ ସାମିଲ କରିବାକୁ ଏକକାଳୀନ ସ୍ୱତନ୍ତ୍ର ରିହାତି ପ୍ରଦାନ କରିଛନ୍ତି। ଏହି ରିହାତି ଘରୋଇ ସଂସ୍ଥାଗୁଡ଼ିକର ରେଡିଓ ଚ୍ୟାନେଲଗୁଡ଼ିକ କାର୍ଯ୍ୟକ୍ଷମ ହେବା ଦିନଠାରୁ ତୁରନ୍ତ ଲାଗୁ ହେବ, ଯାହାଦ୍ୱାରା ସେମାନଙ୍କୁ ଛଅ ମାସ ପାଇଁ କିମ୍ବା ଯେପର୍ଯ୍ୟନ୍ତ ସେମାନେ ବର୍ତ୍ତମାନର 'ଘରୋଇ ଏଫଏମ ରେଡିଓ ଷ୍ଟେସନର ପ୍ୟାନେଲ ପାଇଁ ନୀତିଗତ ମାର୍ଗଦର୍ଶିକା ଅଧୀନରେ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର (ସିବିସି)ର ପ୍ୟାନେଲରେ ସାମିଲ ହେବା ଲାଗି ଆବେଦନ ଯୋଗ୍ୟ ହୋଇନାହାନ୍ତି ସେପର୍ଯ୍ୟନ୍ତ ସିବିସି ଅସ୍ଥାୟୀ ପ୍ୟାନେଲରେ ସାମିଲ ହେବାର ସୁଯୋଗ ମିଳିବ। ଅସ୍ଥାୟୀ ପ୍ୟାନେଲ୍ ଅବଧି ସମୟରେ, କୌଣସି ଆଇଆରଏସ (ଇଣ୍ଡିଆନ ରିଡରସିପ୍ ସର୍ଭେ) ଉପଲବ୍ଧ ନଥିବା ଘରୋଇ ଏଫ୍.ଏମ୍. ରେଡିଓ ଷ୍ଟେସନଗୁଡ଼ିକ ପାଇଁ ପ୍ରଯୁଜ୍ୟ ମୂଳ ଦର ଲାଗୁ ହେବ। ଏହି ପଦକ୍ଷେପ ନୂତନ ସହରରେ ରେଡିଓ ଅପରେଟରମାନଙ୍କୁ ତୁରନ୍ତ ରାଜସ୍ୱ ଲାଭ ପ୍ରଦାନ କରିବ ଫଳରେ ସେମାନେ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ଉତ୍ସାହିତ ହୋଇପାରିବେ। ଏହି ପଦକ୍ଷେପ ଦ୍ୱାରା ଉକ୍ତ ସହରଗୁଡ଼ିକରେ ଘରୋଇ ଏଫ୍.ଏମ୍. ରେଡିଓ ସେବା ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି, ଯାହାଦ୍ୱାରା ସାରା ଦେଶରେ ରେଡିଓ ପ୍ରସାରଣ ସେବାଗୁଡ଼ିକର ଉନ୍ନତ ପ୍ରସାର ପାଇଁ ପ୍ରୋତ୍ସାହନ ମିଳିବ।

## 'ନଇ ଚେତନା ୩.୦-ପହଲ ବଦଲାଓ କୀ'ର ଶୁଭାରମ୍ଭ କରିବେ କେନ୍ଦ୍ରମନ୍ତ୍ରୀ



**ନୂଆଦିଲ୍ଲୀ,୨୩।୧୧:୨୨ ନଭେମ୍ବର ୨୦୨୪ :** କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ଏବଂ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ଶିବରାଜ ସିଂ ଚୌହାନ ୨୫, ନଭେମ୍ବର ୨୦୨୪ରେ ନୂଆଦିଲ୍ଲୀର ସଂସଦ ମାର୍ଗସ୍ଥିତ ଆକାଶବାଣୀ ରଙ୍ଗଭବନ ଅଡିଟୋରିୟମରେ ଲିଙ୍ଗଭିତ୍ତିକ ହିଂସା ବିରୋଧରେ ଏକ ଜାତୀୟ ଅଭିଯାନ 'ନଇ ଚେତନା- ପହଲ ବଦଲାଓ କୀ'ର ତୃତୀୟ ସଂସ୍କରଣକୁ ଶୁଭାରମ୍ଭ କରିବେ। ଲିଙ୍ଗଭିତ୍ତିକ ହିଂସାକୁ ଦୂର କରିବା ପାଇଁ ସରକାରଙ୍କ ମିଳିତ ପ୍ରୟାସରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ତତ୍ତ୍ୱାବଧାନରେ ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା- ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଡିଏୱାଇ-ଏନଆରଏଲଏମ) ଦ୍ୱାରା ଆୟୋଜିତ ଏହି ଅଭିଯାନ ୨୩ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ସମସ୍ତ ଭାରତୀୟ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଚାଲିବ। ଡିଏୱାଇ-ଏନଆରଏଲଏମର ବ୍ୟାପକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ନେଟୱର୍କ ନେତୃତ୍ୱରେ ଏହି ପଦକ୍ଷେପ ଜନ ଆନ୍ଦୋଳନର ଭାବନାକୁ ପ୍ରତିଫଳିତ କରୁଛି। ଏହି ଅଭିଯାନ 'ସମଗ୍ର ସରକାରୀ' ଆଭିମୁଖ୍ୟର ଭାବନାରେ ଏକ ସହଯୋଗୀ ପ୍ରୟାସ ଏବଂ ଏଥିରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ, ଗୃହ ମନ୍ତ୍ରଣାଳୟ, ପଞ୍ଚାୟତିରାଜ ମନ୍ତ୍ରଣାଳୟ, ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ, ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ନ୍ୟାୟ ବିଭାଗ ଭଳି ୯ଟି ମନ୍ତ୍ରଣାଳୟ/ବିଭାଗ ଅଂଶଗ୍ରହଣ କରିବେ।। ନଇ ଚେତନା ଅଭିଯାନର ଉଦ୍ଦେଶ୍ୟ ହେଉଛି ସଚେତନତା ବୃଦ୍ଧି କରିବା ଏବଂ ତୃଣମୂଳ ସ୍ତରୀୟ ପଦକ୍ଷେପ ମାଧ୍ୟମରେ ଲିଙ୍ଗ ଭିତ୍ତିକ ହିଂସା ବିରୋଧରେ ସଚେତନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ଆରମ୍ଭରୁ ନଇ ଚେତନା ଦେଶବ୍ୟାପୀ ଲକ୍ଷ ଲକ୍ଷ ଲୋକଙ୍କୁ ଏକାଠି କରିଛି, ଲିଙ୍ଗଗତ ସମାନତା ଏବଂ ମହିଳା ସଶକ୍ତୀକରଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନକୁ ପ୍ରୋତ୍ସାହିତ କରିଛି।

## ବାଲିଯାତ୍ରାରେ ସମ୍ବଲପୁରୀଆ ବାବୁଙ୍କ ଜଲୱା



**କଟକ,୨୩।୧୧(ସଂଚାର ବ୍ୟୁରୋ):** ମନ କିଣିଲେ ମନ୍ତୁ ଛୁରିଆ। କଟକ ଐତିହାସିକ ବାଲିଯାତ୍ରା ର ଅଷ୍ଟମ ସନ୍ଧ୍ୟାଥିଲା ବେଶ ରୋମାଞ୍ଚକର । ଦର୍ଶକ ଙ୍କ ମଧ୍ୟରେ ସମ୍ବଲପୁରୀ ସଙ୍ଗୀତ ର ସ୍ୱାଦ ଭରିଥିଲେ ସମ୍ବଲପୁରିଆ ବାବୁ ମନ୍ତୁ ଛୁରିଆ। ନିଜର ଧୁମ ଧଡ଼କ ସଙ୍ଗୀତ ର ଯାଦୁ ରେ ଦର୍ଶକଙ୍କୁ ମତୁଆଲା କରିଥିଲେ। ବୈଷ୍ଣବ ପାଣି ମଞ୍ଚ ରେ ଗୋଟିଏ ପରେ ଗୋଟିଏ ହିଟ ଗୀତ ଗାଇ ସମସ୍ତଙ୍କ ମନ କିଣିଥିଲେ ସେ। ଲାଲ ଟହ ଟହ , ରାନୀ ଗୁରି , ଲାଲ ଗୁଲବୀ , ରସିଆ ପିଲା, ଜିଗର ୱାଲା ଓ ନଗିନ ଗୀତ ଗାଇ ବାଲିଯାତ୍ରା ର ଅଷ୍ଟମ ଶୀତୁଆ ସନ୍ଧ୍ୟା କୁ ସରଗରମ କରିଦେଇଥିଲେ ମନ୍ତୁ ଛୁରିଆ। ତେବେ ମନ୍ତୁ ଙ୍କ ମତରେ , ବାଲିଯାତ୍ରା ରେ ଦ୍ୱିତୀୟ ଥର ପ୍ରୋଗ୍ରାମ କରିବାର ସୌଭାଗ୍ୟ ଭଗବାନ ଙ୍କ ଦୟାରୁ ମିଳିଛି। ବାଲିଯାତ୍ରା କୁ ଆସିବାକୁ ସମସ୍ତ ଙ୍କର ଇଛା ଥାଏ। ଏପରିକି ଏହି ବିଶ୍ୱ ପ୍ରସିଦ୍ଧ ମୁକ୍ତାକାଶମେଳା ବିଷୟରେ ସାରା ବିଶ୍ୱ ଅବଗତ । ଏହି ବାଲିଯାତ୍ରା ରେ ଲକ୍ଷାଧିକ ଦର୍ଶକ ଙ୍କ ଆଗରେ ଗାଇବା ମଧ୍ୟ ଚ୍ୟାଲେଞ୍ଜପୂର୍ଣ୍ଣ। ତେଣୁ କଟକବାସୀ ଦେଉଥିବା ଏହି ଭଲ ପାଇବା ସବୁ ଦିନ ପାଇଁ ମୋ ସହ ରହୁ ବୋଲି କହିଛନ୍ତି ସମ୍ବଲପୁରିଆ ବାବୁ ।

## ଆଜି 'ଓଡ଼ିଶା ପର୍ବ'ରେ ଯୋଗଦେବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୩।୧୧:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନଭେମ୍ବର ୨୪ ତାରିଖ ଅପରାହ୍ଣ ପ୍ରାୟ ସାଢ଼େ ପାଞ୍ଚଟାରେ ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ 'ଓଡ଼ିଶା ପର୍ବ ୨୦୨୪' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହି ଅବସରରେ ସେ ଏକ ସମାବେଶକୁ ମଧ୍ୟ ସମ୍ବୋଧିତ କରିବେ। ଓଡ଼ିଶା ପର୍ବ ହେଉଛି ନୂଆଦିଲ୍ଲୀର ଏକ ଟ୍ରଷ୍ଟ, ଓଡ଼ିଆ ସମାଜ ଦ୍ୱାରା ପରିଚାଳିତ ଏକ ପ୍ରମୁଖ କାର୍ଯ୍ୟକ୍ରମ। ଏହା ମାଧ୍ୟମରେ ସେମାନେ ଓଡ଼ିଆ ଐତିହ୍ୟର ସଂରକ୍ଷଣ ଏବଂ ପ୍ରୋତ୍ସାହନ ଦିଗରେ ମୂଲ୍ୟବାନ ସମର୍ଥନ ପ୍ରଦାନ କରିବାରେ ନିୟୋଜିତ ହୋଇଛନ୍ତି। ଏହି ପରମ୍ପରାକୁ ବଜାୟ ରଖି ଚଳିତ ବର୍ଷ ଓଡ଼ିଶା ପର୍ବ ନଭେମ୍ବର ୨୨ ରୁ ୨୪ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଏହା ଓଡ଼ିଶାର ସମୃଦ୍ଧ ଐତିହ୍ୟ ଏବଂ ରାଜ୍ୟର ଜୀବନ୍ତ ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ଜୀବନଶୈଳୀକୁ ପ୍ରଦର୍ଶିତ କରିବ। ବିଭିନ୍ନ କ୍ଷେତ୍ରର ପ୍ରମୁଖ ବିଶେଷଜ୍ଞ ଏବଂ ବିଶିଷ୍ଟ ପେସାଦାରଙ୍କ ଦ୍ୱାରା ଏକ ସମ୍ମିଳନୀ ମଧ୍ୟ ଆୟୋଜନ କରାଯିବ।

## କିସ୍ ବିଶ୍ୱବିଦ୍ୟାଳୟର ୪ର୍ଥ ସମାବର୍ତ୍ତନ

### ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ଦେଲେ ଅତିଥି




**ଭୁବନେଶ୍ୱର,୨୩।୧୧(ସଂଚାର ବ୍ୟୁରୋ):** ସର୍ବବୃହତ ଜନଜାତି ବିଶ୍ୱବିଦ୍ୟାଳୟ କିସ୍‌ର ୪ର୍ଥ ସମାବର୍ତ୍ତନ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହରିକୃଷ୍ଣ ଏକ୍ସପୋର୍ଟସ ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ବିଶିଷ୍ଟ ଶିଳ୍ପପତି ଓ ସମାଜସେବୀ ପଦ୍ମଶ୍ରୀ ସାବଜୀ ଢ଼ୋଲକିଆ, ଡ. ବାତ୍ରା ଗ୍ରୁପ୍ ଅଫ୍ କମ୍ପାନୀସମୂହର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିଳ୍ପପତି ପଦ୍ମଶ୍ରୀ ଡା. ମୁକେଶ ବାତ୍ରା ଏବଂ ବିଶିଷ୍ଟ ଶିଳ୍ପପତି ଏସ୍ ଏନ୍ ଗ୍ରୁପ୍ ଅଫ୍ କମ୍ପାନୀର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତିଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସବୁବେଳେ ନିଜକୁ ଶ୍ରେଷ୍ଠ ଭାବେ ବିବେଚନା କରିବା, ସବୁ କାର୍ଯ୍ୟ ମୋ ଦ୍ୱାରା ସମ୍ଭବ ହୋଇପାରିବ ବୋଲି ଭାବିବା, ଭଗବାନ ମୋ ସହ ସବୁବେଳେ ଅଛନ୍ତି, ମୁଁ ବିଜୟୀ ହୋଇପାରିବି ଓ ଆଜି ହେଉଛି ମୋ ପାଇଁ ନୂଆ ଦିନ- ଏହି ୫ଟି ମନ୍ତ୍ରକୁ ଛାତ୍ରଛାତ୍ରୀମାନେ ନିଷ୍ଠାର ସହ ପାଳନ କରିବାକୁ ସେ କହିଥିଲେ । ଆଗକୁ ଆହୁରି ଅଧିକ ସମାଜସେବା କରିବା ପାଇଁ ଏହି ସମ୍ମାନ ମୋତେ ପ୍ରେରଣା ଯୋଗାଇଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରିଟେନ୍‌ର ପ୍ରାକ୍ତନ ସାଂସଦ ତଥା ପ୍ରାକ୍ତନ ମନ୍ତ୍ରୀ ନିକ ଗିବ୍ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି କହିଲେ, ଶିକ୍ଷା ହିଁ ପରିବର୍ତ୍ତନର ମାଧ୍ୟମ । ପିଲାମାନଙ୍କ ଉଦ୍ଦେଶ୍ୟରେ ସେ କହିଲେ, ତୁମ ଇଚ୍ଛା ଅନୁସାରେ ତୁମେ ତୁମର ଲକ୍ଷ୍ୟପଥ ସ୍ଥିର କର। ତୁମ ପାଇଁ ବ୍ୟାପକ ସୁଯୋଗ ରହିଛି। କଣ ଭଲ ଓ କଣ ଖରାପ ନିଜେ ନିଷ୍ପତ୍ତି ନେଇ ସେହି ଅନୁସାରେ ଲକ୍ଷ୍ୟ ସ୍ଥିର କରିବାକୁ ସେ ପିଲାଙ୍କୁ ପରାମର୍ଶ ଦେଇଥିଲେ ।

## ଚନ୍ଦକା ଗଲା ଛୁଆହାତୀ



**କେନ୍ଦୁଝର,୨୩।୧୧(ସଂଚାର ବ୍ୟୁରୋ):** କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ମେଗା ନର୍ସରୀରେ ରଖାଯାଇଥିବା ୩ମାସର ଛୁଆହାତୀକୁ ବନ ବିଭାଗର 'ରକ୍ଷକ' ଯାନରେ ଶନିବାର ଚନ୍ଦକା ସ୍ଥାନାନ୍ତର କରିଛି। ଗତ ୧ ତାରିଖରେ କେନ୍ଦୁଝର ସଦର ରେଞ୍ଜ ଜଗଦଳା ଡ୍ୟାମ୍ ନିକଟରୁ ହାତୀଛୁଆକୁ ବନ ବିଭାଗ ଉଦ୍ଧାର କରିଥିଲା। ବନ ବିଭାଗର ବହୁ ପ୍ରଚେଷ୍ଟା ପରେ ମଧ୍ୟ ମା' ହାତୀ ନିଜ ଛୁଆକୁ ଗ୍ରହଣ କରି ନ ଥିଲା। ସେବେଠାରୁ ବନ ବିଭାଗର ୧୦ ଜଣିଆ ଟିମ୍ ଦିନ ରାତି ହାତୀଛୁଆର ସେବାଯତ୍ନ କରୁଥିଲେ। ଆଜି ହାତୀଛୁଆକୁ ସ୍ଥାନାନ୍ତର କରିବା ସମୟରେ ସମସ୍ତେ ଭାବ ବିହ୍ୱଳ ହୋଇ ଉଠିଥିଲେ। ପଦ୍ମପୁର ମେଗାନର୍ସରୀ ଫରେଷ୍ଟର ଜ୍ୟୋସ୍ନାରାଣୀ ବେହେରାଙ୍କ ସମେତ କର୍ମଚାରୀମାନେ ଛୁଆ ହାତୀକୁ ଚନ୍ଦକାରେ ଛାଡ଼ି ଆସିଛନ୍ତି।

## ବାଣିଜ୍ୟ ମେଳାରେ ଲୋକଙ୍କୁ ଆକୃଷ୍ଟ କରୁଛି ଓଡ଼ିଶାର 'କରୁଣା ସିଲ୍କ'



**ଭୁବନେଶ୍ୱର,୨୩।୧୧(ସଂଚାର ବ୍ୟୁରୋ):** ରେଶମ ପୋକକୁ ନମାରି କ୍ରୁରତାହୀନ ଉପାୟରେ ଖୋସାରୁ ସିଲ୍କ ଉତ୍ପାଦନ କରି ଓଡ଼ିଶା ଯେଉଁ ପରୀକ୍ଷା ନିରୀକ୍ଷା ଆରମ୍ଭ କରିଥିଲା, ସେଥିରେ ଏକ ନୂଆ ବିଷୟ ଯୋଡ଼ି ହୋଇଛି। ଏହି ପଦ୍ଧତିରେ ବାହାରୁଥିବା ରେଶମ ସୂତାରେ ଏବେ କୌଣସି ପ୍ରକାର କୃତ୍ରିମ ରଙ୍ଗ ନ ମିଶାଇ ସମ୍ପୂର୍ଣ୍ଣ ପ୍ରାକୃତିକ ଉପାୟରେ 'କରୁଣା ସିଲ୍କ'ର କପଡ଼ା ପ୍ରସ୍ତୁତ କରାଯାଉଛି। ଏହି କପଡ଼ାରୁ ତିଆରି ଆଧୁନିକ ପୋଷାକ ନୂଆଦିଲ୍ଲୀର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଗ୍ରାହକଙ୍କ ଆଦର ଲାଭ କରିଛି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲିଛି ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା। ଏହି ମେଳାର 'ଓଡ଼ିଶା ମଣ୍ଡପ'ରେ ରାଜ୍ୟର ବିଭିନ୍ନ ହସ୍ତକଳା ଓ ହସ୍ତତନ୍ତ, ଜନଜାତି କଳାକୃତି ଏବଂ ଗ୍ରାମୀଣ ଉତ୍ପାଦ ଆଦି ପ୍ରଦର୍ଶନ ଓ ବିକ୍ରି ହେଉଛି। ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ 'ଅମ୍ଳାନ' ଆଉଟ୍‌ଲେଟ୍‌ରେ 'କରୁଣା ସିଲ୍କ' ପ୍ରସ୍ତୁତ ବିଭିନ୍ନ ପାରମ୍ପରିକ ଓ ଆଧୁନିକ ପୋଷାକ ବିକ୍ରି କରାଯାଉଛି। ତା' ମଧ୍ୟରେ ରହିଛି ଶାଢ଼ି, କପଡ଼ା ଏବଂ ରେଡିମେଡ୍ ଜ୍ୟାକେଟ୍। 'କରୁଣା ସିଲ୍କ' ଉତ୍ପାଦନର ଏହି ଅଭିନବ ପଦ୍ଧତିକୁ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ରାଜ୍ୟ ସରକାର ପ୍ରଦର୍ଶନ କରୁଛନ୍ତି। ଓଡ଼ିଶାର ଯାଜପୁର ଜିଲ୍ଲା ଗୋପାଳପୁର ଅଂଚଳର ବୁଣାକାରମାନେ 'ଓଡ଼ିଶା ମଣ୍ଡପ'ର ଲାଇଭ୍ ଡେମନଷ୍ଟ୍ରେସନ୍ ଭାଗରେ ବସି ପାରମ୍ପରିକ ତନ୍ତ ସାହାଯ୍ୟରେ କପଡ଼ା ବୁଣୁଛନ୍ତି। ଦେଶ ବିଦେଶର ପର୍ଯ୍ୟଟକ, ବିଶେଷକରି ଭାରତୀୟ ପୋଷାକପ୍ରେମୀ ଏଥିପ୍ରତି ଆକର୍ଷିତ ହେବା ସହ ଏହି ଅଭିନବ ସିଲ୍କ ବିଷୟରେ ଅଧିକ ଜାଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। "ଓଡ଼ିଶାର 'କରୁଣା ସିଲ୍କ' ବିଷୟରେ ମୁଁ ପ୍ରଥମଥର ପାଇଁ ବାଣିଜ୍ୟ ମେଳାରୁ ଜାଣିବାକୁ ପାଇଲି। ରେଶମ ପୋକକୁ ନମାରି ଏବଂ କୌଣସି ପ୍ରକାର ରାସାୟନିକ ରଙ୍ଗ ବ୍ୟବହାର ନକରି ସମ୍ପୂର୍ଣ୍ଣ ପ୍ରାକୃତିକ ଉପାୟରେ ଏଭଳି ସିଲ୍କ ପ୍ରସ୍ତୁତ କରିବା ପ୍ରଶଂସାଯୋଗ୍ୟ", କହିଛନ୍ତି ମେଳା ବୁଲିବାକୁ ଆସିଥିବା ଦିଲ୍ଲୀର ଉଦିତ ଜୈନ। "କରୁଣା ସିଲ୍କର ପୋଷାକ ଦିଲ୍ଲୀବାସୀଙ୍କୁ ଭାରି ପସନ୍ଦ ଆସୁଛି। କାରଣ ଏହା ତନ୍ତ ତିଆରି। ତା' ସାଙ୍ଗକୁ ଏଥିରେ କୌଣସି ରାସାୟନିକ ରଙ୍ଗ ବ୍ୟବହାର କରାଯାଉ ନାହିଁ। ବାଣିଜ୍ୟ ମେଳାକୁ ଆସୁଥିବା ଲୋକେ ଏହାର ଲାଇଭ୍ ଡେମୋ ଦେଖିବା ପରେ ଏହି ପୋଷାକ ବିଷୟରେ ଅଧିକ ଜାଣିବା ପାଇଁ ଆଗ୍ରହ ଦେଖାଉଛନ୍ତି", କହିଛନ୍ତି ସେରିଫେଡ୍ ପକ୍ଷରୁ ମେଳାର 'ଅମ୍ଳାନ' ଆଉଟ୍‌ଲେଟ୍‌ରେ ଥିବା ବାବୁଲି ଦାସ। ଓଡ଼ିଶାରେ ୪ ପ୍ରକାର ରେଶମ କୀଟର ଚାଷ କରାଯାଉଛି।

## ସରକାରୀ ଚିକିତ୍ସାଳୟ ନିକଟରେ ଘରୋଇ ଚିକିତ୍ସା




**ଭୁବନେଶ୍ୱର,୨୩।୧୧:** ରାଜ୍ୟ ସରକାର ରୋଗୀମାନଙ୍କୁ ଚିକିତ୍ସାଳୟରେ ଔଷଧଠାରୁ ଆରମ୍ଭ କରି ବିଭିନ୍ନ ପରୀକ୍ଷା ନିରୀକ୍ଷା ମାଗଣାରେ ଯୋଗାଇ ଦେଉଥିବାବେଳେ ଖୋଦ୍ ରାଜଧାନୀରେ କିନ୍ତୁ ଡାକ୍ତରଖାନା ଚାରିପଟେ ଘରୋଇ କ୍ଲିନିକ ସଂଖ୍ୟା ବଢ଼ିବାରେ ଲାଗିଛି। ଏଠାକୁ କିଭଳି ରୋଗୀମାନେ ଅଧିକ ସଂଖ୍ୟାରେ ଯିବେ ସେ ଦିଗରେ ଡାକ୍ତରଙ୍କ ଠାରୁ ଆରମ୍ଭକରି ଡାକ୍ତରଖାନାରେ ପଇଁତରା ମାରୁଥିବା ଦଲାଲମାନେ ଉଦ୍ୟମ ଚଳାଉଛନ୍ତି। ରାଜଧାନୀର ସବୁଠାରୁ ବଡ ଚିକିତ୍ସାଳୟ ହେଉଛି କ୍ୟାପିଟାଲ ହସ୍ପିଟାଲ। ରାଜଧାନୀ ସମେତ ପୁରୀ, ଖୋରଧା, ନୟାଗଡ଼ ଆଦି ଜିଲ୍ଲାର ରୋଗୀମାନେ ଏହା ଉପରେ ନିର୍ଭରଶୀଳ। ଡାକ୍ତରଖାନା ପରିସରରେ ମାଗଣା ଔଷଧ ବିତରଣ ପାଇଁ ଦୁଇ ଦୁଇଟି ନିରାମୟ କେନ୍ଦ୍ର, ମାଗଣା ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷାପାଇଁ ନିଦାନ କେନ୍ଦ୍ର ସମେତ ପିପିପି ମୋଡ୍‌ରେ ଏକ୍ସରେ, ଅଲଟ୍ରାସାଉଣ୍ଡ, ସିଟିସ୍କାନ ଆଦି ସେବା ବିନା ମୂଲ୍ୟରେ ଯୋଗାଇ ଦିଆଯାଉଛି। ରୋଗୀମାନେ କିଭଳି ଉତ୍ତମ ସେବା ପାଇବେ ସେଥିପାଇଁ ଏହି ଡାକ୍ତରଖାନରେ ଦୁଇବେଳା ଆଉଟଡୋର ଖୋଲୁଛି। ଏତେ ସବୁ ସତ୍ତ୍ୱେ କ୍ୟାପିଟାଲ ହସ୍ପିଟାଲ ଚାରିପାଖରେ ନୂଆ ନୂଆ ନର୍ସିଂହୋମ୍, ବିଭିନ୍ନ ପରୀକ୍ଷା କେନ୍ଦ୍ର, ଔଷଧ ଦୋକାନ ଆଦି ଖୋଲିବାରେ ଲାଗିଛି। ଏଠାକୁ ଢେର ଅଧିକ ରୋଗୀ ବି ଆସୁଛନ୍ତି। ତେବେ ସବୁକିଛି ମାଗଣାରେ ମିଳୁଥିବା କ୍ୟାପିଟାଲ ହସ୍ପିଟାଲ ପାଚେରୀ କଡରେ ଏଗୁଡିକ କାହିଁକି ଏତେ ସଂଖ୍ୟାର ଖୋଲୁଛି ଏଠାକୁ କେଉଁମାନେ ଆସୁଛନ୍ତି ସେ ସଂକ୍ରାନ୍ତରେ କେହି ତର୍ଜମା କରୁନାହାନ୍ତି। ଏପରିକି ଏହିସବୁ ଘରୋଇ ଚିକିତ୍ସାକେନ୍ଦ୍ରରେ କେଉଁ କେଉଁ ଡାକ୍ତର ଆସି କେତେବେଳେ ରୋଗୀ ଦେଖୁଛନ୍ତି ତାହାର ସୂଚନା ବି ସରକାର ସଂଗ୍ରହ କରୁନାହାନ୍ତି। ତେବେ ଯାହା ଜଣାଯାଇଛି କ୍ୟାପିଟାଲ ହସ୍ପିଟାଲକୁ ରୋଗୀମାନେ ହିଁ ଏହିସବୁ ଘରୋଇ ଚିକିତ୍ସାକେନ୍ଦ୍ର, ପରୀକ୍ଷାକେନ୍ଦ୍ର ଆଦିର ବଡ ହିତାଧିକାରୀ। ଡାକ୍ତରଖାନରେ ଧାଡିରେ ଛିଡା ନହୋଇ ରୋଗୀମାନେ କିଭଳି ଘରୋଇ କ୍ଲିନିକକୁ ଆସିବେ ଦଲାଲମାନେ ତାହାର ବ୍ୟବସ୍ଥା କରିଦେଉଛନ୍ତି। ବାରମ୍ବାର ପୁଲିସ୍ ଏମାନଙ୍କ ଧରୁଥିଲେ ମଧ୍ୟ ନୂଆ ନୂଆ ରୂପରେ ଆସି ଦଲାଲି କରୁଛନ୍ତି। ପ୍ରାୟତଃ ପ୍ରତ୍ୟେକ ଘରୋଇ ନର୍ସିଂହୋମ୍‌ର ଦଲାଲମାନେ କ୍ୟାପିଟାଲ ହସ୍ପିଟାଲରେ ସକ୍ରିୟ ରହୁଛନ୍ତି। ସେହିଭଳି ନାମୀ ଦାମୀ ଘରୋଇ ଡାକ୍ତରଖାନାର ଡାକ୍ତରମାନେ କ୍ୟାପିଟାଲ ହସ୍ପିଟାଲ ପାଖରେ ଆସି ପ୍ରାୟତଃ ରୋଗୀ ଦେଖୁନାହାନ୍ତି। ତେଣୁ କ୍ୟାପିଟାଲ ହସ୍ପିଟାଲ ଆଖପାଖରେ ରହୁଥିବା ଡାକ୍ତରମାନେ ହିଁ ଏଠାରେ ରୋଗୀ ଦେଖୁଛନ୍ତି। ତେଣୁ ସରକାରୀ ଡାକ୍ତରଖାନରୁ ରୋଗୀମାନେ କିଭଳି ଏହିସବୁ ଘରୋଇ ଚିକିତ୍ସାଳୟକୁ ଆସିବେ ସେ କ୍ଷେତ୍ରରେ ସେମାନଙ୍କର ବଡ ଭୂମିକା ରହୁଛି। କେବଳ କ୍ୟାପିଟାଲ ହସ୍ପିଟାଲ ନୁହେଁ, ରାଜଧାନୀ ବିଭିନ୍ନ ସ୍ଥାନରେ ଓ ରାଜ୍ୟର ପ୍ରାୟ ପ୍ରତ୍ୟେକ ସରକାରୀ ଡାକ୍ତରଖାନା ନିକଟରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ତେଣୁ ରାଜ୍ୟ ସରକାର ଡାକ୍ତରଖାନା ନିକଟରେ ଥିବା ଏହିସବୁ ଘରୋଇ ଚିକିତ୍ସାଳୟ ଓ ପରୀକ୍ଷାକେନ୍ଦ୍ରରେ ଅର୍ତ୍ତିକିତ ଚଢଉ କଲେ ବହୁ ଘଟଣା ପଦାକୁ ଆସିବ ବୋଲି ରୋଗୀମାନେ ମତ ଦେଉଛନ୍ତି। (ତଥ୍ୟ)

## ବାଲିଯାତ୍ରା ବୁଲିଲା ବେଳେ ଟଳିପଡ଼ିଲେ ଯୁବକ

**କଟକ,୨୩।୧୧(ସଂଚାର ବ୍ୟୁରୋ):** ସାଙ୍ଗମାନଙ୍କ ସହ କଟକ ବାଲିଯାତ୍ରା ବୁଲିବାକୁ ଆସିଥିଲେ ଯୁବକ। ବାଲିଯାତ୍ରାରେ ବୁଲିବା ସହ ସାଙ୍ଗମାନଙ୍କ ସହ ନେଉଥିଲେ ସେଲଫି। ଏହି ସମୟରେ ହଠାତ୍ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ ଯୁବକ। ଉକ୍ତ ଯୁବକଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ମୃତ ଯୁବକ ଜଣଙ୍କ ହେଲେ ପ୍ରମୋଦ ନାଥ ସାହୁ। ତାଙ୍କ ଘର ଗଞ୍ଜାମ ଜିଲ୍ଲାର କୁକୁଡାଖଣ୍ଡି ଅଞ୍ଚଳର ବୋଲି ଜଣାଯାଇଛି।ଗତକାଲି ପ୍ରମୋଦ ନିଜର ୪ ଜଣ ସାଙ୍ଗମାନଙ୍କ ସହ ବାଲିଯାତ୍ରା ଆସିଥିଲେ। ବାଲିଯାତ୍ରାରେ ସାଙ୍ଗମାନଙ୍କ ସହ ମଜାମସ୍ତି କରିବା ସହ ଫଟୋ ଉଠାଉଥିଲେ। ହଠାତ୍ ପ୍ରମୋଦ ଅସୁସ୍ଥ ହୋଇ ପଡ଼ି ତଳେ ପଡ଼ିଯାଇଥିଲେ। ସାଙ୍ଗମାନେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରମୋଦ ମୃତ୍ୟୁ ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି। ଗତ କିଛିଦିନ ତଳେ ବାଲିଯାତ୍ରାରେ କରେଣ୍ଟ ଲାଗି ଜଣେ ଯୁବକର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା।

## ଅପେକ୍ଷା କରିଥିଲେ ପ୍ରେମିକା: ଜେଲ୍‌ରୁ ଆସି ବାହାହେଲେ



**ବାରିପଦା,୨୩।୧୧(ସଂଚାର ବ୍ୟୁରୋ):** ଅପେକ୍ଷା କରିଥିଲେ ପ୍ରେମିକା। ଜେଲ୍‌ରୁ ଆସି ବାହା ହେଲେ ପ୍ରେମିକ। ବୈଦିକ ରୀତିନୀତିରେ ଭୈରବୀ ମନ୍ଦିରରେ ପଡ଼ିଲା ହାତଗଣ୍ଠି। ଆଉ ପ୍ରେମିକ-ପ୍ରେମିକାରୁ ପତିପତ୍ନୀ ହୋଇଗଲେ ପୂର୍ଣ୍ଣିମା ଓ ଶୁକଦେବ। ବାହାଘର ପରେ ଉଭୟ ବେଶ୍ ଖୁସି ଅଛନ୍ତି। ବାରିପଦାରେ ଘଟିଛି ଏପରି ନିଆରା ଢଙ୍ଗର ବିବାହ। ବାରିପଦା ଟାଉନ୍‌ରେ ପୂର୍ଣ୍ଣିମା ମହାକୁଡ଼ ଘର। ବାପା-ମାଆଙ୍କ ମୃତ୍ୟୁ ପରେ ମାମୁ ଘରେ ରହୁଥିଲେ। ପେଟ ଚାଖଣ୍ଡକ ପାଇଁ ସେ ଏକ କମ୍ପାନୀରେ କାମ କରୁଥିଲେ। ସେଠାରେ କାମ କରୁଥିବା ବେଳେ ଶୁକଦେବ ଗିରିଙ୍କ ପ୍ରେମରେ ପଡ଼ିଥିଲେ ପୂର୍ଣ୍ଣିମା। ବିବାହ କରିବା ପାଇଁ କେତେ ସପନ ଦେଖୁଥିଲେ। ହେଲେ ଏଥିରେ ପ୍ରତିବନ୍ଧକ ସାଜିଥିଲା ଶୁକଦେବଙ୍କ ପରିବାର। ଗରିବ ଓ ଅସହାୟ ଝିଅ ବୋଲି ଭାବି ବିବାହ କରିବା ପାଇଁ ରାଜି ହୋଇନଥିଲେ। ଯେଉଁଥିପାଇଁ ପୂର୍ଣ୍ଣିମାଙ୍କଠାରୁ ଶୁକଦେବ ଦୂରେଇ ଯାଇଥିଲେ। ପରିବାର ଲୋକଙ୍କ ବାରଣ ଯୋଗୁ ପୂର୍ଣ୍ଣିମାଙ୍କ ସହିତ କଥାବାର୍ତ୍ତା ବନ୍ଦ କରିଦେଲେ ଶୁକଦେବ। ପୂର୍ଣ୍ଣିମା ଫୋନ୍ କଲେ ସେ ଉଠାଉନଥିଲେ।

SANCHAR
ସଂଚାର

୪ ରବିବାର ୨୪ ନଭେମ୍ବର ୨୦୨୪, ଭୁବନେଶ୍ୱର
Sunday 24 November 2024 Bhubaneswar

# ଦୁଇ ରାଜ୍ୟର ଜନାଦେଶ

ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଜନମତ ସ୍ଥିତାବସ୍ଥା ସପକ୍ଷରେ ଯାଇଛି। ଉଭୟ ରାଜ୍ୟରେ ଶାସନ କ୍ଷମତାରେ ଥିବା ମେଣ୍ଟ ବିଜୟୀ ହୋଇଛନ୍ତି। ଏହା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ନହେଲେ ମଧ୍ୟ କିଛିଟା ବିସ୍ମୟଜନକ। କାରଣ ମାତ୍ର ୬ ମାସ ତଳେ ଅନୁଷ୍ଠିତ ଲୋକସଭା ନିର୍ବାଚନର ଜନମତ ବିପରୀତ ଫଳାଫଳ ବିଧାନସଭା ନିର୍ବାଚନରେ ଦେଖିବାକୁ ମିଳିଛି। ଲୋକସଭା ନିର୍ବାଚନରେ ମହାରାଷ୍ଟ୍ରରେ ଏନଡିଏକୁ ନିରାଶ ହେବାକୁ ପଡ଼ିଥିଲା। କଂଗ୍ରେସ-ଏନସିପି-ଶିବସେନା(ଶରଦ) ଗୋଷ୍ଠୀ ଅଧିକ ସଫଳତା ପାଇଥିଲା। ଏହା ପଛରେ ଯାହା ବି କାରଣ ଥାଉ ନା କାହିଁକି ଏନଡିଏର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। କିନ୍ତୁ ବିଧାନସଭା ନିର୍ବାଚନରେ ଜନମତ ପୁରା ଓଲଟିଗଲା। ଅଧିକାଂଶ ଏକଜିଟ ପୋଲ ରିପୋର୍ଟରେ ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧିନ ଏନଡିଏ ବିଜୟ ହାସଲ କରିବ ବୋଲି ପୂର୍ବାନୁମାନ କରିଥିଲେ। କିନ୍ତୁ ଏତେ ବିପୁଳ ବିଜୟ ନେଇ କେହି ପୂର୍ବାନୁମାନ ଲଗାଇ ପାରିନଥିଲେ। କିନ୍ତୁ ମହାରାଷ୍ଟ୍ରରେ ଜନମତ ସ୍ପଷ୍ଟ ଭାବେ ଏନଡିଏ ସପକ୍ଷରେ ଯାଇଛି। ଲୋକେ ପୁଣି ନରେନ୍ଦ୍ର ମୋଦିଙ୍କ ସମର୍ଥନରେ ଭୋଟ ଦେଇଛନ୍ତି। ୨୦୧୯ ବିଧାନସଭା ନିର୍ବାଚନରେ ମଧ୍ୟ ବିଜେପି-ଶିବସେନା ମେଣ୍ଟ ବା ଏନଡିଏ ସପକ୍ଷରେ ଜନତାଙ୍କ ରାୟ ଯାଇଥିଲା। କିନ୍ତୁ ନିର୍ବାଚନ ପରେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧିନ ଶିବସେନା ଜନମତକୁ ଅପହରଣ କରି ନେଇଥିଲା ଏବଂ ବିଜେପିର ହାତ ଛାଡ଼ି କଂଗ୍ରେସ ହାତ ଧରିଥିଲା। ଲୋକେ ବିଜେପିକୁ ସମର୍ଥନ କରି ଶିବସେନାକୁ ଭୋଟ ଦେଇଥିଲେ। କିନ୍ତୁ ଉଦ୍ଧବ କେବଳ କ୍ଷମତା ପାଇଁ, ବିଜେପି ପ୍ରତି ଅସହିଷ୍ଣୁ ହୋଇ କଂଗ୍ରେସ ହାତ ଧରିଲେ ଯାହା ବିରୋଧରେ ଲଢ଼େଇ ପାଇଁ ଶିବସେନା ଜନ୍ମ ନେଇଥିଲା। କ୍ଷମତା ପାଇଁ ଉଦ୍ଧବ ନିଜ ପ୍ରତିଷ୍ଠାତାଙ୍କ ନୀତି, ଆଦର୍ଶ ଏବଂ ରାଜନୈତିକ ଲକ୍ଷ୍ୟକୁ ବଳି ପକାଇଦେଲେ। ଏଥର ଜନତା ତାଙ୍କୁ ପ୍ରତ୍ୟାଖ୍ୟାନ କରି ଉପଯୁକ୍ତ ଶିକ୍ଷା ଦେଇଛନ୍ତି। ଯଦି ଉଦ୍ଧବ କ୍ଷମତା ପାଇଁ ସାଲିସ କରିନଥାନ୍ତେ ତେବେ ତାଙ୍କ ଦଳ ବିଭାଜିତ ହୋଇନଥାନ୍ତା। ନିର୍ବାଚନରେ ଦଳ ପରାଜିତ ହେବା ବଡ଼ କଥା ନୁହେଁ, ବଡ଼ କଥା ହେଲା ଲୋକଙ୍କ ବିଶ୍ୱାସ ହରାଇବା। ଉଦ୍ଧବ ନିଜ କର୍ମ ପାଇଁ ମହାରାଷ୍ଟ୍ରବାସୀଙ୍କ ଆସ୍ଥା ଏବଂ ବିଶ୍ୱାସ ହରାଇଛନ୍ତି। ଏହାଠାରୁ ବଳି ବଡ଼ ପରାଜୟ ଆଉ କିଛି ନାହିଁ। ସେହିପରି ଶରଦ ପାୱାରଙ୍କ ନେତୃତ୍ୱାଧିନ ଏନସିପି ମଧ୍ୟ ଚଳିତ ନିର୍ବାଚନରେ ଶୋଚନୀୟ ଭାବେ ପରାଜୟର ସମ୍ମୁଖୀନ ହୋଇଛି। ଏହାର ଏକମାତ୍ର କାରଣ ହେଲା ତାଙ୍କର ପରିବାରବାଦ ନୀତି। ନିର୍ବାଚନ ଫଳାଫଳ ତାଙ୍କ ଅହଙ୍କାରକୁ କ୍ଷୁର୍ଣ୍ଣ କରିଛି। ଏବେ ସେ ସକ୍ରିୟ ରାଜନୀତିରୁ ଅବସର ନେବା ଉଚିତ। ମହାରାଷ୍ଟ୍ରବାସୀ ବିଜେପି ସପକ୍ଷରେ ରାୟ ଦେଇଛନ୍ତି। ଏଥିରେ ଏକନାଥ ସିନ୍ଦେ ଏବଂ ଅଜିତ ପାୱାରଙ୍କ ଭୂମିକା ମଧ୍ୟ ମହତ୍ୱପୂର୍ଣ୍ଣ ହୋଇଛି। କିନ୍ତୁ ବିଜେପି ଏକାକି ସଂଖ୍ୟାଗରିଷ୍ଠତାର ନିକଟତର ହୋଇଛି। ତେଣୁ ବିଜେପି ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବିଦାର ହେବା ସ୍ୱାଭାବିକ। ବିଜେପିର ଦେବେନ୍ଦ୍ର ଫଡ଼ନାବିଶ ମୁଖ୍ୟମନ୍ତ୍ରୀ ହେବାର ସମ୍ଭାବନା ଅଧିକ। ଏହା ମଧ୍ୟ ଯଥାର୍ଥ ହେବ। ନିର୍ବାଚନରେ ସଫଳତା ପଛରେ ତାଙ୍କ ସବୁଠାରୁ ବଡ଼ ଭୂମିକା ରହିଛି। କିନ୍ତୁ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ସରକାର ସପକ୍ଷରେ ଜନମତ ଯାଇଥିବାରୁ ତାଙ୍କୁ ମଧ୍ୟ ଅଣଦେଖା କରାଯାଇପାରିବନି। ମୁଖ୍ୟମନ୍ତ୍ରୀ ଭାବେ ସେ ନିଜ ଦକ୍ଷତା ପ୍ରମାଣିତ କରିଛନ୍ତି। ତେଣୁ ମହାରାଷ୍ଟ୍ର ନିର୍ବାଚନରେ ଏନଡିଏ ବା ମହାୟୁତି ବିଜୟୀ ହେଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଚୟନ ମେଣ୍ଟ ପାଇଁ ଏକ ବଡ଼ ସମସ୍ୟା ହୋଇପାରେ।

ସେହିପରି ଆଦିବାସୀ ମହୁଲ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଜନମତ ମହାରାଷ୍ଟ୍ର ଭଳି ଶାସକ ଦଳ ସପକ୍ଷରେ ଯାଇଛି। ଅନେକ ଆଶା କରୁଥିଲେ ଯେ, ଝାଡ଼ଖଣ୍ଡରେ ଏଥର ଜନମତ ପରିବର୍ତ୍ତନ ସପକ୍ଷରେ ଯିବ। କିନ୍ତୁ ଝାଡ଼ଖଣ୍ଡବାସୀ ହେମନ୍ତ ସୋରେନଙ୍କ ନେତୃତ୍ୱ ସପକ୍ଷରେ ରାୟ ଦେଇଛନ୍ତି। ଝାଡ଼ଖଣ୍ଡ ଏକ ଆଦିବାସୀ ବହୁଳ ରାଜ୍ୟ ହୋଇଥିବାରୁ ରାଜ୍ୟବାସୀ ହେମନ୍ତ ସୋରେନଙ୍କ ଭଳି ଜଣେ ଆଦିବାସୀ ନେତାଙ୍କ ସପକ୍ଷରେ ଯାଇଛି। ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ରହିଛି। କିଛି ମାସ ତଳେ ସେ ଜେଲ ଯାଇଥିଲେ ଏବଂ ଏବେ ଜାମିନରେ ଅଛନ୍ତି। କିନ୍ତୁ ଏହା ସତ୍ତ୍ୱେ ଝାଡ଼ଖଣ୍ଡବାସୀ ନିର୍ବାଚନରେ ତାଙ୍କୁ ବାଛିଛନ୍ତି। ଏହାର ଅନେକ କାରଣ ରହିଛି। ବିଜେପି ଝାଡ଼ଖଣ୍ଡରେ ଶାସନ କ୍ଷମତା ଅକ୍ତିଆର କରିବାକୁ ବହୁ ଉଦ୍ୟମ କରିଥିଲା। କିନ୍ତୁ ତାହା ବିଫଳ ହୋଇଛି। ପଡ଼ୋଶୀ ବିହାର ରାଜନୀତିର ପ୍ରଭାବ ଝାଡ଼ଖଣ୍ଡରେ ପଡ଼ିଛି। ତେଣୁ ଝାଡ଼ଖଣ୍ଡରେ ଇଣ୍ଡି ମେଣ୍ଟର ଏକ ପ୍ରମୁଖ ଅଂଶୀଦାର ଦଳ ଆରଜେଡିକୁ ରାଜ୍ୟରେ ବିପୁଳ ସଫଳତା ମିଳିଛି। ଲୋକେ ସ୍ଥିରତା ସପକ୍ଷରେ ରାୟ ଦେଇଛନ୍ତି। ଦୁର୍ନୀତି, ଅପରାଧ ଏବଂ ଅନୁପ୍ରବେଶ ତଥା ବେକାରୀ ପ୍ରସଙ୍ଗକୁ ଲୋକେ ଗ୍ରହଣ କରି ନାହାଁନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିବର୍ତ୍ତନର ଆହ୍ୱାନ ଫିକା ପଡ଼ିଯାଇଛି। ଝାଡ଼ଖଣ୍ଡରେ ବିଜେପି ପରାଜୟର ଅନେକ କାରଣ ରହିଛି। ଗୋଟିଏ ବଡ଼ କାରଣ ହେଲା ଏନଡିଏ ବା ବିଜେପିର ନେତୃତ୍ୱ ସମ୍ପର୍କରେ କିଛି ସ୍ପଷ୍ଟତା ନଥିଲା। ଇଣ୍ଡି ମେଣ୍ଟର ନେତା ବା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଥିଲେ ହେମନ୍ତ ସୋରେନ। କିନ୍ତୁ ବିଜେପି ଜିତିଲେ କିଏ ମୁଖ୍ୟମନ୍ତ୍ରୀ ହେବ ତାହା ଅସ୍ପଷ୍ଟ ଥିଲା। ରାଜ୍ୟରେ ବିଜେପିର ସେଭଳି କେହି ଟାଣୁଆ ନେତା ନାହାଁନ୍ତି। ବାବୁଲାଲ ମାରାଣ୍ଡି ରାଜନୀତିରେ ନିଷ୍କ୍ରିୟ ହୋଇଗଲେଣି। ହେମନ୍ତ ସୋରେନଙ୍କୁ କେବଳ ଆଦିବାସୀ ସମ୍ପ୍ରଦାୟ ନୁହେଁ, ସାଧାରଣ ବର୍ଗର ଭୋଟର ମଧ୍ୟ ସମର୍ଥନ କରିଛନ୍ତି। କାରଣ ସେ ନିଜକୁ ଜଣେ ସାଧାରଣ ନେତାଭାବେ ଉପସ୍ଥାପନ କରି ନାହାଁନ୍ତି। ଦୁର୍ନୀତି ଅଭିଯୋଗରେ ଜେଲ ଯିବା ପୂର୍ବରୁ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ। କେଜରିୱାଲଙ୍କ ଭଳି ଜେଲରେ ଥାଇ ମଧ୍ୟ ମୁଖ୍ୟମନ୍ତ୍ରୀ ପଦକୁ ଜାବୁଡ଼ି ଧରିନଥିଲେ। ଜାମିନରେ ଆସିବା ପରେ ସେ ପୁନର୍ବାର ମୁଖ୍ୟମନ୍ତ୍ରୀ ହେଲେ। ମୁଖ୍ୟମନ୍ତ୍ରୀ ହୋଇ ମଧ୍ୟ ସେ ସବୁ ବେଳେ ସାଧାରଣ ଲୋକଙ୍କ ସହ ରହିଛନ୍ତି ଏବଂ କେବେ ନିଜକୁ ନେତା ବୋଲି ସାବ୍ୟସ୍ତ କରିବାକୁ ପ୍ରୟାସ କରି ନାହାଁନ୍ତି। ତେଣୁ ଜନମତ ତାଙ୍କ ସପକ୍ଷରେ ଗଲା। ଝାଡ଼ଖଣ୍ଡରେ ପରାଜୟ ନେଇ ବିଜେପି ହତୋତ୍ସାହିତ ବା ନିରାଶ ହେବାର କିଛି କାରଣ ନାହିଁ। ଏହା ହିଁ ରାଜନୀତି। ଏଥିରୁ ଶିକ୍ଷା ଲାଭ କରି ବିଜେପି ଆଗକୁବଢ଼ିବା ଉଚିତ। ନିର୍ବାଚନ ଜିତିବା ପାଇଁ କେବଳ ନେତା ଏବଂ ହାୱା ଉପରେ ନିର୍ଭର କରାଯାଇପାରିବନି। ଏଥିପାଇଁ ଦୃଢ଼ ସଙ୍ଗଠନ ଏବଂ ନେତୃତ୍ୱ ଆବଶ୍ୟକ। ବିକାଶ ହେଉଛି ସବୁଠାରୁ ବଡ଼ ପ୍ରସଙ୍ଗ। ଏହାକୁ ଅଣଦେଖା କରି କେହି ଜିତିପାରିବେ ନାହିଁ।

## ଜୀବନ ମନ୍ତ୍ର

### ଦେବଦତ୍ତ ବିଶ୍ୱାଳ

ସୁଖ ଓ ଦୁଃଖ ଜୀବନର ଦୁଇଟି କ୍ରମ। ଖରା, ବର୍ଷା ଏବଂ ବାତ୍ୟା, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ଆକାଶ ଉପରେ କୌଣସି ପ୍ରଭାବ ପକାଇପାରନ୍ତି ନାହିଁ। ସେହିପରି ସୁଖ ଓ ଦୁଃଖକୁ ରଙ୍ଗମଞ୍ଚ ଭଳି ଭାବିବା ଉଚିତ୍। ଏହା ଈଶ୍ୱରଙ୍କ ବ୍ୟବସ୍ଥା। ନିସ୍ୱାର୍ଥ ଏବଂ ନିଷ୍କାମ ସେବାଭାବ ସହିତ ଭକ୍ତି ନକଲେ କର୍ମର ଫଳ ଅନୁକୂଳ ମିଳିବ ନାହିଁ। ଆଧ୍ୟାତ୍ମ ଅଭାବକୁ ଦୂର କରି ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ ରଖିପାରିଲେ ଆମ ସେବା ଧର୍ମ ଫଳବତୀ ହେବ। ମନକୁ ସୁଧାରି ନେଲେ ସବରୀ ଓ ବିଗାଡ଼ି ଦେଲେ ସେ ଆମକୁ ଶୁର୍ପଣଖା କରିଦେବ। ମନର ଅହଂକୁ ବିନାଶ କରିପାରିଲେ ଏବଂ କାମ, କ୍ରୋଧ, ଲୋଭ, ମୋହ ଭଳି ବିକାରକୁ ନଷ୍ଟ କରିପାରିଲେ ଜୀବନ ବଦଳି ଯିବ। ଭାଗବତ ଜ୍ଞାନର ଏକ ଉତ୍ତମ ମାର୍ଗ। ଭାଗବତ କଥା ଶୁଣିଲେ ଧର୍ମ ଏବଂ ଜ୍ଞାନ ମାର୍ଗ ପ୍ରଶସ୍ତ ହୋଇଥାଏ। ଏହି ଜ୍ଞାନ ଆମକୁ ପାପମୁକ୍ତ କରେ। ଗଙ୍ଗା ଯେମିତି ବିନା ଭେଦଭାବରେ ସଭିଙ୍କୁ ମୋକ୍ଷ ପ୍ରଦାନ କରେ, ଠିକ୍ ସେହିପରି ଭାଗବତ ମହାପୁରାଣ ଶ୍ରବଣ ମଧ୍ୟ ମୋକ୍ଷ ପ୍ରାପ୍ତିର ଏକମାତ୍ର ଉପାୟ। ଭାଗବତ ସମସ୍ତ ପୁରାଣ ଏବଂ ଧର୍ମଗ୍ରନ୍ଥଗୁଡ଼ିକର ମହାସମୁଦ୍ର ଅଟେ। ଏଥିରେ ଭରି ରହିଛି ଅମୃତରୂପୀ ଅଗାଧ ଜ୍ଞାନ। ଜୀବନର ପ୍ରତିଟି କ୍ଷେତ୍ର ଆହ୍ୱାନରେ ଭରା ଏବଂ ଆମ ମାନଙ୍କର ପ୍ରତିଟି ମୁହୂର୍ତ୍ତ ଈଶ୍ୱରଙ୍କ ପାଇଁ ସମର୍ପିତ ହେବା ଉଚିତ। ଜୀବନର ପ୍ରତିଟି ସମୟରେ ଈଶ୍ୱରଙ୍କ ନାମ ସ୍ମରଣ ପୂର୍ବକ ପରୋପକାରରେ ନିମଗ୍ନ ରହିବା ହିଁ ଜୀବନ ମନ୍ତ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ଅଷ୍ଟାଦଶ ପୁରାଣେଷୁ ବ୍ୟାସସ୍ୟ ବଚନଦୋୟମ୍, ପରୋପକାରାୟ ସ୍ୱର୍ଗାୟ ପାପାୟ ପରପୀଡ଼ନମ୍। ଏହି ଜ୍ଞାନ ଆମକୁ ମୋକ୍ଷପ୍ରାପ୍ତିର ମାର୍ଗ ଦର୍ଶାଏ।

ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ
ମୋବାଇଲ୍: ୯୮୬୧୯୪୪୫୯୪

# ଜୀବନ ଓ ଜଗତରେ ବିଶ୍ୱାସର ଭୂମିକା



### ମନୋରଞ୍ଜନ ମହାନ୍ତି

୨୦୨୧ ବର୍ଷ ଡିସେମ୍ବର ପ୍ରଥମ ସପ୍ତାହରେ ଜର୍ମାନୀର ଚାନ୍ସେଲର୍ ଆଞ୍ଜେଲା ମର୍କେଲ୍ ତାଙ୍କର ୧୬ବର୍ଷର ଗୌରବୋଜ୍ଜ୍ୱଳ କାର୍ଯ୍ୟକାଳ ଶେଷ ହେବା ଅବସରରେ ଜର୍ମାନ୍‌ମାନଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ବାର୍ତ୍ତାରେ କହିଛନ୍ତି, 'ପରସ୍ପରକୁ ବିଶ୍ୱାସ କର। ବିଶ୍ୱାସ ଗଣତନ୍ତ୍ରରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ବିଗତ ଦୁଇ ବର୍ଷର ମହାମାରୀ ସମୟ ସୂଚାଇଦେଇଛି ରାଜନୀତି, ବିଜ୍ଞାନ ଏବଂ ମଣିଷମାନଙ୍କ ମଧ୍ୟରେ ସାମାଜିକ ଉପାଦାନ ସମ୍ବନ୍ଧୀୟ ଭାବ ବିନିମୟରେ ବିଶ୍ୱାସ କେତେ ଗୁରୁତ୍ୱପୂର୍ଣ୍ଣ। ଗଣତନ୍ତ୍ର ଐକ୍ୟଭାବ, ବିଶ୍ୱାସ ଓ ସତ୍ୟ ଉପରେ ନିର୍ଭରଶୀଳ। ଯେଉଁଠାରେ ବିଜ୍ଞାନସମ୍ମତ ଅନ୍ତର୍ଦୃଷ୍ଟିକୁ ଅସ୍ୱୀକାର କରାଯାଏ ଏବଂ ଷଡ଼ଯନ୍ତ୍ର ତତ୍ତ୍ୱ ଓ ଘୃଣାଭାବର ପ୍ରସାର କରାଯାଏ, ଆମେ ତାକୁ ପ୍ରତିରୋଧ କରିବାର ଆବଶ୍ୟକତା ଅଛି।' ନିଜ ନିଜର ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ପୂର୍ବତନ ଚାନ୍ସେଲର୍ ହେଲ୍‌ମଟ୍ କୋଲ୍ ଓ ଗରହାଡ୍‌ର୍ ସ୍ରୋଡର୍ ପ୍ରମୁଖ ବିଥୋଭେନ୍ ଓ ଫ୍ରାଙ୍କ୍ ସିନାଟ୍ରାଙ୍କର ସଙ୍ଗୀତ ଶୁଣିବାକୁ ଇଚ୍ଛା ପ୍ରକଟ କରିଥିଲାବେଳେ ମର୍କେଲ୍ ତାଙ୍କ ବିଦାୟ ଉତ୍ସବରେ 'ଡୁ ହାସ୍ଟ ଡେନ୍ ଫାବ୍ରଫିଲ୍ମ ଭର୍ଜିଶେନ୍' ଅର୍ଥାତ୍ 'ତୁମେ ରଙ୍ଗୀନ ଚଳଚ୍ଚିତ୍ରକୁ ଭୁଲିଗଲ' ସଙ୍ଗୀତ ଶୁଣିବାକୁ ଇଚ୍ଛା କଲେ, ଯାହା ସମ୍ପର୍କରେ ମତ ବ୍ୟକ୍ତ କରି ସେ କହିଲେ, 'ବଲ୍‌ଟିକ୍ ସମୁଦ୍ରର ଗୋଟିଏ ଦ୍ୱୀପରେ ଅବସର ସମୟ ଅତିବାହିତ କରିବାକୁ ଯାଉଥିବା ଗୋଟିଏ ଦମ୍ପତିଙ୍କର କାହାଣୀ ଉପରେ ଆଧାରିତ ଏହି ସଙ୍ଗୀତଟି ମୋତେ ମୋର ଅତୀତକୁ ସ୍ମରଣ କରାଇଦେଉଛି। ଯଦି ମୁଁ ଆଜି ଆପଣମାନଙ୍କ ଆଗରେ ଠିଆ ହୋଇଥାଏ, ତେବେ ସର୍ବୋପରି କୃତଜ୍ଞତା ଓ ବିନମ୍ରତା ମୁଁ ଅନୁଭବ କରୁଛି।' ଗଣତନ୍ତ୍ରରେ ଏକତା, ସତ୍ୟଶୀଳତା, ବିନମ୍ରତା, କୃତଜ୍ଞତା ଓ ପାରସ୍ପରିକ ବିଶ୍ୱାସ କେତେ ଗୁରୁତ୍ୱପୂର୍ଣ୍ଣ ସତରେ !

ପୋପ୍ ଫ୍ରାନ୍‌ସିସ୍ ୨୦୨୧ ବର୍ଷ ଡିସେମ୍ବର ପ୍ରଥମ ସପ୍ତାହରେ ଗ୍ରୀକ୍ ଦ୍ୱୀପ ଲେସ୍‌ବସ୍‌କୁ ଯାଇ ୨, ୩୦୦ ଶରଣାର୍ଥୀ ରହୁଥିବା ମାଭ୍ରୋଭୌନି କ୍ୟାମ୍ପ୍ ପରିଦର୍ଶନ କରିବା ଅବସରରେ ଶରଣାର୍ଥୀମାନଙ୍କର ଦୁର୍ଦ୍ଦଶା ପ୍ରତି ଅନ୍ତର୍ଜାତୀୟ ଉଦାସୀନତାକୁ 'ସଭ୍ୟତାର ଧ୍ୱସ୍ତ ସାମୁଦ୍ରିକ ଜାହାଜ' ସହିତ ତୁଳନା କରିଛନ୍ତି ଏବଂ ଦରିଦ୍ରମାନଙ୍କୁ ଶୋଷଣ କରିବା, ଅସ୍ତ୍ରଶସ୍ତ୍ର ଶିଳ୍ପ ପ୍ରତିଷ୍ଠା କରି ଯୁଦ୍ଧ ପାଇଁ ଭୂମି ପ୍ରସ୍ତୁତ କରିବାର ପ୍ରବୃତ୍ତି ବିରୋଧରେ ସ୍ୱର ଜାଗ୍ରତ କରିଛନ୍ତି। ତାଙ୍କ ମତରେ ରାଜନେତା, ଶାସନକର୍ତ୍ତା, ଚିନ୍ତକ, ସାମାଜିକ କର୍ମୀମାନେ ଏଭଳି ରଚନାତ୍ମକ କର୍ମ କରନ୍ତୁ ଯଦ୍ୱାରା ସେମାନେ ସମୁଦାୟ ମାନବ ସମ୍ପ୍ରଦାୟର ବିଶ୍ୱାସଭାଜନ ହୋଇପାରିବେ।

ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ଡିସେମ୍ବର ୨୫ତାରିଖ ଆମକୁ ସ୍ମରଣ କରାଇଦେଉଛି 'ଆଡ୍‌ଭେଣ୍ଟ୍' ଶବ୍ଦର ମୂଳ ଲାଟିନ୍ ଶବ୍ଦ 'ଆଡ୍‌ଭେଣ୍ଟସ୍' ଯାହାର ଅର୍ଥ 'ଆଗମନ'। ଯୀଶୁଙ୍କ ଆଗମନ ପାଇଁ ପ୍ରସ୍ତୁତିରେ ରହିଛି ପ୍ରାର୍ଥନା, ଉପବାସ, ଆଧ୍ୟାତ୍ମିକ ସାଧନା, ସତ୍‌କାର୍ଯ୍ୟ, ଜୀବନର ପବିତ୍ରତା ଇତ୍ୟାଦି। ପ୍ରସ୍ତୁତି-ପରମ୍ପରାରେ ଚିରସବୁଜ ବୃକ୍ଷଡାଳ, ଫୁଲମାଳ, ପାଞ୍ଚଟି ମହମବତି 'ଧାରାବାହିକ ଜୀବନ'ର, ବୃତ୍ତାକାର 'ଚିରନ୍ତନ ଜୀବନ'ର ଏବଂ ଶସ୍ୟ ଫଳ ଆଦି 'ଜୀବନ ପୋଷଣ, ପୂର୍ଣ୍ଣତା'ର ସୂଚକ। ଫୁଲମାଳରେ ପାଞ୍ଚଟିଯାକ ମହମବତି ମହତ ବିଶ୍ୱାସର ଅର୍ଥାତ୍ ୧ମଟି ଆଶା, ୨ୟ ଶ୍ରଦ୍ଧା, ୩ୟ ଆନନ୍ଦ, ୪ର୍ଥ ଶାନ୍ତି ଓ ୫ମ ଯୀଶୁଖ୍ରୀଷ୍ଟଙ୍କର ପ୍ରତୀକ। ଆଗମନ ଋତୁରେ ପ୍ରତି ରବିବାର ଗୋଟିଏ କରି ଅର୍ଥାତ୍ ଚାରୋଟି ରବିବାର ଚାରୋଟି ମହମବତି ଓ ଯୀଶୁଙ୍କ ଜନ୍ମ ଡିସେମ୍ବର ୨୫ତାରିଖ ଦିନ ପଞ୍ଚମ ମହମବତିକୁ ଜଳାଇ ଦିଆଯାଏ, ଯାହା ସୂଚାଇଦିଏ ଯୀଶୁ ପୃଥିବୀକୁ ନେଇ ଆସିଥିବା ଆଲୋକ। ବିଶ୍ୱାସ ହିଁ ଆଲୋକ ଯାହା ଦୀପ୍ତିମନ୍ତ କରେ ଆଶା, ଶ୍ରଦ୍ଧା, ଆନନ୍ଦ ଓ ଶାନ୍ତିକୁ, ମଣିଷର ହୃଦୟକୁ ଶୋଭାବନ୍ତ କରେ, ପରସ୍ପର ପ୍ରତି ଦୟା, ସହଯୋଗ ଓ ଭ୍ରାତୃତ୍ୱବୋଧରେ ମଣିଷକୁ ମଣିଷର ନିକଟବର୍ତ୍ତୀ କରେ। ପ୍ରଫେଟ୍ ମହମ୍ମଦ୍ ଈଶ୍ୱରଙ୍କ ଧର୍ମ ସହିତ ଶ୍ରଦ୍ଧା, ଉଦାରତା, କରୁଣା, ବିଶ୍ୱାସ ଓ ସମାଜରେ ପ୍ରତ୍ୟେକ ବ୍ୟକ୍ତିର ଅଧିକାର ଆଧାରିତ ଜୀବନର



ମୂଲ୍ୟବୋଧ ପ୍ରତିଷ୍ଠା କରିଛନ୍ତି। ସେ କହନ୍ତି, ମା'ର ପାଦ ତଳେ ସ୍ୱର୍ଗ ଥାଏ, ତେଣୁ ସ୍ୱର୍ଗପ୍ରାପ୍ତିର ଅନ୍ତିମ ଲକ୍ଷ୍ୟ ପୂରଣ ନିମିତ୍ତ ଚାହୁଁଥିବା ବ୍ୟକ୍ତି ମା'କୁ ଶ୍ରଦ୍ଧା, ସମ୍ମାନ ଓ ସେବା କରିବା ଆବଶ୍ୟକ। ଆଧ୍ୟାତ୍ମିକ ପୁସ୍ତକ, ମାର୍ଗଦର୍ଶକମାନେ ଜନ୍ମଦାତ୍ରୀ, ପାଳନକର୍ତ୍ତ୍ରୀ ମା' ଓ ଅନ୍ନଦାତ୍ରୀ ମାଟିର ମହତ୍ତ୍ୱ ଉପସ୍ଥାପନ କରି ମା' ଓ ମାଟିର ମର୍ଯ୍ୟାଦା ରକ୍ଷା ଆମର କର୍ତ୍ତବ୍ୟ ବୋଲି ଏକ ଦିବ୍ୟ ବିଶ୍ୱାସ ଆମ ଅନ୍ତରରେ ଜାଗ୍ରତ କରନ୍ତି।

ସାମ୍ପ୍ରତିକ ସମୟରେ ନାରୀ ଯେଭଳି ନିର୍ଯାତିତା, ମାଟି ଠିକ୍ ସେହିଭଳି। ଭାରତର ୧୬୦ନିୟୁତ ହେକ୍ଟର୍ ଚାଷ ଜମିର ଶତକଡ଼ା ୬୦ଭାଗରେ ମୃତ୍ତିକା ଏବେ କ୍ଷୟିଷ୍ଣୁ। ଆଗାମୀ ତିନି ଦଶନ୍ଧି ମଧ୍ୟରେ ଆମେ ଏକ ବଡ଼ ଧରଣର ଖାଦ୍ୟ ସଂକଟ ଆଡ଼କୁ ଗତି କରୁଛୁ, ଯାହାର ଫଳ ହେବ ବହୁସଂଖ୍ୟକ ଗ୍ରାମବାସୀ ସହରାଭିମୁଖୀ ହେବେ, ସାମାଜିକ ଅସ୍ଥିରତା, ଜୀବନଜୀବିକାରେ ବିପର୍ଯ୍ୟୟ ସୃଷ୍ଟି ହେବ। ମୃତ୍ତିକା ଦୁର୍ବଳ ହେବାର ଅର୍ଥ ପୁଷ୍ଟିର ସ୍ତର ନିମ୍ନଗାମୀ ହେବା। ବିଗତ ପଚିଶ ବର୍ଷ ମଧ୍ୟରେ ପରିବାଗୁଡ଼ିକର ପୁଷ୍ଟି ମୂଲ୍ୟ ହ୍ରାସ ପାଇଛି ଏବଂ ସମୁଦାୟ ଶିଶୁସଂଖ୍ୟାର ଶତକଡ଼ା ୭୦ଭାଗ ରକ୍ତହୀନତାରେ ସଢୁଛନ୍ତି। ଜାତିସଂଘର ଏକ ସଂସ୍ଥା ସଦ୍‌ଗୁରୁ ଜାଗି ବାସୁଦେବଙ୍କୁ ତିନୋଟି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପରିବେଶୀୟ ସମସ୍ୟା କ'ଣ ବୋଲି ପଚାରିବାରୁ ସଦ୍‌ଗୁରୁ ଉତ୍ତରଦେଲେ 'ମାଟି, ମାଟି, ମାଟି'। 'ହ୍ୟୁମସ୍' ଶବ୍ଦର ଅର୍ଥ 'ମାଟି', 'ହ୍ୟୁମ୍ୟାନ୍'ର ଅର୍ଥ 'ମଣିଷ'। 'ହ୍ୟୁମ୍ୟାନ୍' ଶବ୍ଦଟି 'ହ୍ୟୁମସ୍' ସହିତ ସମ୍ପର୍କିତ, ଅର୍ଥାତ୍ 'ମାଟି' ବିନା 'ମଣିଷ' ଜୀବନ ବଞ୍ôଚିବା ଅସମ୍ଭବ। ୧୯୯୮ ବର୍ଷରେ ଜାତିସଂଘର କେତେକ ସଂସ୍ଥା ପୂର୍ବାନୁମାନ କରିଥିଲେ ଯେ ୨୦୨୫ ସୁଦ୍ଧା ତାମିଲନାଡୁ ରାଜ୍ୟର ଶତକଡ଼ା ୬୦ଭାଗ ଅଞ୍ଚଳ ମରୁଭୂମିରେ ପରିଣତ ହେବ। ସେତେବେଳେ ସଦ୍‌ଗୁରୁ ଜାଗି ବାସୁଦେବ ତାମିଲନାଡୁ ଭୂଖଣ୍ଡର ଶତକଡ଼ା ୩୩ ଭାଗରେ ସବୁଜିମା ସୃଷ୍ଟି ପାଇଁ ପ୍ରସ୍ତାବ ଦେଇଥିଲେ ଯାହାଫଳରେ ସେବେଠାରୁ ଏପର୍ଯ୍ୟନ୍ତ ବେସରକାରୀ ଜମିରେ ୫୭ନିୟୁତ ବୃକ୍ଷ ରୋପଣ କରାଯାଇପାରିଛି। ସଦ୍‌ଗୁରୁ ଲୋକମାନଙ୍କୁ ଭୂଭାଗରେ ସବୁଜିମା ସୃଷ୍ଟିର ଆହ୍ୱାନ ଦେଲେ, ଲୋକମାନେ ବିଶ୍ୱାସର ସହିତ ଭୂମିରେ ବୃକ୍ଷ ରୋପଣ କଲେ। ବିଶ୍ୱାସ ହିଁ ଜୀବନ ଓ ଜଗତର ଉତ୍ସ ଓ ଐଶ୍ୱର୍ଯ୍ୟ।

ତାମିଲନାଡୁରେ ଉପକୂଳବର୍ତ୍ତୀ ଅଞ୍ଚଳକୁ 'ନେୟଧାଲ୍', ପାର୍ବତ୍ୟାଞ୍ଚଳକୁ 'କୁରିଞ୍ଜି', ଗ୍ରାମାଞ୍ଚଳର ଆର୍ଦ୍ରଭୂମିକୁ 'ମୁଲ୍ଲାଇ', ଶୁଷ୍କଭୂମିକୁ 'ପାଲାଇ', ନଦୀ ଉପତ୍ୟକାକୁ 'ମରୁଥାମ୍' କୁହାଯାଏ। ନେୟଧାଲ୍ ଅଞ୍ଚଳରେ ଦୃଶ୍ୟମାନ ହୁଏ ତାଳଗଛ, ଶାମୁକା, ଶଙ୍ଖ ଇତ୍ୟାଦି, ତାଳଗଛ ଘର ତିଆରିରେ ବ୍ୟବହୃତ ହୁଏ, ଶଙ୍ଖକୁ ଆଦ୍ୟ ଧ୍ୱନି 'ଓଁ'ର ପ୍ରତୀକ ଭାବରେ ବିଚାର କରାଯାଏ। କୁରିଞ୍ଜି ଅଞ୍ଚଳରେ ବାସ କରୁଥିବା ଟୋଡ଼ା, ଇରୁଲା, କୁରୁମ୍ବା ଆଦିବାସୀମାନେ ଶିବଙ୍କ ପୁତ୍ର କାର୍ତ୍ତିକେୟଙ୍କୁ ମୁରୁଗାନ୍ ରୂପରେ ପୂଜା କରନ୍ତି। ମୁଲ୍ଲାଇ ଅଞ୍ଚଳର ପାହାଡ଼ ପାଦଦେଶରେ ମାଟି ଓ ତାଳପତ୍ର ନିର୍ମିତ ଘରେ କୋଲମ୍ ପରମ୍ପରା ଅନୁଯାୟୀ ଚାଉଳଚୂନାକୁ ଘର ସଜାଇବା ଓ ପିମ୍ପୁଡ଼ି କୀଟ ଆଦିଙ୍କୁ ଆହାର ଦେବା ପାଇଁ ବ୍ୟବହାର କରାଯାଏ, ଏପରିକି ସହରର ଆପାଟ୍‌ମେଣ୍ଟରେ ରହୁଥିବା ଲୋକମାନେ ସେହି ପରମ୍ପରା ଅନୁସରଣ କରନ୍ତି। ଐତିହାସିକ ଓ ପୌରାଣିକ ପୃଷ୍ଠଭୂମି ଥିବା ପାଲାଇ ଶୁଷ୍କ ଭୂମିରେ ବିଜୟର ଦେବୀ କୋଟ୍ରାଭାଇଙ୍କୁ ପୂଜା କରାଯାଏ। ନଦୀ ଉପତ୍ୟକା ମରୁଥାମ୍‌ରେ ଦୃଶ୍ୟ ହୁଏ ମନ୍ଦିର, ରଙ୍ଗୀନ ଗୋପୁରମ୍, ମୀନାର, ଜଳାଶୟ ଏବଂ ମାଟି ଓ ପଥର ନିର୍ମିତ ପାତ୍ର। ଏହି ସମସ୍ତ ଅଞ୍ଚଳରେ ମଣିଷମାନଙ୍କର ପରମ୍ପରାପ୍ରୀତି, ସ୍ୱାସ୍ଥ୍ୟ ସଚେତନତା, ପରିବେଶୀୟ ପରିଚ୍ଛନ୍ନତା ଲକ୍ଷ୍ୟ କରାଯାଏ, ଯେହେତୁ ସେମାନେ ପରିଚ୍ଛନ୍ନତାର ପରବର୍ତ୍ତୀ ସୋପାନ ଦିବ୍ୟତା ବୋଲି ବିଶ୍ୱାସ କରନ୍ତି।

ମଣିଷର ଅନ୍ତଃପ୍ରକୃତି ଓ ବହିଃପ୍ରକୃତି ପରିଷ୍କାର ପରିଚ୍ଛନ୍ନ ହେଲେ ଅନ୍ତଃପ୍ରକୃତିରେ ସୌନ୍ଦର୍ଯ୍ୟ, ବହିଃପ୍ରକୃତିରେ ସବୁଜିମାର ବିକାଶ ହେବ, ମଣିଷର ମଣିଷ ଓ ପରିବେଶ ସହିତ ସମ୍ବନ୍ଧ ପାରସ୍ପରିକ ବିଶ୍ୱାସର ଭିତ୍ତି ଉପରେ ଗଢ଼ିଉଠିବ। ମଣିଷର ସୁନ୍ଦର, ବିନମ୍ର, କୃତଜ୍ଞ ଅନ୍ତଃପ୍ରକୃତି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିବ ଏବଂ ରାଜନୀତି, ବିଜ୍ଞାନ, ପରମ୍ପରା, ଆଧ୍ୟାତ୍ମିକତା, ପରସ୍ପର ଭାବ ବିନିମୟର କ୍ଷେତ୍ରକୁ ସମୃଦ୍ଧ କରିବ। ମଣିଷ ନିଜର ରଚନାତ୍ମକ, ସେବାମୂଳକ କର୍ମ ବଳରେ ଅନ୍ୟ ସମସ୍ତଙ୍କର ବିଶ୍ୱାସଭାଜନ ହୋଇପାରିବ।

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**ଧର୍ମଶାଳା, ଯାଜପୁର**
**ମୋବାଇଲ୍: ୯୮୫୩୨୮୨୯୬୨**

# ପିଡିଏସ୍ ବାଟମାରଣାର ସଫଳ ଯୋଜନା



### ସୁବାସ ଷଡଙ୍ଗୀ

କେନ୍ଦ୍ର ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ ଅନୁସାରେ ଭାରତରେ ପ୍ରାୟ ୮୧.୩୫ କୋଟି ଲୋକଙ୍କୁ ମାଗଣାରେ ବିଭିନ୍ନ ଖାଦ୍ୟଦ୍ରବ୍ୟ ବାଣ୍ଟିବାର ଯୋଜନାରେ ଚାଉଳ, ଗହମ ଏବଂ ମାଣ୍ଡିଆ ଦେଉଛନ୍ତି। ଏଇ ଖାଦ୍ୟ ଶସ୍ୟ ଅନ୍ତ୍ୟୋଦୟ ଅନ୍ନ ଯୋଜନାର ଏକ ଅଂଶବିଶେଷ। ଯେଉଁମାନଙ୍କ ନାମ ଏଇ ଯୋଜନାରେ ରହିଛି, ସେଇମାନଙ୍କୁ ପ୍ରତିମାସରେ ପାଞ୍ଚ କେଜି ଚାଉଳ ବା ଗହମ ଦିଆଯାଉଛି। ସମଗ୍ର ଭାରତବର୍ଷରେ ପ୍ରାୟ ପାଞ୍ଚ ଲକ୍ଷ ଡିଲରମାନଙ୍କ ମାଧ୍ୟମରେ ଏଇ ଖାଦ୍ୟାନ୍ନ ବଣ୍ଟନ କରାଯାଉଛି।

ଗୋଟାଏ କଥା ଏଠାରେ କୁହାଯାଇପାରେ। ତାହା ହେଉଛି, ଭାରତ ବିକାଶ ପଥରେ ଆଗେଇ ଚାଲିଛି। ଲୋକଙ୍କ ଆୟ ବଢ଼ୁଛି। କିନ୍ତୁ ଯେଉଁମାନେ ମାଗଣାରେ ଖାଦ୍ୟାନ୍ନ ପାଇଛନ୍ତି, ସେମାନଙ୍କ ସଂଖ୍ୟା କିନ୍ତୁ କମୁ ନାହିଁ। ବରଂ ବଢ଼ିବାରେ ଲାଗିଛି। ଅନେକ ଲୋକଙ୍କର ଭଲ ରୋଜଗାର ଥିଲେ ମଧ୍ୟ ସେମାନେ ମାଗଣା ଚାଉଳ ପାଇବା ଯୋଜନାରୁ ନିଜ ନାମକୁ ହଟାଇବାକୁ ଚାହୁଁ ନାହାନ୍ତି। ନିୟମର ଗଳାବାଟ ଦେଇ ନିଜ ନାମ ସାମିଲ କରିଦେଉଛନ୍ତି। ନେତାମାନେ ମଧ୍ୟ ଭୋଟ ରାଜନିତି ଦୃଷ୍ଟିରୁ କିଛି କହୁ ନାହାନ୍ତି। ଏଣୁ ଏମାନଙ୍କ ସଂଖ୍ୟା ନିରନ୍ତର ବଢ଼ିଚାଲିଛି।

ଅର୍ଥଶାସ୍ତ୍ରୀ ଅଶୋକ ଗୁଲାଟି ଏବଂ ତାଙ୍କ ଦଳ ପକ୍ଷରୁ ନିକଟରେ କରାଯାଇଥିବା ଏକ ଅଧ୍ୟୟନରେ ପ୍ରକାଶ କରିଛନ୍ତି, ବିତରଣ ପ୍ରଣାଳୀରେ ବ୍ୟାପକ ପରିବର୍ତ୍ତନ ହୋଇଛି। ଭୁଲ ଲୋକ ଯେପରି ହତାଧିକାରି ହୋଇପାରିବ ନାହିଁ, ସେଇ ପ୍ରଣାଳୀକୁ ଅଧିକ ଜୋରଦାର କରାଯାଇଛି। ତାହା ସତ୍ତ୍ୱେ ଠିକଭାବରେ ସବୁ ହିତାଧିକାରି ଏଇ ଯୋଜନାର ସୁଫଳ ପାଇପାରୁ ନାହାନ୍ତି। ଠିକ ସେଇପରି ଆଉ ଏକ ଅଧ୍ୟୟନରୁ ଏକଥା ମଧ୍ୟ ଜଣା ପଡ଼ିଛି ଯେ ଯେତେ ମାଗଣା ଖାଦ୍ୟାନ୍ନ ଦିଆଯାଉଚି, ତାହାର ୨୮ ଭାଗ ହିତାଧିକାରୀଙ୍କ ପାଖରେ ପହଞ୍ଚୁ ନାହିଁ। ମଝିରେ ବାଟମାରଣା ହୋଇଯାଉଚି। ଆମ ଦେଶରେ ସାର୍ବଜନିକ ବିତରଣ ପ୍ରଣାଳୀ ବହୁତ ଦିନର ପୁରୁଣା। ତେବେ ୧୯୯୭-୯୮ ମସିହାରେ ଏହକୁ କିଛି ସଂଶୋଧିତ କରି ଲାଗୁ କରାଯାଇଥିଲା ଯେଉଁମାନେ ଗରିବ ପରିବାର ସେମାନଙ୍କ ପରିବାରକୁ ନ୍ୟୁନତମ ମୂଲ୍ୟରେ ଚାଉଳ ଦେବାର ବ୍ୟବସ୍ଥା କରାଯଇଥିଲା। କିନ୍ତୁ ୨୦୧୩ ମସିହାରେ ଆମ ଦେଶରେ ଖାଦ୍ୟ ସୁରକ୍ଷା ଅଧିନିୟମ ଲାଗୁ ହେଲା। ଦେଶର ପ୍ରାୟ ୬୭ ଭାଗ ଲୋକଙ୍କୁ ଗରିବ ବୋଲି ଧରିନିଆଗଲା। ଏଥିମଧ୍ୟରୁ ୭୫ ଭାଗ ଗାଁ ଲୋକ ଗରିବ ଏବଂ ସହରରେ ବାସ



କରୁଥିବା ଲୋକମାନଙ୍କ ମଧ୍ୟରୁ ୫୦ ଭାଗ ଲୋକଙ୍କୁ ହିତାଧିକାରି ଭାବରେ ଚିହ୍ନଟ କରିବାକୁ ନିୟମ କରାଗଲା।

ଏହା ଭିତରେ ଭାରତର ଅର୍ଥବ୍ୟବସ୍ଥାରେ ଢେର ଉନ୍ନତି ହୋଇଛି। କିନ୍ତୁ ତା ସହିତ ତାସହିତ ତାଳ ଦେଇ ଖାଦ୍ୟ ସବସିଡର ପରିମାଣ ମଧ୍ୟ ବଢ଼ିବାରେ ଲାଗିଛି। ଚାଲୁ ବର୍ଷରେ କେନ୍ଦ୍ର ସରକାରଙ୍କ ଖାଦ୍ୟ ସବସିଡ ବିଲର ପରିମାଣ ହେଉଛି ୨.୦୫ ଲକ୍ଷ କୋଟି ଟଙ୍କା। ଦେଶରେ ଶିଳ୍ପାୟନ ଅନେକ ବଢ଼ିଛି। ଲୋକଙ୍କ କ୍ରୟକ୍ଷମତା ବଢ଼ିଛି କିନ୍ତୁ ଏଇ ମାଗଣା ହିତାଧିକାରୀଙ୍କ ସଂଖ୍ୟା କାହିଁକି କମୁ ନାହିଁ? ୨୦୧୧-୧୨ ମସିହାରେ ଶାନ୍ତାକୁମାର କମିଟି ପ୍ରକାଶ କରିଥିଲା ଯେ ଏଇ ଯୋଜନାରେ ୪୬ ଭାଗ ଗଲତି ରହିଛି। ନବୀନତମ ଘରୋଇ ଉପଭୋକ୍ତା ବ୍ୟୟ ଅଧ୍ୟୟନରୁ, କଥା ମଧ୍ୟ ଜଣାପଡ଼ିଛି ଭାରତୀୟ ଖାଦ୍ୟ ନିଗମ ଓ ରାଜ୍ୟ ସରକାରଙ୍କ ଜାଣତରେ ପ୍ରାୟ ୨୮ ଭାଗ ହିତାଧିକାରୀ ଚାଉଳ ବା ଗହମ ପାଇପାରୁ ନାହାନ୍ତି। ଯାହା ଫଳରେ କେନ୍ଦ୍ର ସରକାରଙ୍କୁ ପ୍ରତିବର୍ଷ ପ୍ରାୟ୬୯୧୦୮ କୋଟି ଟଙ୍କା କ୍ଷତି ସହିବାକୁ ପଡୁଛି। ଏଇ ଅର୍ଥ କିଛି କମ ନୁହେଁ।

ଦ୍ୱିତୀୟ କଥା ହେଲା ଗରିବ ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରି ମାଗଣାରେ ଖାଦ୍ୟାନ୍ନ ଦେଲେ ମଧ୍ୟ ଆମ ଦେଶରେ ଏବେ ବି ଶତକଡା ୩୦ ଭାଗ ଶିଶୁ କୁପୋଷଣର ଶିକାର। ସେମାନଙ୍କୁ ଉପଯୁକ୍ତ ଖାଦ୍ୟ ମିଳିପାରୁ ନାହିଁ। ଶତକଡା ୧୫ ଭାଗ ବରିଷ୍ଠ ନାଗରିକଙ୍କ ମଡି ଇଣ୍ଡେକ୍ସ ମାସ କମ। ତାହଲେ ଆମର ଏଇ ମାଗଣା ଖାଦ୍ୟାନ୍ନ ଯୋଜନାର ଗତି କୁଆଡେ?

ପ୍ରକୃତ ହିତାଧିକାରୀ ଚିହ୍ନଟ କରିବା ହେଉଛି ସବୁ ବଡ ସମସ୍ୟା। ଯେତିକି ଅର୍ଥ ବାଟ ମାରଣା ହେଉଛି, ସେତକିରେ ଖାଦ୍ୟାନ୍ନ ଯୋଜନା ପ୍ରକୃତ ହିତାଧିକରୀଙ୍କ ପାଖରେ ପହଞ୍ଚି ସେମାନଙ୍କୁ କୁପୋଷଣରୁ ରକ୍ଷା କରିପାରନ୍ତା। ମାତ୍ର ଉଭୟେ ରାଜ୍ୟ ଓ କେନ୍ଦ୍ର ସରକାର କେହି ଚାହାନ୍ତି ନାହିଁ, ପ୍ରକୃତ ହିତାଧିକାରୀ ଚିହ୍ନଟ କରିବାକୁ। ବରଂ ନିଜର ଭୋଟ ବ୍ୟାଙ୍କ ରାଜନୀତି ଦୃଷ୍ଟିରୁ କି, କେତେ ଅଧିକ ହିତାଧକାରି ଯୋଡି ପାରିବ, ସେ ନେଇ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି।

ଏବେ ତ ଡବଲ ଇଞ୍ଜିନ ସରକାର। ସେମାନେ ଯଦି ଚାହିଁବେ ତେବେ ଅନେକ କିଛି କରିପାରିବେ। ସ୍କୁଲର ମଧ୍ୟାହ୍ନ ଭୋଜନ ଠାରୁ ଆରମ୍ଭ କରି ମାଗଣା ଚାଉଳ ଦେବା ଯୋଜନାର ସଂଶୋଧନ କରିପାରିବେ। ପ୍ରକୃତ ଗରିବ ଲୋକ ଚାଉଳ ବା ଘର ପାଆନ୍ତୁ, ଏଥିରେ କାହାର କିଛି କହିବାର ନାହିଁ। କିନ୍ତି ବାଟ ମାରଣା ହୋଇଯିବା ଫଳରେ ଯୋଜନାର ମୂଲ୍ୟ କିଛି ରହୁ ନାହିଁ। ଯୋଜନା ତା ବାଟରେ, ଗରିବ ତା ବାଟରେ। ନୂଆ କରି ମାଗଣା ଚାଉଳ ଦେବାର ନୂଆ ବ୍ୟବସ୍ଥା ଲାଗୁ କରିବାର ସମୟ ଆସିଛି। କେବଳ ସଦିଛା ଦରକାର।

ମୋବାଇଲ୍: ୯୪୩୯୬୫୨୩୨୨

# ଫଶିବେ ଆଦାନୀ !

### ବ୍ରଜ ରଞ୍ଜନ ଦାଶ

କେତେକ ପୁଞ୍ଜିପତି ଓ ଇଲେକଟୋରାଲ ବଣ୍ଡ ମାଧ୍ୟମରେ ପ୍ରଚୁର ଅର୍ଥ ସଂଗ୍ରହ କରି ଏକ ସଂସ୍କାରୀ ଓ ସଚ୍ଚୋଟ ରାଜନୈତିକ ଦଳ ଭାବରେ ଭାରତର ଜନସାଧାରଣଙ୍କୁ ଭୂଆଁ ବୁଲାଇ ସନାତନୀ ଧର୍ମର ଏକମାତ୍ର ପୃଷ୍ଠପୋଷକ ସାଜିଥିବା ଭାରତୀୟ ଜନତା ପାର୍ଟିର ଅସଲ ମୁଖା ଖୋଲିଯିବାର ସମୟ ଆସିଗଲାଣି। ହିଂଡେନବର୍ଗ ଖୁଲାସାକୁ ହେୟଜ୍ଞାନ କରିଥିବା ସେବି ଏବଂ ସେହି ମାମଲାରେ ଏକପ୍ରକାର ନିଷ୍କ୍ରିୟ ରହିଥିବା ସୁପ୍ରିମକୋର୍ଟ ଉପରେ କିପରି ଆସ୍ଥା ପ୍ରକଟ କରିବେ ଅର୍ଥନୀତି ବିଶାରଦ ଓ ସାଧାରଣ ଜନତା ତାହା ଆଗାମୀ ଦିନ ପାଇଁ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। ସଂସଦରେ ଆଦାନୀ ପ୍ରସଙ୍ଗ ବାରମ୍ବାର ଉଠାଇଥିବା ବିରୋଧୀ ଦଳର ନେତା, ରାହୁଲ ଗାନ୍ଧୀଙ୍କୁ ବିଜେପି ପକ୍ଷରୁ କଡା ସମାଲୋଚନା ଏପରିକି ବ୍ୟଙ୍ଗ କରାଯାଇଥିଲା। ବିଗତ ସଂସଦୀୟ ଅଧିବେଶନରେ ଯେତେବେଳେ ରାହୁଲ ଅମ୍ବାନୀ ଓ ଆଦାନୀଙ୍କ ନାମ ଉଠାଇଲେ, ସେତେବେଳେ ବାଚସ୍ପତି ଓମ ବିର୍ଲା ତାଙ୍କୁ ବିରୋଧ କରିବାରୁ ରାହୁଲ ସେମାନଙ୍କର ନାମ ଏ-୧, ଏ-୨ କହିପାରିବିକି ବୋଲି ପାଲଟା ପ୍ରଶ୍ନ କରିଥିଲେ। ସଂସଦରେ ରାହୁଲ ଗାନ୍ଧୀ ଜଣେ ଏପରି ନେତା ଯିଏ କି ସରକାରୀ ଦଳର ସଦସ୍ୟମାନଙ୍କର ଘୋର ବିରୋଧକୁ ଭୃକ୍ଷେପ ନକରି ଦେଶର ଅର୍ଥନୈତିକ ସ୍ୱାର୍ଥ ଦୃଷ୍ଟିରୁ ଆଦାନୀ - ଅମ୍ବାନୀଙ୍କ ପ୍ରତି ସରକାର ଓ ଯାଞ୍ଚ ଏଜେନ୍ସିଙ୍କ ଅହେତୁକ ଦରଦକୁ ଉଜାଗର କରିବାକୁ ଅହରହ ଉଦ୍ୟମ କରିଥିଲେ। ଅମ୍ବାନୀ ତାଙ୍କର ପୁତ୍ରଙ୍କ ବିବାହ ଉତ୍ସବକୁ ନିମନ୍ତ୍ରଣ କରିଥିଲେ ମଧ୍ୟ ରାହୁଲ ଏଥିରେ ଯୋଗ ଦେଇନଥିଲେ। କୋଟି କୋଟି ଟଙ୍କାର ବ୍ୟାଙ୍କ ଋଣ ମାଫ କରିବା ସହିତ ଏହି ଦୁଇ ଗୁଜରାଟୀ ପୁଞ୍ଜିପତିଙ୍କୁ ପ୍ରଧାନମନ୍ତ୍ରୀ ଦେଶ - ବିଦେଶରେ କଣ୍ଟ୍ରାକ୍ଟ ଦେବା ପାଇଁ ପରୋକ୍ଷ ଓ ପ୍ରତ୍ୟକ୍ଷ ଉଦ୍ୟମ କରିଥିବା ନେଇ ବହୁ ପ୍ରଶ୍ନ ଉଠିଛି। ଦେଶର ସମ୍ପତ୍ତି ଯଥା ବିମାନସେବା, ବିମାନବନ୍ଦର, ବନ୍ଦର, ଟେଲିଭିଜନ ଚାନେଲ, ସରକାରୀ ଉଦ୍ୟୋଗ ଆଦାନୀଙ୍କ ହାତରେ ଟେକି ଦେଇ ସରକାର ସଂସଦରେ ଉଠିଥିବା ଗୁରୁତର ଅଭିଯୋଗକୁ ଅଣଦେଖା କରିଥିଲେ। ପ୍ରଧାନମନ୍ତ୍ରୀ କେବେହେଲେ ଆଦାନୀଙ୍କ ନାମ ତାଙ୍କ ମୁହଁରେ ଧରିନଥିଲେ ମଧ୍ୟ ଏକ ନିର୍ବାଚନୀ ସଭାରେ କଂଗ୍ରେସକୁ କଣ ଆଦାନୀ ଅଟୋରେ ଭର୍ତ୍ତି କରି ଟଙ୍କା ଦେଉଛନ୍ତି କି ବୋଲି ପ୍ରଶ୍ନ କରିଥିଲେ ଯାହାର ଉତ୍ତରରେ ରାହୁଲ କହିଥିଲେ ଯେ ସେ ପ୍ରଧାନମନ୍ତ୍ରୀଙ୍କ ମୁହଁରୁ



ଶେଷରେ ଆଦାନୀଙ୍କ ନାମ ଶୁଣି ଆଶ୍ୱସ୍ତ ହେଲେ। ତେବେ ଅଟୋରେ ଭର୍ତ୍ତି କରି ପ୍ରଧାନମନ୍ତ୍ରୀଙ୍କ ଦଳ ଆଦାନୀଙ୍କ ଠାରୁ ଟଙ୍କା ନେବାରେ ଅଭିଜ୍ଞତା ରହିଥିବା ଦୃଷ୍ଟିରୁ ଏପରି କହିଥିବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ ମତ ରଖିଥିଲେ। ଆମେରିକାରେ ବାଇଡେନ ଯୁଗ ଶେଷ ହୋଇ ଏବେ ଡୋନାଲଡ ଟ୍ରମ୍ପଙ୍କ ଯୁଗ ଆରମ୍ଭ ହୋଇଛି। ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କ ଜଣେ ଅନ୍ତରଙ୍ଗ ବନ୍ଧୁ ବୋଲି ମୋଦିଙ୍କ ସମର୍ଥକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିଲା। ବାଇଡେନଙ୍କ ଠାରୁ ହାରିଥିବା ନିର୍ବାଚନରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ଅବ କି ବାର ଟ୍ରମ୍ପ ସରକାର ବୋଲି ମୋଦି ପ୍ରଚାର କରିଥିଲେ। କିନ୍ତୁ ଟ୍ରମ୍ପ ରାଷ୍ଟ୍ରପତି ପଦବି ସମ୍ଭାଳିବା ପୂର୍ବରୁ ଆଦାନୀଙ୍କ ପାଦ ତଳୁ ମାଟି ଖସିଯିବ ବୋଲି ହୁଏତ କେହି ଅନୁମାନ କରିନଥିବେ। ସୌରଶକ୍ତି କଣ୍ଟ୍ରାକ୍ଟ ପାଇବା ପାଇଁ ଓଡିଶା ସମେତ ୫ ରାଜ୍ୟର ସରକାରୀ ଅଧିକାରୀ ମାନଙ୍କୁ ଆଦାନୀ ଗ୍ରୁପ ୨୨୦୦ କୋଟି ଟଙ୍କା ଲାଞ୍ଚ ଦେଇଛି ବୋଲି ଆମେରିକାର୍ ଏକ କୋର୍ଟରେ ମାମଲା ରୁଜୁ ହେବା ସହିତ ଗ୍ରୁପର ଅଧ୍ୟକ୍ଷ, ଗୌତମ ଆଦାନୀଙ୍କ ନାମରେ ଜାରି ହୋଇଛି ଗିରଫ ପରୱାନା। ଷ୍ଟକ ବଜାର ହେରଫେର ମାମଲାରେ ହିନ୍‌ଡେନବର୍ଗ ରିସର୍ଚ୍ଚ କବଳରୁ କଳେ ବଳେ କୌଶଳେ ମୁକୁଳିବା ଏବେ ଠକେଇ ଏବଂ ଲାଞ୍ଚ ଅଭିଯୋଗ ଆସିଛି ଯାହାକି ଅତ୍ୟନ୍ତ ଗମ୍ଭୀର ଓ ସଙ୍ଗୀନ ମାମଲା। ଏହି ମାମଲାରେ ଆମେରିକୀୟ କୋର୍ଟରେ ଶୁଣାଣି ହୋଇଛି। ସୌର ଶକ୍ତି ପ୍ରୋଜେକ୍ଟ ହାସଲ ପାଇଁ ଆଦାନୀ କେତେକ ରାଜ୍ୟର ଅଧିକାରୀମାନଙ୍କୁ ବ୍ୟକ୍ତିଗତ ଭାବରେ ଭେଟିଥିଲେ। ସୌର ଶକ୍ତି ପ୍ରକଳ୍ପ ଆଳରେ ଆମେରିକୀୟ ବ୍ୟାଙ୍କ ଓ ନିବେଶକଙ୍କଠାରୁ କୋଟି କୋଟି ଟଙ୍କା ଉଠାଇ ତାହାକୁ ଲାଞ୍ଚ ବାବଦ ଉକ୍ତ ଅଧିକାରୀ ମାନଙ୍କୁ ପ୍ରଦାନ କରାଯାଇଥିବା ଅଭିଯୋଗ ରହିଛି। ସୂତ୍ର ଅନୁସାରେ, ଏହି ଯୋଜନା ୨୦୧୯ ଡ଼ିସେମ୍ବରରୁ ଜୁଲାଇ ୨୦୨୦ ମଧ୍ୟରେ ପ୍ରସ୍ତୁତ ହୋଇଥିଲା। ଏହି ମାମଲାରେ ଗୌତମ ଆଦାନୀଙ୍କ ସହିତ ତାଙ୍କ ପୁତୁରା ସାଗର ଆଦାନୀଙ୍କ ବିରୋଧରେ ଗିରଫ ପରୱାନା ଜାରି ହୋଇଛି। ଆଦାନୀ ଏହି ମାମଲାରେ ଫଶିବାର ଅଧିକ ସମ୍ଭାବନା ରହିଛି।

ବରିଷ୍ଠ ସାମ୍ବାଦିକ
ପ୍ଲଟ ନଂ: ୬୭୦, ହାଟସାହି, ଓଲଡ଼ ଟାଉନ, ଭୁବନେଶ୍ୱର
ମୋବାଇଲ୍: ୭୭୩୫୦୮୩୩୫୩

# କିଏ ହେବ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ



ମୁମ୍ବାଇ, ୨୩।୧୧: ମହାରାଷ୍ଟ୍ରରେ ବିଜେପି-ଶିବସେନା (ସିନ୍ଦେ) ଓ ଏନସିପି (ଅଜିତ ଗୋଷ୍ଠୀ) ମେଣ୍ଟ ମହାୟୁତି ବିଜୟ ହାସଲ କରିବା ପରେ ଏବେ ପ୍ରଶ୍ନ ଉଠୁଛି କିଏ ହେବ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ। ସିନ୍ଦେଙ୍କ ନେତୃତ୍ୱାଧିନ ସରକାର ପ୍ରତି ଜନସମର୍ଥନ ମିଳିଥିବାରୁ ସେ ମୁଖ୍ୟମନ୍ତ୍ରୀ ପଦ ଲାଗି ସ୍ୱାଭାବିକ ଭାବେ ଦାବିଦାର। ତେବେ ବିଧାନସଭାରେ ବିଜେପି ସର୍ବାଧିକ ୧୨୪ଟି ଆସନ ପାଇଛି। ତେଣୁ ମୁଖ୍ୟମନ୍ତ୍ରୀ ପଦ ବିଜେପିକୁ ମିଳିବା ସମ୍ଭାବନା ମଧ୍ୟ ରହିଛି। ଅଜିତ ପାୱାରଙ୍କ ଏନସିପି ରେସରେ ନାହିଁ। ଯଦି ବିଜେପି ମୁଖ୍ୟମନ୍ତ୍ରୀ ପଦ ହାତେଇବ ତେବେ ଦେବେନ୍ଦ୍ର ଫଡ଼ନାବିଶ ମୁଖ୍ୟମନ୍ତ୍ରୀ ହେବେ। ୨୮୮ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ ସଂଖ୍ୟାଗରିଷ୍ଠତା ଲାଗି ୧୪୫ ଆସନର ଆବଶ୍ୟକତା ରହିଛି। ବିଜେପି ଏକାକି ୧୨୪ ଆସନରେ ବିଜୟୀ ବା ଅଗ୍ରଣୀ ରହିଛି। ତେଣୁ ବିଜେପି ପାକାପାଖି ସଂଖ୍ୟାଗରିଷ୍ଠତା ହାସଲ କରିଛି। ସରକାର ଗଠନ ନିମନ୍ତେ ଏହା ଅଳ୍ପ କିଛି ବିଧାୟକଙ୍କ ସମର୍ଥନ ଆବଶ୍ୟକ କରୁଛି। ଶିବସେନା ଓ ଏନସିପି ମଧ୍ୟରୁ ଯେ କୌଣସି ଗୋଟିଏ ଦଳର ସମର୍ଥନରେ ବିଜେପି ସରକାର ଗଠନ କରିପାରିବ। ତେବେ ବର୍ତ୍ତମାନ ପାଇଁ ବିଜେପି କାହାକୁ ହାତ ଛଡ଼ା କରିବାକୁ ଚାହୁଁନି। ତେଣୁ ଉଭୟ ସହଯୋଗୀଙ୍କୁ ସାଥିରେ ନେଇ ବିଜେପି ସରକାର ଗଠନ କରିବ। ତେବେ ସିନ୍ଦେଙ୍କୁ ଏଥିପାଇଁ କିପରି ମନାଯାଇପାରିବ ସେଥିନେଇ ବିଜେପି ଚିନ୍ତାରେ ଅଛି। ଆସନ୍ତା ୨୫ରେ ବିଜେପିର ନବନିର୍ବାଚିତ ବିଧାୟକମାନଙ୍କ ବୈଠକ ବସି ନେତା ନିର୍ବାଚନ ଏବଂ ସରକାର ଗଠନ ପ୍ରକ୍ରିୟା ଆରମ୍ଭ ହେବ। ତିନି ଦଳକୁ ଏକାଠି କରି କିପରି ସରକାର ଗଠନ ହୋଇପାରିବ ସେଥିନେଇ ବିଜେପି ପକ୍ଷରୁ ଏକ କୋର କମିଟି ଗଠନ କରାଯିବ। ଏହି କମିଟି ସବୁ ଅଂଶୀଦାର ଦଳ ସହ ମିଶି ନୂଆ ସରକାରର ରୂପରେଖ ଚୁଡ଼ାନ୍ତ କରିବ।

ଆସନ୍ତା ୨୬ ତାରିଖରେ ମହାରାଷ୍ଟ୍ର ବିଧାନସଭା କାର୍ଯ୍ୟକାଳ ଶେଷ ହେଉଛି। ତେଣୁ ଏହା ପୂର୍ବରୁ ରାଜ୍ୟରେ ସରକାର ଗଠନ ହେବା ଜରୁରୀ। ନଚେତ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଲାଗୁ ହେବ। ୨୦୨୪ ବିଧାନସଭା ନିର୍ବାଚନରେ ବିଜେପି ସବୁଠାରୁ ଅଧିକ ଆସନ ଜିତିବାକୁ ଯାଉଛି। କିନ୍ତୁ ଦଳ ଏକାକୀ ମ୍ୟାଜିକ ନମ୍ବର ୧୪୫ ହାସଲ କରିପାରିବ ନାହିଁ। ତଥାପି ବିଜେପି ସର୍ବବୃହତ୍ତ ଦଳ ଭାବେ ଉଭା ହୋଇଛି। ତେଣୁ ଦେବେନ୍ଦ୍ର ଫଡନାଭିସ ମୁଖ୍ୟମନ୍ତ୍ରୀ ତେବେ ଦେବେନ୍ଦ୍ର ଫଡନାଭିସ ଦେଇଥିବା ବୟାନ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଦୁଇ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ସାରିଥିବା ଫଡନାଭିସଙ୍କ କହିବା କଥା ଯେ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଅମିତ ଶାହ ଦେଇଥିବା ପରାମର୍ଶ ଅନୁଯାୟୀ ସମସ୍ତେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କୁ ବାଛିବେ। ସେ କହିଛନ୍ତି, "ମୁଖ୍ୟମନ୍ତ୍ରୀ କିଏ ହେବେ, ତା'କୁ ନେଇ କୌଣସି ପ୍ରକାରର ବିବାଦ ନାହିଁ। ପ୍ରଥମ ଦିନରୁ ନିଷ୍ପତ୍ତି ହୋଇସାରିଛି ଯେ ନିର୍ବାଚନ ପରେ ମେଣ୍ଟରେ ଥିବା ୩ ଦଳ ମିଳିତ ଭାବେ ବୈଠକ କରିବେ ଓ ମୁଖ୍ୟମନ୍ତ୍ରୀ ପ୍ରସଙ୍ଗରେ ନିଷ୍ପତ୍ତି ନେବେ।

ଏହି ନିଷ୍ପତ୍ତିକୁ ସମସ୍ତେ ମାନିବେ। ଏହାକୁ ନେଇ କୌଣସି ପ୍ରକାରର ଦ୍ୱନ୍ଦ୍ୱ ନାହିଁ। ଏହା ମଧ୍ୟ ସତ ଯେ ମୁଖ୍ୟମନ୍ତ୍ରୀ ହେବାକୁ ଆଶା ରଖିଥିବା ନେତାଙ୍କ ସମର୍ଥକମାନେ ମଧ୍ୟ ଏନେଇ ଥଟାମଜାରେ ଅନେକ କଥା କହୁଛନ୍ତି। ହେଲେ ସବୁ କିଛି ମିଳିତ ଆଲୋଚନା ପରେ ସ୍ପଷ୍ଟ ହେବ।

# ୭୬ ହଜାର ଭୋଟରେ ହାରିଲେ ନବାବ ମଲିକ



ମୁମ୍ବାଇ, ୨୩।୧୧: ନ୍ୟାସନାଲ କଂଗ୍ରେସ ପାର୍ଟିର ପ୍ରମୁଖ ଚେହେରା ନବାବ ମଲିକ ପରାସ୍ତ। ୬୫ ବର୍ଷୀୟ ନବାବ ସମାଜବାଦୀ ପାର୍ଟିର ଅବୁ ଅସିମ ଆଜମିଙ୍କ ଠାରୁ ପରାସ୍ତ ହୋଇଛନ୍ତି। ୭୬ ହଜାର ୫ ଖଣ୍ଡ ଭୋଟରେ ହାରିଛନ୍ତି ନବବା ମଲିକ।

ନବାବ ଅଜିତ ପାୱାରଙ୍କ ଏନସିପିର ଜଣେ ପ୍ରମୁଖ ଚେହେରା। ସେ ୨୦୧୯ ନିର୍ବାଚନରେ ଅଣୁଶକ୍ତି ନଗର ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିଲେ। ମାତ୍ର ଚଳିତ ନିର୍ବାଚନରେ ମନଖୁର୍ଦ୍ଦ ଶିବାଜୀ ନଗରୀରୁ ପ୍ରାର୍ଥୀ ହୋଇଥିଲେ। ସମାଜବାଦୀ ପାର୍ଟିର ଅବୁ ଆଜମି ତାଙ୍କୁ ବିପୁଳ ଭୋଟରେ ପରାସ୍ତ କରିଛନ୍ତି। ଅବୁ ଆଜମି ୮୩ ହଜାର ୫୮୮ ଖଣ୍ଡ ଭୋଟ୍ ପାଇ ଥିବାବେଳେ ନବାବ ମଲିକ ମାତ୍ର ୭ ହଜାର ୫୮୩ ଭୋଟ୍ ପାଇଛନ୍ତି। ସେପଟେ, ନବାବଙ୍କ ଗଡ଼ ଅଣୁଶକ୍ତି ନଗରରୁ ତାଙ୍କ ଝିଅ ସନା ମଲିକ ପ୍ରତିଦ୍ୱନ୍ଦିତା କରୁଛନ୍ତି। ତାଙ୍କ ବିପକ୍ଷରେ ଅଛନ୍ତି ସ୍ୱରା ଭାସ୍କରଙ୍କ ସ୍ୱାମୀ ଫହଦ ଅହମଦ। ଫହଦ ୧୭ ରାଉଣ୍ଡ ଭୋଟ୍ ଗଣତି ପର୍ଯ୍ୟନ୍ତ ଆଗେଇ ଚାଲିଥିଲେ, କିନ୍ତୁ ୧୯ ରାଉଣ୍ଡ ବେଳକୁ ପଛରେ ପଡ଼ି ଯାଇଛନ୍ତି। ୧୯ ରାଉଣ୍ଡ ଭୋଟ୍ ଗଣତି ସୁଦ୍ଧା ସନା ମଲିକ ଆଗରେ ରହିଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ଅଣୁଶକ୍ତି ନଗର ପାଇଁ ବିଜେତାଙ୍କ ନାମ ଘୋଷଣା କରାଯାଇନାହିଁ। ଫଳାଫଳ ପ୍ରକାଶ ପାଇବା ପରେ କିଏ ଏହି ଗଡ଼ରୁ ବାଜି ମାରୁଛନ୍ତି, ଚିତ୍ର ସ୍ପଷ୍ଟ ହୋଇଯିବ।

## ପ୍ରିୟଙ୍କା ୪ ଲକ୍ଷରୁ ଅଧିକ ଭୋଟରେ ଜିତିଲେ



ୱାୟନାଡ଼, ୨୩।୧୧: ଡେବ୍ୟୁରେ କମାଲ କରିଛନ୍ତି ପ୍ରିୟଙ୍କା ଗାନ୍ଧି ଭଦ୍ରା। ସେ ପ୍ରଥମଥର ପାଇଁ କୌଣସି ନିର୍ବାଚନ ଲଢ଼ି ରେକର୍ଡ ସଂଖ୍ୟକ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସ୍ଥିତି ଏପରି ହୋଇଛି ଯେ ପ୍ରିୟଙ୍କା ଭାଇ ରାହୁଲ ଗାନ୍ଧିଙ୍କ ୨୦୧୯ ରେକର୍ଡକୁ ମଧ୍ୟ ଭାଙ୍ଗି ଦେଇଛନ୍ତି। କେରଳର ୱାୟନାଡ ଲୋକସଭା ଆସନରେ ଅନୁଷ୍ଠିତ ଉପ ନିର୍ବାଚନରେ ପ୍ରିୟଙ୍କା ଏକତରଫା ବିଜୟ ହାସଲ କରିଛନ୍ତି। ପ୍ରିୟଙ୍କା ବିଜୟ ହୋଇଥିବାରୁ ଏବେ ସଂସଦରେ ଗାନ୍ଧି ପରିବାରର ୩ ସଦସ୍ୟଙ୍କୁ ଦେଖିବାକୁ ମିଳିବ। ପ୍ରଥମଥର ପାଇଁ ରାହୁଲ ଓ ପ୍ରିୟଙ୍କା ଲୋକସଭାରେ ରହିବ। ସେହିପରି ମା' ସୋନିଆ ଗାନ୍ଧି ରାଜ୍ୟସଭାର ସଦସ୍ୟ ରହିଛନ୍ତି। ପ୍ରିୟଙ୍କା ୱାୟନାଡରେ ୪,୧୦,୯୩୧ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କୁ ୬,୨୨,୩୩୮ ଖଣ୍ଡ ଭୋଟ ମିଳିଥିବା ବେଳେ ଏଲଡିଏଫର ସତ୍ୟାନ ମୋକଇରି ୨,୧୧,୪୦୭ ଖଣ୍ଡ ଭୋଟ ପାଇଛନ୍ତି। ବିଜେପିର ନବ୍ୟା ହରିଦାସ ମାତ୍ର ୧,୦୯,୯୩୯ ଖଣ୍ଡ ଭୋଟ ସହ ତୃତୀୟ ସ୍ଥାନରେ ରହିଛନ୍ତି। ୪ ଲକ୍ଷରୁ ଅଧିକ ଭୋଟ ବ୍ୟବଧାନରେ ଜିତି ପ୍ରିୟଙ୍କା ଭାଇ ରାହୁଲ ଗାନ୍ଧିଙ୍କ ବିଜୟ ବ୍ୟବଧାନ ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ଏପ୍ରିଲ-ମେ ମାସରେ ହୋଇଥିବା ଲୋକସଭା ନିର୍ବାଚନ ବେଳେ ରାହୁଲ ଗାନ୍ଧି ୱାୟନାଡରେ ୩,୬୪,୪୨୨ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ରାହୁଲ ଗାନ୍ଧିଙ୍କୁ ୬,୪୭,୪୪୫ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କ ବିରୋଧରେ ପ୍ରାର୍ଥୀ ହୋଇଥିବା ସିପିଆଇର ଏ ରାଜା ୩,୬୪,୪୨୨ ଖଣ୍ଡ କମ ଭୋଟ ପାଇଥିଲେ। ୨୦୧୯ରେ ରାହୁଲ ପ୍ରଥମଥର ୱାୟନାଡରୁ ଲଢ଼ିଥିବା ବେଳେ ୪,୩୧,୭୭୦ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ୨୦୨୪ ନିର୍ବାଚନରେ ମଧ୍ୟ ରାହୁଲ ଦୁଇଟି ଆସନରୁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେ ୱାୟନାଡ ସହ ତାଙ୍କ ମା'ଙ୍କ ଗଡ଼ ରାୟବରେଲୀରୁ ପ୍ରାର୍ଥୀ ହୋଇଥିଲେ ରାହୁଲ। ଦୁଇଟି ଯାକ ଆସନରୁ ବିଜୟୀ ହେବା ପରେ ସେ ୱାୟନାଡକୁ ଛାଡ଼ିଥିଲେ। ଏଥିଯୋଗୁ ଅନୁଷ୍ଠିତ ଲୋକସଭା ଉପ ନିର୍ବାଚନରେ ତାଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧି ଭଦ୍ରା ପ୍ରାର୍ଥୀ ହେବା ସହ ବିଜୟୀ ହୋଇଛନ୍ତି।

## ମାତ୍ର ୧୪୦ ଖଣ୍ଡ ଭୋଟ ପାଇଲେ ଏଜାଜ ଖାନ ନୋଟାଠାରୁ ୬ ଗୁଣ କମ



ମୁମ୍ବାଇ, ୨୩।୧୧: ବିଗବସ୍ ପୂର୍ବତନ ପ୍ରତିଯୋଗୀ ତଥା ଅଭିନେତା ଏଜାଜ ଖାନଙ୍କୁ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଲଜ୍ଜାଜନକ ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି। ସୋସିଆଲ ମିଡିଆରେ ତାଙ୍କୁ ଅନୁସରଣ କରୁଥିବା ଲୋକଙ୍କ ସଂଖ୍ୟା ୫୦ ଲକ୍ଷରୁ ଅଧିକ। ହେଲେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ସେ ୧୫୦ଟି ଭୋଟ ମଧ୍ୟ ପାଇବାକୁ ସକ୍ଷମ ହୋଇ ନାହାନ୍ତି। ତାଙ୍କ ନାଟରୁ ନୋଟାକୁ ଅଧିକ ଭୋଟ ମିଳିଛି। ଏଜାଜ ଖାନ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଜରିଆରେ ରାଜନୀତିରେ ପ୍ରବେଶ କରିଛନ୍ତି। ସେ ଆଜାଦ ସମାଇ ପାର୍ଟି(କଂଶୀ ରାମ)ରୁ ଟିକେଟ ପାଇ ବେରସୋଭା ଆସନରୁ ପ୍ରାର୍ଥୀ ହୋଇଥିଲେ। ତେବେ ଏଠାରେ ତାଙ୍କୁ ମୋଟ ୧୪୦ ଖଣ୍ଡ ଭୋଟ ମିଳିଛି। ଇନଷ୍ଟାଗ୍ରାମରେ ତାଙ୍କର ଅନୁଗାମୀଙ୍କ ସଂଖ୍ୟା ୫.୬ ମିଲିୟନ ରହିଥିଲେ ହେଁ ନିର୍ବାଚନରେ ତାଙ୍କୁ କେହି ବି ପସନ୍ଦ କରି ନାହାନ୍ତି। ହାରୁନ ଖାନ ବେରସୋଭା ନିର୍ବାଚନ ମଣ୍ଡଳରେ ୫୯, ୭୬୬ ଖଣ୍ଡ ଭୋଟ ପାଇଥିବା ବେଳେ ନୋଟାକୁ ୧୧୨୪ ଖଣ୍ଡ ଭୋଟ ମିଳିଛି। ଏହାର ଅର୍ଥ ଏଜାଜ ଖାନ ନୋଟା ଠାରୁ ୬ ଗୁଣ କମ ଭୋଟ ପାଇଁ ଅମାନତ ହରାଇଛନ୍ତି। ବେରସୋଭା ହେଉଛି କଂଗ୍ରେସର ପାରମ୍ପରିକ ଆସନ। ହେଲେ ଏଥର କଂଗ୍ରେସ ବଦଳରେ ସହଯୋଗୀ ଉଦ୍ଧବ ଠାକରେଙ୍କ ଶିବସେନା ଏଠାରେ ହାରୁନ ଖାନଙ୍କୁ ପ୍ରାର୍ଥୀ କରିଥିଲେ। ଏଠାରେ ୨୦୨୪ରେ ମୋଟ ୧୬ ଜଣ ପ୍ରାର୍ଥୀ ନିର୍ବାଚନ ମୈଦାନକୁ ଓହ୍ଲାଇଥିଲେ। ହେଲେ ସମସ୍ତଙ୍କୁ ପଛରେ ପକାଇ ଶିବସେନା(ଉଦ୍ଧବ ଠାକରେ)ର ହାରୁନ ଖାନ ଏଠାରେ ବିଜୟୀ ହେବାକୁ ଯାଉଛନ୍ତି।

## ବାବା ସିଦ୍ଧିକିଙ୍କ ପୁଅ ପଛରେ

ମୁମ୍ବାଇ, ୨୩।୧୧: ଅଜିତ ପାୱାରଙ୍କ ଏନସିପିରୁ ନିର୍ବାଚନ ଲଢ଼ୁଥିବା ଜୀଶାନ ସିଦ୍ଧିକିଙ୍କ ପାଇଁ ଖରାପ ଖବର। ସେ ବାନ୍ଦ୍ରାର ପୂର୍ବ ଆସନରୁ ଲଢ଼ୁଥିଲେ ହେଁ ପଛରେ ରହିଛନ୍ତି। ଏଠାରେ ଉଦ୍ଧବ ଠାକରେଙ୍କ ପୁତୁରା ବରୁଣ ସରଦେଶାଇ ପ୍ରାୟ ୭ ହଜାରରୁ ଅଧିକ ଭୋଟରେ ଆଗୁଆ ରହିଛନ୍ତି। ଜୀଶାନ ହେଉଛନ୍ତି ନିକଟରେ ଗୁଳି ମାଡ଼ରେ ପ୍ରାଣ ହରାଇଥିବା ବାବା ସିଦ୍ଧିକିଙ୍କ ପୁଅ। ଏବେ ସେ ବିଧାୟକ ମଧ୍ୟ ରହିଛନ୍ତି। ଏଥର ସେ ଅଜିତ ପାୱାରଙ୍କ ଏନସିପିକୁ ଲଢ଼ୁଥିଲେ ହେଁ ତାଙ୍କ ପାଇଁ ଆଦୌ ଭଲ ଖବର ଆସିନାହିଁ। ୧୨ ରାଉଣ୍ଡ ଗଣତି ଶେଷ ସୁଦ୍ଧା ବରୁଣ ୪୩ ହଜାରରୁ ଅଧିକ ଭୋଟ ପାଇଥିବା ବେଳେ ସିଦ୍ଧିକି ୩୬ ହଜାର ଭୋଟ ପାଇଛନ୍ତି। ରାଜ ଠାକରେଙ୍କ ଏମଏନଏସ୍‌ରୁ ପ୍ରାର୍ଥୀ ହୋଇଥିବା ତୃପ୍ତୀ ବାଳା ସାୱନ୍ତ ୧୪ ହଜାର ଭୋଟ ସହ ତୃତୀୟ ସ୍ଥାନରେ ଅଛନ୍ତି। ଜୀଶାନ ଠିକ ନିର୍ବାଚନ ପୂର୍ବରୁ ଅଜିତ ପାୱାରଙ୍କ ଏନସିପିରେ ଯୋଗ ଦେଇଥିଲେ। ସେ ୨୦୧୯ରେ କଂଗ୍ରେସ ଟିକେଟରୁ ବାନ୍ଦ୍ରା ଇଷ୍ଟ ଆସନରୁ ଜିତିଥିଲେ। ତେବେ କ୍ରସ ଭୋଟିଂ ଅଭିଯୋଗ ପରେ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ଏହାପରେ ସେ ଏନସିପିରେ ଯୋଗ ଦେଇ ୨୦୨୪ରେ ନିର୍ବାଚନ ଲଢ଼ୁଛନ୍ତି।

# ଏନସିଡିସିର ବୈଠକକୁ ସମ୍ବୋଧିତ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ



ନୂଆଦିଲ୍ଲୀ, ୨୩।୧୧: କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀଠାରେ ଜାତୀୟ ସମବାୟ ବିକାଶ ନିଗମ (ଏନସିଡିସି)ର ୯୧ତମ ସାଧାରଣ ପରିଷଦ ବୈଠକକୁ ସମ୍ବୋଧିତ କରିଛନ୍ତି। ନିଜ ସମ୍ବୋଧନରେ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ସମବାୟ କ୍ଷେତ୍ର ଜରିଆରେ କୋଟି କୋଟି କୃଷକଙ୍କ ଜୀବନରେ ଉନ୍ନତି ଆଣିବା ଲାଗି ପ୍ରତିଶ୍ରୁତିବଦ୍ଧ। ସେ କହିଛନ୍ତି ଯେ ସମବାୟ ଆନ୍ଦୋଳନ ଜରିଆରେ ଦେଶର ନାଗରିକମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଲାଗି ସରକାର ସଂକଳ୍ପବଦ୍ଧ ଅଛନ୍ତି। ଶ୍ରୀ ଶାହ କହିଛନ୍ତି ଯେ ମୋଦୀ ସରକାର ସମବାୟ ମାଧ୍ୟମରେ ଦେଶକୁ ଆତ୍ମନିର୍ଭରଶୀଳ କରିବା ପାଇଁ କାର୍ଯ୍ୟ କରୁଛନ୍ତି ଏବଂ ଏହି ଦିଗରେ ଏନସିଡିସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ସମବାୟ ଆନ୍ଦୋଳନରେ ଏନସିଡିସିର ଯୋଗଦାନକୁ କେନ୍ଦ୍ର ସମବାୟ ମନ୍ତ୍ରୀ ପ୍ରଶଂସା କରିଛନ୍ତି ଏବଂ ଲକ୍ଷ ଲକ୍ଷ ସମବାୟ ସମିତିର ଜୀବନରେ ପରିବର୍ତ୍ତନ ଆଣିବାରେ ଏହାର ଉଲ୍ଲେଖନୀୟ ଭୂମିକା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ ଏନସିଡିସିର ସଫଳତା କେବଳ ଏହାର ଆବଣ୍ଟନ ୬୦ ହଜାର କୋଟି ଟଙ୍କା ଅତିକ୍ରମ କରିବା ଦ୍ୱାରା ପ୍ରତିଫଳିତ ହୋଇନାହିଁ, ବରଂ ଗ୍ରାମୀଣ ଅର୍ଥବ୍ୟବସ୍ଥା ଏବଂ ସମବାୟ କ୍ଷେତ୍ର ଉପରେ ସକାରାତ୍ମକ ପ୍ରଭାବ ପକାଇବାର କ୍ଷମତା ଦ୍ୱାରା ମଧ୍ୟ ପ୍ରତିପାଦିତ ହେଉଛି। ଶ୍ୱେତ ବିପ୍ଳବ-୨.୦ର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ଅମିତ ଶାହ କହିଛନ୍ତି ଯେ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଦୁଗ୍ଧ ସମବାୟ ସମିତିକୁ ପ୍ରୋତ୍ସାହନ ଦେବା ଉପରେ ବିଶେଷ ଧ୍ୟାନ ଦିଆଯିବା ଉଚିତ। ଦୁଗ୍ଧ ଉତ୍ପାଦନ ସଂଘ ପ୍ରତିଷ୍ଠା ପାଇଁ ଏନଡିଡିବି ଏବଂ ଏନସିଡିସି ମଧ୍ୟରେ ସହଯୋଗର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ଶାହ କହିଛନ୍ତି ଯେ ଆର୍ଥିକ ସହାୟତା ପ୍ରଦାନ କରିବା ଲାଗି ଏହି ସଂଗଠନଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କରିବା ଉଚିତ, ଯେଉଁଥିରେ ଦୁଗ୍ଧ ଉତ୍ପାଦନର ପ୍ରାରମ୍ଭିକ ପର୍ଯ୍ୟାୟକୁ ଏନଡିଡିବି ଦ୍ୱାରା ତଦାରଖ କରାଯିବା ଆବଶ୍ୟକ। ସେ କହିଛନ୍ତି ଯେ ଏହି ପଦକ୍ଷେପ କେବଳ ଶ୍ୱେତ ବିପ୍ଳବକୁ ଆଗେଇ ନେବ ନାହିଁ, ବରଂ ଆଦିବାସୀ ସମ୍ପ୍ରଦାୟ ଏବଂ ମହିଳାମାନଙ୍କୁ ସଶକ୍ତ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ ଗୋଟିଏ ଆପ୍ ଆଧାରିତ କ୍ୟାବ୍ ସମବାୟ ସମିତି ସେବା ପ୍ରତିଷ୍ଠା କରାଯିବା ଉଚିତ ଯାହାଦ୍ୱାରା ଏହାର ଲାଭ ସିଧାସଳଖ ଡ୍ରାଇଭରମାନଙ୍କ ନିକଟରେ ପହଞ୍ଚିପାରିବ। ସମବାୟଗୁଡ଼ିକୁ ସମନ୍ୱିତ କରିବାରେ ଜାତୀୟ ସମବାୟ ଡାଟାବେସର ମହତ୍ୱପୂର୍ଣ୍ଣ ଭୂମିକା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ ଏବଂ ପ୍ରାଥମିକ କୃଷି ଋଣ ସମିତି (ପିଏସିଏସ୍) ଗୁଡ଼ିକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। କେନ୍ଦ୍ର ସମବାୟ ମନ୍ତ୍ରୀ କହିଥିଲେ ଯେ ଏହି ପ୍ରୟାସଗୁଡ଼ିକୁ ଆଗକୁ ନେବାରେ ଏନସିଡିସି ଏବଂ ସମବାୟ ମନ୍ତ୍ରଣାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ।

ଶ୍ରୀ ଅମିତ ଶାହ ଚିନି କାରଖାନାଗୁଡ଼ିକର ଆର୍ଥିକ ସାମର୍ଥ୍ୟ ବୃଦ୍ଧି ଉଦ୍ଦେଶ୍ୟରେ ଏକ ବ୍ୟାପକ ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତ କରିବା ଲାଗି ମଧ୍ୟ ପରାମର୍ଶ ଦେଇଥିଲେ, ଯାହାର ଲକ୍ଷ୍ୟ ହେଉଛି ଏଗୁଡ଼ିକର ପାଣ୍ଠିକୁ ୨୫ ହଜାର କୋଟି ଟଙ୍କାକୁ ବୃଦ୍ଧି କରିବା। ଏହି ପଦକ୍ଷେପ ଚିନି ଶିଳ୍ପର ଅଭିବୃଦ୍ଧି ଓ ସ୍ଥିରତା ବୃଦ୍ଧି କରିବ, ଉନ୍ନତ ଆର୍ଥିକ ସ୍ଥିରତା ସୁନିଶ୍ଚିତ କରିବ ଏବଂ ସ୍ଥାନୀୟ ଅଞ୍ଚଳର ଦୀର୍ଘକାଳୀନ ବିକାଶକୁ ସମର୍ଥନ କରିବ। ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଏବଂ କେରଳ ଭଳି ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ ଗଭୀର ସମୁଦ୍ରରେ ଟ୍ରଲର ଚଳାଚଳ କରିବାର ସମ୍ଭାବନାକୁ ଅନ୍ୱେଷଣ କରିବାକୁ ମଧ୍ୟ ସେ କହିଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ କହିଥିଲେ ଯେ ସମବାୟ ମନ୍ତ୍ରଣାଳୟ ଏନସିଡିସିକୁ କାର୍ଯ୍ୟକାରୀ ସଂସ୍ଥା ଭାବେ ନେଇ ସମବାୟ ଇଣ୍ଟର୍ଣ୍ଣ ଯୋଜନାର ଶୁଭାରମ୍ଭ କରିଛି। ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ରାଜ୍ୟ ଏବଂ ଜିଲ୍ଲା ସମବାୟ ବ୍ୟାଙ୍କଗୁଡ଼ିକୁ କେନ୍ଦ୍ର ସରକାରଙ୍କ ଯୋଜନା ସହିତ ଯୋଡ଼ିବା ଏବଂ ପ୍ୟାକ୍ସଗୁଡ଼ିକୁ ସୁଦୃଢ଼ କରିବା। ସମବାୟ ଇଣ୍ଟର୍ଣ୍ଣ ଯୋଜନା ଅଂଶଗ୍ରହଣକାରୀମାନଙ୍କୁ ଅମୂଲ୍ୟ ବ୍ୟବହାରିକ ଅଭିଜ୍ଞତା ହାସଲ କରିବାରେ ସାହାଯ୍ୟ କରିବ। ଏଥିସହିତ ସମବାୟ ସମିତିର ନୀତିକୁ ଆଗକୁ ବଢାଇବା ଏବଂ ଗ୍ରାମୀଣ ସମାଜର ବିକାଶକୁ ସମର୍ଥନ କରିବା ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବ। ଶ୍ରୀ ଅମିତ ଶାହ ସାରା ଦେଶରେ ସମବାୟ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ଲାଗି ଏକ ସମବାୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଲାଗି ଆହ୍ୱାନ କରିଥିଲେ। ଏହାବ୍ୟତୀତ ସମବାୟ ପାଇଁ କ୍ଷମତା ନିର୍ମାଣ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଜୋର ଦେଇଥିଲେ ଯାହା 'ସମବାୟ ମାଧ୍ୟମରେ ସମୃଦ୍ଧି'ର ଲକ୍ଷ୍ୟକୁ ଆଗକୁ ବଢ଼ାଇବାରେ ସହାୟକ ହେବ।

# ରାଜ ଠାକରେଙ୍କ ପାଇଁ ଉଦ୍ଧବଙ୍କ ପୁଅ ଜିତିଲେ



ମୁମ୍ବାଇ, ୨୩।୧୧: ଦୀର୍ଘ ୫୦ ବର୍ଷ ହେଲାଣି ମହାରାଷ୍ଟ୍ର ରାଜନୀତିରେ ଠାକରେ ପରିବାର ଦବଦବା ରହିଛି। ୨୦୨୪ରେ ମହାରାଷ୍ଟ୍ର ବିଧାନସଭାରେ ଠାକରେ ପରିବାରର ଦୁଇ ପୁଅ ଭାଗ୍ୟ ପରୀକ୍ଷା କରିଥିଲେ। ଆଦିତ୍ୟ ଓ ଅମିତ ଯଥାକ୍ରମେ ୱର୍ଲି ଓ ମହିମ ଆସନରୁ ପ୍ରାର୍ଥୀ ହୋଇଥିଲେ। ଆଦିତ୍ୟ ଠାକରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ୱର୍ଲିରୁ ଜିତିଥିବା ବେଳେ ଡେବ୍ୟୁଟାଣ୍ଟ ଅମିତଙ୍କୁ ଲଜ୍ଜାଜନକ ପରାଜୟବରଣ କରିବାକୁ ପଡ଼ିଛି। ସେ ତୃତୀୟ ସ୍ଥାନରେ ରହିବାକୁ ସକ୍ଷମ ହୋଇଛନ୍ତି। ଆଦିତ୍ୟ ହେଉଛନ୍ତି ଉଦ୍ଧବ ଠାକରେଙ୍କ ପୁଅ। ତାଙ୍କର ଲଢ଼େଇ କଂଗ୍ରେସ ଛାଡ଼ି ଶିବସେନାରେ ମିଶିଥିବା ରାଜ୍ୟସଭା ସାଂସଦ ମିଲିନ୍ଦ ଦେଓରାଙ୍କ ସହ ହୋଇଥିଲା। ରାଜ ଠାକରେଙ୍କ ପୁଅ ଅମିତ ପ୍ରଥମଥର ପାଇଁ ନିର୍ବାଚନ ଲଢ଼ୁଥିବା ବେଳେ ବିଜେପି ତାଙ୍କୁ ସମର୍ଥନ ଘୋଷଣା କରିଥିଲା। ତଥାପି ସେ ପରାସ୍ତ ହୋଇଛନ୍ତି। ବିଜୟ ପାଇଁ ଆଦିତ୍ୟ ଦାଦା ରାଜ ଠାକରେଙ୍କୁ ଧନ୍ୟବାଦ ଦେଇପାରନ୍ତି। ସେହିପରି ଅମିତ ବଡ଼ ବାପା ଉଦ୍ଧବଙ୍କୁ ପରାଜୟ ପାଇଁ ଦାୟୀ କରିପାରନ୍ତି। ଏକଦା ୱର୍ଲି ଓ ମହିମ ଅବିଭାଜିତ ଶିବସେନାର ଗଡ଼ ଭାବେ ପରିଚିତ ଥିଲା। କିନ୍ତୁ ବିଭାଜନ ପରେ ଏଠାରେ ତ୍ରିମୁଖୀ ଲଢ଼େଇ ହୋଇଥିଲା। ଏଥିଯୋଗୁ ଭୋଟ ବିଭାଜନ ମଧ୍ୟ ହୋଇଛି। ୱର୍ଲିରେ ଆଦିତ୍ୟଙ୍କୁ ଚ୍ୟାଲେଞ୍ଜ ଦେଇଥିଲେ ମିଲିନ୍ଦ। ରାଜନୀତିକ ପଣ୍ଡିତମାନେ ମଧ୍ୟ ମିଲିନ୍ଦ ଏଠାରେ ଜିତିବେ ବୋଲି କହିଥିଲେ। ହେଲେ ୨୦୧୯ରେ ଏଠାରେ ୭୨.୭% ଭୋଟ ପାଇଥିବା ଆଦିତ୍ୟ ପୁଣି ବିଜୟ ବାନା ଉଡ଼ାଇଛନ୍ତି। ସେ ପ୍ରାୟ ୮ ହଜାରରୁ ଅଧିକ ଭୋଟରେ ବିଜୟୀ ହୋଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ରାଜ ଠାକରେଙ୍କ ମହାରାଷ୍ଟ୍ର ନବନିର୍ମାଣ ସେନା(ଏମଏନଏସ) ୨୦୧୯ ନିର୍ବାଚନରେ ୱର୍ଲିରେ କୌଣସି ପ୍ରାର୍ଥୀ ଦେଇ ନଥିଲା। କିନ୍ତୁ ୨୦୨୪ରେ ଏମଏନଏସ ସନ୍ଦୀପ ଦେଶପାଣ୍ଡେଙ୍କୁ ପ୍ରାର୍ଥୀ କରିଥିଲା। ଫଳ ସ୍ୱରୂପ ଏଠାରେ ଭୋଟ ବିଭାଜନ ହୋଇଥିଲା। ଆଦିତ୍ୟଙ୍କୁ ୬୦,୬୦୬ ଖଣ୍ଡ ଭୋଟ ମିଳିଥିବା ବେଳେ ମିଲିନ୍ଦ ୫୨,୧୯୮ ଖଣ୍ଡ ଭୋଟ ପାଇଛନ୍ତି। ସନ୍ଦୀପଙ୍କ ଖାତାକୁ ୧୮,୮୫୮ ଖଣ୍ଡ ଭୋଟ ଯାଇଛି। ଯଦି ସନ୍ଦୀପ ପ୍ରାର୍ଥୀ ହୋଇ ନଥାଆନ୍ତେ, ତା'ହେଲେ ସେ ପାଇଥିବା ୧୮ ହଜାର ଭୋଟରୁ ଅଧିକାଂଶ ସମ୍ଭବତଃ ମିଲିନ୍ଦଙ୍କ ଖାତାକୁ ଯାଇଥାଆନ୍ତା।

ସମାନ ଭାବେ ମହିମରେ ମଧ୍ୟ ତ୍ରିପାକ୍ଷିକ ଲଢ଼େଇ ଦେଖିବାକୁ ମିଳିଛି। ଏଠାରେ ସିନ୍ଦେ ସେନା, ଉଦ୍ଧବ ସେନା ଓ ଏମଏନଏସ୍ ମଧ୍ୟରେ ଲଢ଼େଇ ହୋଇଛି। ବର୍ତ୍ତମାନ ଉଦ୍ଧବ ସେନାର ମହେଶ ସାୱନ୍ତ ପ୍ରାୟ ୧ ହଜାର ଭୋଟରେ ଲିଡ କରୁଥିବା ବେଳେ ସିନ୍ଦେ ସେନାର ସଦା ସର୍ଭନକର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରାଜ ଠାକରେଙ୍କ ପୁଅ ୨୯ ହଜାର ଭୋଟ ସହ ବହୁ ପଛରେ ରହିଛନ୍ତି। ତେଣୁ ଯଦି ଉଦ୍ଧବ ଠାକରେ ଏଠାରେ ପ୍ରାର୍ଥୀ ଦେଇ ନଥାଆନ୍ତେ, ତା'ହେଲେ ଅମିତ ନିଶ୍ଚିତ ଭାବେ ବିଜୟୀ ହୋଇଥାଆନ୍ତେ ବୋଲି କୁହାଯାଉଛି।

## ବିକାଶ ଓ ସୁଶାସନ ସପକ୍ଷରେ ରାୟ



ନୂଆଦିଲ୍ଲୀ, ୨୩।୧୧: ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧିନ ଏନଡିଏର ବିପୁଳ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳର ସମସ୍ତ କର୍ମୀ ଏବଂ ନେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ, ମହାରାଷ୍ଟ୍ରରେ ବିକାଶ ଏବଂ ସୁଶାସନର ବିଜୟ ହୋଇଛି। ରାଜ୍ୟ ସରକାର ଲୋକଙ୍କ ସମସ୍ୟା ଦୂର କରିବା ପାଇଁ ଉଦ୍ୟମ କରିଛନ୍ତି। ତେଣୁ ଜନମତ ସରକାରଙ୍କ ସପକ୍ଷରେ ଗଲା। ମହାରାଷ୍ଟ୍ରର ବିକାଶରେ କେନ୍ଦ୍ର ସରକାର ସବୁ ପ୍ରକାର ସାହାଯ୍ୟ ସହଯୋଗ ପ୍ରଦାନ କରିବେ ବୋଲି ସେ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଏହି ବିଜୟ ମହାରାଷ୍ଟ୍ରବାସୀଙ୍କ ବିଜୟ ବୋଲି ମତବ୍ୟକ୍ତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆମେ ଏକତ୍ର ରହିଲେ ଆମକୁ କେହି ପରାଜିତ କରିପାରିବେ ନାହିଁ।

## ଇଭିଏମ୍‌କୁ ଟାର୍ଗେଟ କଲେ ସ୍ୱରା ଭାସ୍କର

ମୁମ୍ବାଇ, ୨୩।୧୧: ମହାରାଷ୍ଟ୍ରର ଅନୁଶକ୍ତି ନଗର ନିର୍ବାଚନ ମଣ୍ଡଳୀରେ ବଡ଼ ଟ୍ୱିଷ୍ଟ ଦେଖିବାକୁ ମିଳିଛି। ଏହି ଆସନରେ ଲିଡ୍ କରୁଥିବା ବିରୋଧୀ ମେଣ୍ଟର ପ୍ରାର୍ଥୀ ଫହାଦ ଅହମଦ ହଠାତ୍ ପଛରେ ପଡ଼ିବାରୁ ତାଙ୍କ ପତ୍ନୀ ତଥା ଅଭିନେତ୍ରୀ ସ୍ୱରା ଭାସ୍କର ସାଂଘାତିକ ଅଭିଯୋଗ ଆଣିଛନ୍ତି। ଫହାଦ ବଡ଼ ଲିଡ କରିଥିବା ବେଳେ କେମିତି ହଠାତ୍ ପଛରେ ପଡ଼ିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହ ସେ ଇଭିଏମକୁ ନେଇ ସେ ନିର୍ବାଚନ କମିଶନଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି। ଶରଦ ପାୱାରଙ୍କ ଏନସିପିରୁ ପ୍ରାର୍ଥୀ ହୋଇଥିବା ଫହାଦଙ୍କ ବିରୋଧରେ ଅଜିତ ପାୱାରଙ୍କ ଏନସିପିରୁ ସାନା ମଲିକ ଲଢ଼ୁଛନ୍ତି। ସାନା ୩ ହଜାର ଭୋଟ ଆଗରେ ଥିବା ବେଳେ ଆଉ ମାତ୍ର କିଛି ରାଉଣ୍ଡ ଗଣତି ବାକି ରହିଛି। ତେଣୁ ଏଠାରେ ନୱାବ ମଲିକଙ୍କ ଝିଅ ସାନା ଜିତିବା ଏକପ୍ରକାରର ନିଶ୍ଚିତ ହୋଇଛି। ଏପରି ରେଜଲ୍ଟ ପରେ ସ୍ୱରା ଭାସ୍କର କହିଛନ୍ତି, ଫହାଦ ଅହମଦ ଅନୁଶକ୍ତି ନଗର ସିଟରେ ସେତେବେଳେ ଯାଏ ଲିଡ କରୁଥିଲେ ଯେତେବେଳେ ଯାଏ ଇଭିଏମର ୯୯% ଯାଏ ଚାର୍ଜ ଥିବା ସିଲ୍ ଖୋଲା ଯାଇ ନଥିଲା। ୧୭,୧୮,୧୯ ରାଉଣ୍ଡ ଗଣତି ବେଳେ ୯୯% ଚାର୍ଜ ଥିବା ଇଭିଏମ ହଠାତ ଖୋଲିଥିଲା। ଏହାପରେ ବିଜେପି ସମର୍ଥିତ ପ୍ରାର୍ଥୀ ଲିଡ୍ କରିବା ଆରମ୍ଭ କରିଛନ୍ତି। କେମିତି କୌଣସି ମେସିନ ଦିନ ସାରା ଭୋଟିଂ ହେବା ପରେ ମଧ୍ୟ ୯୯% ଚାର୍ଜ ରହିଥିଲା? କେମିତି ୯୯% ଚାର୍ଜ ଥିବା ବ୍ୟାଟେରୀ ଗୁଡ଼ିକ ବିଜେପି ଓ ଏହାର ସହଯୋଗୀଙ୍କୁ ଭୋଟ ଦେଉଛନ୍ତି?" ସେ ଏହି ପୋଷ୍ଟକୁ ନିର୍ବାଚନ କମିଶନଙ୍କୁ ମଧ୍ୟ ଟ୍ୟାଗ କରିଛନ୍ତି। ଅହମଦ ଏକ୍ସରେ କହିଛନ୍ତି ଯେ ୧୬ ରାଉଣ୍ଡରେ ଗଣତି ଶେଷ ଯାଏ ସେ ଆଗରେ ରହିଥିଲେ। କିନ୍ତୁ ୧୭ ରାଉଣ୍ଡ ଗଣତି ପରେ ସେ ପଛରେ ପଡ଼ିଥିବା ସୂଚନା ଦେଇଛନ୍ତି। ଏହାକୁ ନେଇ ସେ ନିର୍ବାଚନ କମିଶନଙ୍କ ପାଖକୁ ଯିବେ ବୋଲି କହିଛନ୍ତି।

# କର୍ଣ୍ଣାଟକରେ କଂଗ୍ରେସର କ୍ଲିନସୁଇପ୍

## ହାରିଲେ ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅ





ବେଙ୍ଗାଲୁରୁ, ୨୩।୧୧: କର୍ଣ୍ଣାଟକାରେ କ୍ଷମତାସୀନ କଂଗ୍ରେସ ୩ଟି ଯାକ ବିଧାନସଭାରେ ଅନୁଷ୍ଠିତ ଉପ ନିର୍ବାଚନରେ କ୍ଲିନ ସୁଇପ କରିଛି। ଅର୍ଥାତ ଦଳ ୩ଟି ଯାକ ଆସନରେ ବିଜୟୀ ହୋଇଛି। ଶିଗଗାଓଁ, ଚନ୍ନାପାଟନା ଓ ସାନ୍ଦୁର ଆସନରେ ଅନୁଷ୍ଠିତ ଉପ ନିର୍ବାଚନରେ ବିଜୟ ବାନ ଉଡ଼ାଇଛି କଂଗ୍ରେସ। ୩ ଆସନ ମଧ୍ୟରୁ ଦୁଇଟିରେ ରାଜ୍ୟର ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚଡି କୁମାରସ୍ୱାମୀ ଓ ବସବରାଜ ବୋମାଇଙ୍କ ପୁଅ ଲଢ଼ୁଥିଲେ। କିନ୍ତୁ ଉଭୟଙ୍କୁ ପରାସ୍ତ ହେବାକୁ ପଡ଼ିଛି।ଶିଗଗାଓଁ ନିର୍ବାଚନ ମଣ୍ଡଳୀ : ଏଠାରେ କଂଗ୍ରେସ ପ୍ରାର୍ଥୀ ୟାସିର ଅହମଦ ପଠାନ ପ୍ରଥମରୁ ପଛରେ ପଡ଼ିଥିଲେ। ହେଲେ ଶେଷରେ ସେ ୧ ଲକ୍ଷରୁ ଅଧିକ ଭୋଟ ପାଇଛନ୍ତି। ସେ ବିଜେପିର ଭାରତ ବୋମାଇଙ୍କୁ ପ୍ରାୟ ୧୩ ହଜାରରୁ ଅଧିକ ଭୋଟରେ ହରାଇଛନ୍ତି। ଭାରତ ହେଉଛନ୍ତି କର୍ଣ୍ଣାଟକାର ପୂର୍ବତନ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ପୁଅ। ଚନ୍ନାପାଟନା ନିର୍ବାଚନ ମଣ୍ଡଳୀ: ଏଠାରେ ସବୁଠାରୁ ହାଇପ୍ରୋଫାଇଲ ଲଢ଼େଇ ହୋଇଥିଲା। ଶେଷରେ କଂଗ୍ରେସର ସିପି ଯୋଗେଶ୍ୱର ବିଜୟୀ ହୋଇଛନ୍ତି। ସେ କେନ୍ଦ୍ରମନ୍ତ୍ରୀ ଏଚଡି କୁମାରସ୍ୱାମୀଙ୍କ ପୁଅ ନିଖିଲଙ୍କୁ ୨୫, ୪୧୩ ଖଣ୍ଡ ଭୋଟରେ ହରାଇ ଦେଇଛନ୍ତି। ପୂର୍ବରୁ ଏଠାରେ କୁମାରସ୍ୱାମୀ ଜିତି ଆସୁଥିଲେ। କିନ୍ତୁ ସେ ଲୋକସଭାକୁ ଯିବା ପରେ ଏହି ଆସନ ଖାଲିପଡ଼ିଥିଲା। ଏଠାରେ ଅନୁଷ୍ଠିତ ଉପ ନିର୍ବାଚନରେ ତାଙ୍କ ପୁଅ ପ୍ରାର୍ଥୀ ହୋଇଥିଲେ ହେଁ ତାଙ୍କୁ ପରାସ୍ତ ହେବାକୁ ପଡ଼ିଛି। ସାନ୍ଦୁର ନିର୍ବାଚନ ମଣ୍ଡଳୀ: କଂଗ୍ରେସ ପ୍ରାର୍ଥୀ ଅନ୍ନପୂର୍ଣ୍ଣା ତୁକାରାମ ସାନ୍ଦୁର ଆସନରେ ବିଜୟୀ ହୋଇଛନ୍ତି। ଏହା କଂଗ୍ରେସର ଗଡ଼ ଭାବେ ପରିଚିତ। ସେ ବିଜେପିର ବାଙ୍ଗାରୁ ହନୁମାନ୍ତୁଙ୍କୁ ପ୍ରାୟ ୧୦ ହଜାର ଭୋଟ ବ୍ୟବଧାନରେ ହରାଇ ଦେଇଛନ୍ତି।

## ଟିମ୍ ଇଣ୍ଡିଆର ଫାଇଟ୍ ବ୍ୟାକ୍

# ବିନା ୱିକେଟରେ ଲିଡ୍ ୨୦୦ ପାର୍




**ପର୍ଥ, ୨୩।୧୧:** ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଉଥିବା ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚରେ ଜାରି ରହିଛି ରୋମାଞ୍ଚ। ପ୍ରଥମ ପାଳିରେ ଉଭୟ ଅଷ୍ଟ୍ରେଲୀୟ ଓ ଭାରତୀୟ ବ୍ୟାଟର ପିଚରେ ସଂଘର୍ଷ କରୁଥିବା ଦେଖିବାକୁ ମିଳିଥିଲା। ହେଲେ ଆଜି ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରି ଭାରତର ଦୁଇ ଓପନର କେ.ଏଲ୍ ରାହୁଲ ଓ ଜସଶ୍ୱୀ ଜୈସୱାଲ କମାଲ କରିଛନ୍ତି। ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ କୌଣସି ୱିକେଟ୍ ନହରାଇ ୧୭୨ ରନ ହାସଲ କରିଛି। ଏହା ସହିତ କଙ୍ଗାରୁ ଦଳଠାରୁ ୨୧୮ ରନ୍ ଲିଡ୍ ନେଇଛି ବୁମ୍ରା ବାହିନୀ। ବହୁ ପ୍ରତିକ୍ଷୀତ ବର୍ଡର ଗାଭାସ୍କର ଟ୍ରଫିର ପ୍ରଥମ ଦିନ ଖେଳ ଭାରତୀୟ ଦର୍ଶକଙ୍କୁ ଆରମ୍ଭରୁ ନିରାଶ କରିଥିଲା। ଓପନର ଜୈସୱାଲ ଓ ପାଡିକ୍କଲ୍ ଖାତା ଖୋଲିବାକୁ ସକ୍ଷମ ହୋଇନଥିବାବେଳେ କୋହଲି କେବଳ ୫ ରନ କରି ଆଉଟ୍ ହୋଇଥିଲେ। କେ.ଏଲ୍ ରାହୁଲ(୨୬), ଋଷଭ ପନ୍ତ(୩୭) ଓ ନୀତୀଶ ରେଡ୍ଡୀ(୪୧)ଙ୍କ ସହିତ ଅନ୍ୟ ଛୋଟମୋଟ ଭାଗିଦାରୀ ବଳରେ ଭାରତ କେବଳ ୧୫୦ ରନ୍ କରି ସମସ୍ତ ୱିକେଟ ହରାଇଥିଲା। ହେଲେ ଏହାପରେ ଭାରତୀୟ ବୋଲର ମଧ୍ୟ କମାଲ କରିଥିଲେ। ଭାରତ ପାଇଁ କାମଚଳା ଅଧିନାୟକ ବୁମ୍ରା ସର୍ବାଧିକ ୪ ୱିକେଟ ନେଇ କଙ୍ଗାରୁ ଦଳକୁ ବିପର୍ଯ୍ୟୟକୁ ଠେଲି ଦେଇଥିଲେ। ବୁମ୍ରାଙ୍କୁ ଅନ୍ୟ ସାଥି ବୋଲରମାନେ ମଧ୍ୟ ଭରପୁର ସାଥ ଦେଇଥିଲେ। ସିରାଜ ୨ଟି ଓ ରାଣା ଗୋଟିଏ ସଫଳତା ହାସଲ କରିଥିଲେ। ଏହା ସହିତ ପ୍ରଥମ ଦିନ ଅଷ୍ଟ୍ରେଲିଆ ୬୭ ରନ୍ ପାଇଁ ୭ ୱିକେଟ ହରାଇଥିଲା। ଆଜି ଦ୍ୱିତୀୟ ଦିନ ଖେଳ ଆରମ୍ଭରୁ ବି ଭାରତୀୟ ବୋଲର ନିଜର ଦବଦବା ଜାରି ରଖିଥିଲେ। ରାଣା ୨ଟି ଓ ବୁମ୍ରା ଅବଶିଷ୍ଟ ଗୋଟିଏ ୱିକେଟ ଖସାଇ ଅଷ୍ଟ୍ରେଲିଆର ପାଳି ଶେଷ କରିଥିଲେ। ଏହି ପାଳିରେ ଅଷ୍ଟ୍ରେଲିଆ ସମୁଦାୟ ୧୦୪ ରନରେ ହିଁ ଅଲ୍ ଆଉଟ୍ ହୋଇଥିଲା। ଭାରତ ପକ୍ଷରୁ ଅଧିନାୟକ ବୁମ୍ରା ସର୍ବାଧିକ ୫ଟି ୱିକେଟ ହାସଲ କରିଥିବାବେଳେ ଭାରତ ପାଇଁ ପ୍ରଥମ ଟେଷ୍ଟ ଖେଳୁଥିବା ହର୍ଷିତ ରାଣା ତିନୋଟି ଓ ମହମ୍ମଦ ସିରାଜ ଦୁଇଟି ୱିକେଟ ହାସଲ କରିଥିଲେ।

ଏହାପରେ ଭାରତ ୪୬ ରନ୍ ଆଗରେ ରହି ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିଲା। ଓପନର କେ.ଏଲ୍ ରାହୁଲ ଓ ଜୈସ୍ୱାଲ ବେଶ ଆକ୍ରାମକ ଅନ୍ଦାଜରେ ଖେଳ ଆରମ୍ଭ କରିଥିଲେ। ପ୍ରଥମ ପାଳିରେ ବୋଲରଙ୍କୁ ସୁହାଇଲା ଭଳି ଲାଗୁଥିବା କ୍ରିଜରେ ଉଭୟ ଭାରତୀୟ ବ୍ୟାଟର ବେଶ୍ ବୁଝିଶୁଝି ବ୍ୟାଟିଂ କରିଥିଲେ। ତେବେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଜୈସ୍ୱାଲ ୯୦ ଓ ରାହୁଲ ୬୨ ରନ୍ କରି କ୍ରିଜରେ ମହଜୁଦ ଅଛନ୍ତି। ଭାରତ ଦ୍ୱିତୀୟ ପାଳିରେ ୧୭୨ ରନ ହାସଲ କରି ମ୍ୟାଚରେ ଘରୋଇ ଦଳଠାରୁ ୨୧୮ ରନ ଆଗୁଆ ରହିଛି।

## ଜାତୀୟ କନିଷ୍ଠ ବ୍ୟାଡ୍‌ମିଣ୍ଟନ୍

# ତନ୍ୱୀ, ପ୍ରଗତି-ବିଶାଖା ଆଗେଇଲେ

**ଭୁବନେଶ୍ୱର, ୨୩।୧୧:** ନିଳାଦ୍ରୀବିହାର ବିଜୁ ପଟ୍ଟନାୟକ ବହୁମୁଖି ଇନ୍‌ଡୋର ଷ୍ଟାଡିୟମ୍ ଏବଂ ସହିଦ ନଗର ଇନ୍‌ଡୋର ଷ୍ଟଡିୟମ୍‌ଠାରେ ଚାଲିଥିବା ୟୋନେକ୍ସ ସନ୍‌ରାଇଜ୍ ୪୭ତମ ଜାତୀୟ କନିଷ୍ଠ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ବ୍ୟକ୍ତିଗତ ଇଭେଣ୍ଟ୍‌ରେ ପ୍ରାୟ ସମସ୍ତ ମାନ୍ୟତାପ୍ରାପ୍ତ ଖେଳାଳି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଶୀର୍ଷ ମାନ୍ୟତାପ୍ରାପ୍ତ ବାଳକ ଖେଳାଳି ରାଜସ୍ଥାନର ସଂସ୍କାର ସାରସ୍ୱତ ୨୧-୪, ୨୨-୨୦ ରେ ତେଲେଙ୍ଗାନାର ସାଇ ପ୍ରସାଦଙ୍କୁ, ଉତ୍ତରପ୍ରଦେଶର ଭୂମେଶ ଉତରାଣୀ ୨୨-୨୦, ୨୧-୭ରେ ମିଜୋରାମର ସାଇଲୋ ଭନଲାଲଙ୍କୁ ପରାସ୍ତ କରିଛନ୍ତି। ଠିକ୍ ସେହି ପରି ତୃତୀୟ ମାନ୍ୟତାପ୍ରାପ୍ତ ଦିଲ୍ଲୀର ଗିନପଲ ଏସ୍ ୨୧-୧୯, ୨୧-୧୩ରେ ବିହାରର ସକ୍ଷମ ବତ୍ସାଙ୍କୁ ଏବଂ ସପ୍ତମ ମାନ୍ୟତାପ୍ରାପ୍ତ ମହାରାଷ୍ଟ୍ରର ପ୍ରଜ୍ୱଳ ସୁନବାନେ ୨୧-୧୭, ୨୧-୧୧ରେ ଆନ୍ଧ୍ରପ୍ରଦେଶର ଉମା ମହେଶ୍ୱର ରେଡ୍ଡୀଙ୍କୁ ପରାସ୍ତ କରି ଅଗ୍ରସର ହୋଇଛନ୍ତି। ବାଳିକା ବିଭାଗରେ ଶୀର୍ଷ ମାନ୍ୟତାପ୍ରାପ୍ତ ହରିୟାଣାର ମେଧାବୀ ନାଗର ୨୧-୧୧, ୨୧-୩ରେ ଛତିଶଗଡ଼ର ରେବାରାଜେ ବର୍ମାଙ୍କୁ, ଚତୁର୍ଥ ମାନ୍ୟତାର ଦୁର୍ଗା କନ୍ଦରପୁ ୨୧-୭, ୨୧-୧୨ରେ ଉତ୍ତରପ୍ରଦେଶର କାଜନ ପନୱରଙ୍କୁ, ଦଶମ ମାନ୍ୟତାପ୍ରାପ୍ତ ତାମିଲନାଡୁ ଖେଳାଳି ଆଦର୍ଶିନୀ ଶ୍ରୀ ୨୧-୫, ୨୧-୨ରେ ଓଡ଼ିଶାର ଗୀତାଶ୍ରୀ ଦେଇଙ୍କୁ ଏବଂ ଓଡ଼ିଶାର ତନ୍ୱୀ ପତ୍ରୀ ୨୧-୧୫, ୨୧-୧୧ରେ ମହାରାଷ୍ଟ୍ରର ମଧୁମିତା ନାରାୟଣଙ୍କୁ ପରାସ୍ତ କରିଛନ୍ତି। ବାଳିକା ଯୁଗଳରେ ଓଡ଼ିଶା ଯୋଡ଼ି ପ୍ରଗତି ପରିଡ଼ା-ବିଶାଖା ଟୋପ୍ପୋ ୨୧-୮ ଓ ୨୧-୧୪ରେ ହିମାଚଳପ୍ରଦେଶର ଗାରିମା ବର୍ମା ଓ ପ୍ରଜ୍ଞା ବର୍ମାଙ୍କୁ ପରାସ୍ତ କରିଛନ୍ତି।

# ଅଲ୍ ଇଣ୍ଡିଆ ଲିଙ୍ଗରାଜ ଚାଲେଞ୍ଜ କପ୍ ଭଲିବଲ ଚମ୍ପିଆନସିପ୍ ଉଦ୍‌ଘାଟିତ




**ଭୁବନେଶ୍ୱର,୨୩।୧୧(ସଂଚାର ବ୍ୟୁରୋ):** ରାଜ୍ୟର ଅଗ୍ରଣୀ ଭଲିବଲ କ୍ଲବ ଲିଙ୍ଗରାଜ ସ୍ପୋର୍ଟ ଆସୋସିଏସନ ଆନୁକୂଲ୍ୟରେ ୧୫ତମ ଲିଙ୍ଗରାଜ ଚାଲେଞ୍ଜ କପ -୨୦୨୪ ପ୍ରତିଯୋଗିତା କପିଳପ୍ରସାଦର ସାକ୍ସ ପଡ଼ିଆରେ ଆଜି ଉଦ୍ଘାଟିତ ହୋଇଛି। ଏହି ଉଦ୍ଘାଟନୀ ଉତ୍ସବ କୁ ଲିଙ୍ଗରାଜ କ୍ଲବର ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ, ଓଡ଼ିଶା ଖଦୀ ବୋଡ଼ର ପୂର୍ବତନ ଅଧକ୍ଷ ସଂଗ୍ରାମ ପାଇକରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଯୁବନେତା ରାଣା ପ୍ରତାପ ପାତ୍ର, ଲିଙ୍ଗରାଜ କ୍ଲବର ସମ୍ପାଦକ ରଜତ ତ୍ରିପାଠୀ, ଲିଙ୍ଗରାଜ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ମହାନଗର ନିଗମର ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ଦେବୀ ପ୍ରସାଦ ନନ୍ଦ, କୃଷ୍ଣ ଚନ୍ଦ୍ର ସେଠୀ, , ଗୌରପ୍ରସାଦ ନନ୍ଦ, ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାପତି ସୁଭାଷିନୀ ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଦେଇ ଉଦ୍‌ଘାଟନ କରିଥିଲେ। ନଭେମ୍ବର ୨୩ ଓ ୨୪ ଦୁଇଦିନ ଧରି ଆୟୋଜିତ ହେବ। ଏଥିରେ ରାଜ୍ୟ ବାହାରର ଚାରୋଟି ଦଳ ସମେତ ରାଜ୍ୟର ଦୁଇ ଶ୍ରେଷ୍ଠ ଦଳ କିଟ୍ ଓ କ୍ରୀଡ଼ା ଛାତ୍ରାବାସ ଭୁବନେଶ୍ୱର ଦଳ ଅଂଶଗ୍ରହଣ କରିଛନ୍ତି।ମ୍ୟାଚ ଦିବାରାତ୍ର ଚାଲିବ। ବିଜେତା ଓ ଉପବିଜେତା ଦଳକୁ ନଗଦ ଅର୍ଥ ସହିତ ଟ୍ରଫି ପ୍ରଦାନ କରାଯିବ। ଏହା ସହିତ ସମସ୍ତ ବର୍ଗର ଖେଳାଳି ଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ରାଜ୍ୟର ସୁନାମଧନ୍ୟ ଅନ୍ତ ଅନ୍ତର୍ଜାତୀୟ ଭଲିବଲ ରେଫରୀ ସୁଦର୍ଶନ ପଟନାୟକଙ୍କ ତତ୍ୱାବଧାନରେ ଓଡିଶା ଭଲିବଲ ଆସୋସିଏସନର ସହଯୋଗରେ ଜାତୀୟ ରେଫରୀ ମାନଙ୍କ ଦ୍ୱାରା ଖେଳ ପରିଚାଳନା ହେଉଛି।

# ଇତିହାସ ରଚିଲେ ରାହୁଲ-ଜୟସ୍ୱାଲ

**ପର୍ଥ,୨୩।୧୧:** ପର୍ଥ ଟେଷ୍ଟରେ ଯଶସ୍ୱୀ ଜୟସ୍ୱାଲ ଏବଂ କେ.ଏଲ ରାହୁଲ ଇତିହାସ ସୃଷ୍ଟି କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟରେ ରାହୁଲ ଏବଂ ଯଶସ୍ୱିଙ୍କ ମଧ୍ୟରେ ଏକ ଶତକୀୟ ଭାଗିଦାରୀ ହୋଇଛି। ୨୦୦୪ ପରଠାରୁ ଏହା ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆରେ ଭାରତୀୟ ଓପନରମାନେ ଏକ ଶତକୀୟ ଭାଗିଦାରୀ କରିଛନ୍ତି। ଦୁହେଁ ଦୃଢ ପ୍ରଦର୍ଶନ କରି ଅର୍ଦ୍ଧଶତକ ହାସଲ କରିଥିଲେ। ଉଭୟେ ଟିମ ଇଣ୍ଡିଆର ସ୍କୋରକୁ ପାଖାପାଖି ୧୫୦ ରନକୁ ନେଇଛନ୍ତି। ଏହାପର୍ବରୁ କଙ୍ଗାରୁ ଦଳ ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆର୧୦୪ ରନ୍‌ରେ ଅଲଆଉଟ୍ ହୋଇଥିଲା। ଦ୍ୱିତୀୟ ଦିନରେ କଙ୍ଗାରୁମାନେ ୬୭ ରନ୍‌ରେ ୭ ଉଇକେଟର ଖେଳ ଆରମ୍ଭ କରିଥିଲେ ଏବଂ ବାକି ତିନିଟି ଉଇକେଟ ୩୭ ରନରେ ଖସିପଡ଼ିଥିଲା। ଟସ ଜିତି ପ୍ରଥମେ ବ୍ୟାଟିଂ କରି ଭାରତ ପ୍ରଥମ ଇନିଂସରେ ୧୫୦ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ୧୦୪ ରନରେ ଅଲଆଉଟ୍ ହୋଇଥିଲା। ଭାରତ ପକ୍ଷରୁ ଅଧିନାୟକ ଜଶପ୍ରୀତ ବୁମ୍‌ରା ସର୍ବାଧିକ ୫ଟି ଉଇକେଟ୍ ନେଇଥିଲା।

# ସ୍ୱାମୀ ବୁମ୍‌ରାଙ୍କୁ ମହାନ ବୋଲର୍ କହିଲେ ସଞ୍ଜନା



**ପର୍ଥ,୨୩।୧୧:** ପର୍ଥରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ ଖେଳାଯାଉଛି। ଟସ ଜିତି ପ୍ରଥମେ ବ୍ୟାଟିଂ କରି ଭାରତୀୟ ଦଳ ୧୫୦ ରନରେ ଅଲଆଉଟ ହେବା ପରେ ଅଷ୍ଟ୍ରେଲିଆ ଦଳ ଏହାର ପ୍ରଥମ ଇନିଂସରେ ୧୦୪ ରନ୍‌ରେ ଅଲଆଉଟ୍ ହୋଇଛି। ଫଳରେ ଭାରତ ପ୍ରଥମ ଦିନରେ ୪୬ ରନ୍‌ରେ ଆଗୁଆ ରହିଛି। ମ୍ୟାଚ୍‌ର ପ୍ରଥମ ଦିନରେ ବୁମରା ତାଙ୍କ ଅଧିନାୟକତ୍ୱ ଏବଂ ବୋଲିଂ ସହିତ ସମସ୍ତଙ୍କୁ ଦିଓ୍ୱାନା କରିଦେଇଥିଲେ। ବୁମ୍‌ରାଙ୍କ ଏହି ପ୍ରଦର୍ଶନ ଦେଖି ତାଙ୍କ ସ୍ତ୍ରୀ ସଞ୍ଜନା ଗଣେଶନ ଖୁସି ବ୍ୟକ୍ତ କରିଛନ୍ତି। ସଞ୍ଜନା ଇନଷ୍ଟାଗ୍ରାମରେ ଷ୍ଟାଟସ ପୋଷ୍ଟ କରି ବୁମ୍‌ରାଙ୍କୁ ପ୍ରଶଂସା କରିଥିଲେ, କିନ୍ତୁ ପ୍ରଶଂସା କରିବା ସମୟରେ ସେ ଭାବପ୍ରବଣ ହୋଇଯାଇଥିଲେ।

## ଚାମ୍ପିୟନ୍ସ ଟ୍ରଫି

# ଜରୁରୀ ବୈଠକ ଡାକିଲା ଆଇସିସି



**ମୁମ୍ବାଇ, ୨୩।୧୧:** ଆଇସିସି ଚାମ୍ପିୟନ୍ସ ଟ୍ରଫିକୁ ନେଇ ଜାରି ରହିଥିବା ଅନିଶ୍ଚିତତା ମଧ୍ୟରେ ଆଇସିସି ବଡ଼ ପଦକ୍ଷେପ ନେଇଛି। ଚାମ୍ପିୟନ୍ସ ଟ୍ରଫିର ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେବାକୁ ଆଇସିସି ପକ୍ଷରୁ ଡକାଯାଇଛି ଜରୁରୀ ବୈଠକ। ଆସନ୍ତା ୨୬ ତାରିଖରେ ଆଇସିସି ଅଧ୍ୟକ୍ଷତାରେ ଚାମ୍ପିୟନ୍ସ ଟ୍ରଫି ବୈଠକ ବସିବ। ଏହି ବୈଠକରେ ଚାମ୍ପିୟନ୍ସ ଟ୍ରଫି ପାଇଁ ଯୋଗ୍ୟତା ଅର୍ଜନ କରିଥିବା ସବୁ ରାଷ୍ଟ୍ରର ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ବିସିସିଆଇ ଓ ପାକିସ୍ତାନ କ୍ରିକେଟ ବୋର୍ଡର ଅଧିକାରୀ ମଧ୍ୟ ବୈଠକକୁ ଆସିବେ। ପାକିସ୍ତାନରେ ଚାମ୍ପିୟନ୍ସ ଟ୍ରଫି ଆୟୋଜନ ହେଉଥିବାରୁ ସେଠାକୁ ଟିମ ପଠାଇବାକୁ ବିସିସିଆଇ ମନା କରିଦେଇଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଥିବା ରାଜନୀତିକ ତିକ୍ତତା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ହେଲେ ଏହାକୁ ପାକିସ୍ତାନ ଗ୍ରହଣ କରିବାକୁ ନାରାଜ। ପାକିସ୍ତାନ ବଦଳରେ ଭାରତର ନିରପେକ୍ଷ ଭେନ୍ୟୁରେ ମ୍ୟାଚ୍ ଖେଳିବାକୁ ଚାହୁଁଛି। କିନ୍ତୁ ପାକିସ୍ତାନ ନିଜ ଦେଶରୁ ଗୋଟିଏ ବି ମ୍ୟାଚ୍ ବାହାରେ ଖେଳାଯିବା ସପକ୍ଷରେ ନାହିଁ। ଏହାକୁ ନେଇ ଚାମ୍ପିୟନ୍ସ ଟ୍ରଫି ଆୟୋଜନକୁ ନେଇ ଦ୍ୱନ୍ଦ୍ୱ ଦେଖାଯାଇଛି। ସ୍ଥିତି ଦିନକୁ ଦିନ ବିଗୁଡୁ ଥିବାରୁ ଆଇସିସି ପକ୍ଷରୁ ଜରୁରୀ ବୈଠକ ଡକାଯାଇଛି। ବୈଠକରେ ମୁଖ୍ୟତଃ ୫ଟି ପ୍ରସଙ୍ଗରେ ଆଲୋଚନା ହେବ। ଚାମ୍ପିୟନ୍ସ ଟ୍ରଫିରେ ଭାରତର ମ୍ୟାଚ ଗୁଡ଼ିକର ଭବିଷ୍ୟତ କ'ଣ ହେବ? ନିରପେକ୍ଷ ଭେନ୍ୟୁରେ ସେମି ଫାଇନାଲ ଓ ଫାଇନାଲ ମ୍ୟାଚ ଆୟୋଜନ। ଯଦି ପାକିସ୍ତାନ ହାଇବ୍ରିଡ ମଡେଲକୁ ବିରୋଧ କରିବ, ତା'ହେଲେ କ'ଣ ପଦକ୍ଷେପ ନିଆଯିବ? ପୂରା ଚାମ୍ପିୟନ୍ସ ଟ୍ରଫିକୁ ନିରପେକ୍ଷ ଭେନ୍ୟୁକୁ ସ୍ଥାନାନ୍ତର ଓ ପାକିସ୍ତାନ ବିନା ଚାମ୍ପିୟନ୍ସ ଟ୍ରଫି ଆଦି ପ୍ରସଙ୍ଗରେ ଆଲୋଚନା ହେବାର ଅଛି। ବୈଠକରେ ଆଇସିସି ଦୁଇ ପକ୍ଷ ଅର୍ଥାତ ବିସିସିଆଇ ଓ ପିସିବି ମଧ୍ୟରେ ବୁଝାମଣା କରିବାକୁ ଚେଷ୍ଟା କରିବ। ଏଥିସହ ଦୁଇ ବୋର୍ଡ ଉଠାଉଥିବା ସମସ୍ୟାର ସମାଧାନ ସହ ବିକଳ୍ପ ବ୍ୟବସ୍ଥା ପାଇଁ ପ୍ରସ୍ତାବ ଦେବ। ଏହାବାଦ ହାଇବ୍ରିଡ ମଡେଲ ପ୍ରସ୍ତାବ ଉପରେ ଆଲୋଚନା କରିବ ବୋଲି ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହାରାଷ୍ଟ୍ରରେ...

ସିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବୀଶ୍ ପ୍ରମୁଖ ରାଜ୍ୟବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଏନଡିଏ ନେତୃବୃନ୍ଦ ନେବେ ବୋଲି ବିଜେପି ନେତାମାନେ କହିଥିଲେ ସୁଦ୍ଧା ଏକନାଥ ସିନ୍ଦେ ପୁଣି ମୁଖ୍ୟମନ୍ତ୍ରୀ ହେବା ଲାଗି ଦାବି ଉପସ୍ଥାପନ କରିଥିବା ଜଣାପଡ଼ିଛି। ୧୯୭୨ ପରେ ରାଜ୍ୟରେ ବିଜେପି ପ୍ରଥମ ଥର ପାଇଁ ବିପୁଳ ବିଜୟ ହାସଲ କରିଛି। ଜେଏମ୍ଏମ୍, କଂଗ୍ରେସ, ଆର୍‌ଜେଡି, ସିପିଆଇଏମ୍(ଏମ୍‌ଏଲ୍) ଆଦି ଦଳଗୁଡ଼ିକୁ ନେଇ ଗଠିତ ଇଣ୍ଡିମେଣ୍ଟକୁ ଝାଡ଼ଖଣ୍ଡରେ ପୁଣି ସରକାର ଗଢ଼ିବା ଲାଗି ସୁଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ରାଜ୍ୟବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ମହାରାଷ୍ଟ୍ରରେ ସମସ୍ତ ୨୮୮ ଆସନରେ ଗଣତି ଶେଷ ହୋଇଛି। ଏଠାରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହେଉଛି ୧୪୫। ସଚ୍ଚୂଡ଼ାନ୍ତ ରିପୋର୍ଟ ମିଳି ନ ଥିଲେ ସୁଦ୍ଧା ବିଜେପି, ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା, ଅଜିତ ପାୱାରଙ୍କ ଏନ୍‌ସିପି ଏବଂ ଅନ୍ୟମାନଙ୍କୁ ନେଇ ଗଠିତ ମହାୟୁତି ୨୩୬ ଆସନରେ ଆଗୁଆ ରହିଛି କିମ୍ବା ବିଜୟ ହାସଲ କରିଛି। ସେହିପରି କଂଗ୍ରେସ, ଉଦ୍ଧବ ଠାକରେଙ୍କ ଶିବସେନା, ଶରଦ ପାୱାରଙ୍କ ଏନ୍‌ସିପି ଆଦି ଦଳଙ୍କୁ ନେଇ ଗଠିତ ଏମ୍‌ଭିଏ ୪୮ ଆସନରେ ବିଜୟୀ କିମ୍ବା ଆଗୁଆ ରହିଛି। ଅନ୍ୟମାନେ ୪ଟିରେ ଆଗୁଆ କିମ୍ବା ବିଜୟ ହାସଲ କରିଛନ୍ତି। ବିଜେପିକୁ ୧୩୨, ଶିବସେନା (ସିନ୍ଦେ)କୁ ୫୭, ଅଜିତ ପାୱାର ଗୋଷ୍ଠୀ ଏନ୍‌ସିପିକୁ ୪୧ ଟି ଆସନ ମିଳିଛି। ଏମ୍‌ଭିଏର କଂଗ୍ରେସକୁ ୧୬, ଶରଦ ପାୱାରଙ୍କ ଏନ୍‌ସିପିକୁ ୧୦ ଓ ଶିବଦସନା (ଉଦ୍ଧବ)କୁ ୨୦ ଆସନ ମିଳିଛି। ମୁଖ୍ୟମନ୍ତ୍ରୀ ଏକନାଥ ସମ୍ଭାଜୀ ସିନ୍ଦେ କୋପ୍ରି-ପଚପାଖିଡ଼ି, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଗଙ୍ଗାଧର ଫଡ଼ନାବୀଶ ନାଗପୁର ସାଉଥ୍ ୱେଷ୍ଟ, କଂଗ୍ରେସର ନାନାଭାଉ ଫାଲଗୁନି ରାଓ ପାଟୋଲ ବିଜୟ ହାସଲ କରିଛନ୍ତି। ତେବେ ବିଜେପି ପ୍ରାର୍ଥୀ ମିଲିନ୍ଦ ଦେଓରା ହାରି ଯାଇଛନ୍ତି। ଏମ୍‌ଭିଏର ଆଦିତ୍ୟ ଠାକରେ ବିଜୟୀ ହୋଇଛନ୍ତି। ଅଜିତ ପାୱାର ଗୋଷ୍ଠୀ ଛଗନ ଭୁଜବଳ ୟେଓ୍ୱଲା ଆସନରେ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପିର ପ୍ରାର୍ଥୀ ମାଣିକରାଓ ସିନ୍ଦେଙ୍କୁ ପରାସ୍ତ କରିଛନ୍ତି। ଝାଡ଼ଖଣ୍ଡରେ ମ୍ୟାଜିକ ନମ୍ବର ୪୨ ହୋଇଥିବା ବେଳେ ଇଣ୍ଡିମେଣ୍ଟ ୫୬ ଆସନ ପାଇ କ୍ଷମତା ବଜାୟ ରଖିଛି। ମତଦାତା ପୁନଃ ଇଣ୍ଡିମେଣ୍ଟ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ରାଜ୍ୟରେ ଇଣ୍ଡିମେଣ୍ଟକୁ ୫୬, ଏନ୍‌ଡିଏକୁ ୨୪ ଓ ଅନ୍ୟମାନଙ୍କୁ ଗୋଟିଏ ଆସନ ମିଳିଛି। ଦଳୱାରି ଫଳାଫଳ ଅନୁଯାୟୀ, ଇଣ୍ଡିମେଣ୍ଟର ମୁଖ୍ୟ ଅଂଶୀଦାର ଜେଏମ୍ଏମ୍ ୩୪, କଂଗ୍ରେସ ୧୬, ଆର୍‌ଜେଡି ୪ ଓ ସିପିଆଇ(ଏମ୍‌ଏଲ୍)କୁ ୨ ଆସନ ମିଳିଛି। ଅନ୍ୟପକ୍ଷରେ ଏନ୍‌ଡିଏ ଅଂଶୀଦାର ବିଜେପିକୁ ୨୧, ଜେଡିୟୁକୁ ୧ ଓ ଅନ୍ୟ ସହଯୋଗୀମାନେ ୨ ଆସନରେ ବିଜୟ ହାସଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ସୋରେନ ବରହିତ, କଂଗ୍ରେସର ଇରଫାନ ଅନସାରି ଜାମତରା, ଓଡ଼ିଶା ରାଜ୍ୟପାଳଙ୍କ ବୋହୂ ପୂର୍ଣ୍ଣିମା ଦାସ ଜାମସେଦପୁର ଆସନରେ ବିଜୟ ହାସଲ କରିଛନ୍ତି। ତେବେ ହେମନ୍ତଙ୍କ ପତ୍ନୀ କଳ୍ପନା ସୋରେନ ଗଣ୍ଡେ ଆସନରେ ୮୨ ହଜାରରୁ ଅଧିକ ଭୋଟ ପାଇଁ ଜିତିଥିବା ବେଳେ ସଂପର୍କୀୟା ସୀତା ସୋରେନ ଜାମତରାରୁ ହାରିଯାଇଛନ୍ତି। ଜେଏମଏମ ଛାଡ଼ି ବିଜେପିରେ ମିଶିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ ସଢ଼େଇକଳାରୁ ୭ମ ଥର ପାଇଁ ବିଜୟ ହାସଲ କରିଛନ୍ତି।

ସୂଚନାଯୋଗ୍ୟ ମହାରାଷ୍ଟ୍ରରେ ଗୋଟିଏ ପର୍ଯ୍ୟାୟରେ ଚଳିତ ମାସ ୨୦ରେ ମତଦାନ ହୋଇଥିଲା। ଏଠାରେ ମତଦାନ ହାର ଥିଲା ୬୬.୦୫ %। ମୋଟ ୩୨୩୭ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଝାଡ଼ଖଣ୍ଡରେ ଚଳିତ ମାସ ୧୩ ଓ ୨୦ରେ ମତଦାନ ହୋଇଥସିଲା ଓ ମତଦାନ ହାର ଥିଲା ୬୮.୯୫%। ଉଭୟ ରାଜ୍ୟରେ ଆଜି ସକାଳ ୮ରୁ ଗଣତି କରାଯାଇଥିଲା।

ମହାରାଷ୍ଟ୍ରରେ ବିଜେପିର ଗେମ ଚେଞ୍ଜର ପଛରେ ଲାଡଲି ବହନ ଯୋଜନା ଥିବା କୁହାଯାଇଛି। ପ୍ରଚାର ବେଳେ ମହାୟୁତି କ୍ଷମତାକୁ ଫେରିଲେ ଯୋଜନାରେ ମିଳୁଥିବା ୧୫ଶହ ଟଙ୍କାକୁ ବଢ଼ାଇ ୨୧ଶହ ଟଙ୍କା କରିବାକୁ ପ୍ରତିଶ୍ରୁତି ଦେଇଥିଲା। ରାଜ୍ୟରେ ଏଥର ପ୍ରଥମ ଥର ପାଇଁ ବହୁ ସଂଖ୍ୟାରେ ମହିଳା ଭୋଟ୍ ଦେଇଥିଲେ। ଯାହା ଗତ ୩ଦଶକରେ ସର୍ବାଧିକ। ଲୋକସଭା ନିର୍ବାଚନରେ ବେଶ ଭଲ ପ୍ରଦର୍ଶନ ପରେ ମହାରାଷ୍ଟ୍ରରୁ ବଡ ଆଶା ରଖିଥିଲା କଂଗ୍ରେସ । ତେବେ ବିଧାନସଭାରେ ଦଳକୁ ଲାଗିଛି ବଡ ଝଟକା । ରାଜ୍ୟରେ ବିଫଳତା କଂଗ୍ରେସର ଦୁର୍ବଳ ସଂଗଠନ ସାଙ୍ଗକୁ ଅଣପ୍ରଭାବଶାଳୀ ରଣନୀତିକୁ ପଦାରେ ପକାଇଛି।

ସେହିପରି ମୈୟାଁ ସମ୍ମାନ ଯୋଜନା ଜେଏମଏମ ପାଇଁ ଗେମଚେଞ୍ଜର କୁହାଯାଉଛି । ଏହି ଯୋଜନାରେ ଝାଡ଼ଖଣ୍ଡର ୫୧ଲକ୍ଷ ମହିଳାଙ୍କୁ ମାସକୁ ହଜାରେ ଟଙ୍କାର ଆର୍ଥିକ ସହାୟତା ଦିଆଯାଉଛି । ବିଜେପି ମହିଳାଙ୍କୁ ପ୍ରତି ମାସ ୨୧ଶହ ଟଙ୍କା ଦେବାକୁ ଘୋଷଣା କରିଥିଲା । କିନ୍ତୁ ଇଡି ମାମଲାରେବଦନାମ ହୋଇଥିଲେ ସୁଦ୍ଧା ଜନତା ହେମନ୍ତ ସୋରେନଙ୍କ ଉପରେ ହିଁ ଭରସା କରିଛନ୍ତି।

### ଅଭିନନ୍ଦନ ଜଣାଇଲେ ମୋହନ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ-୨୦୨୪ରେ ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ମହାୟୁତି ଐତିହାସିକ ବିଜୟ ହାସଲ ହୋଇଛି। ମହାରାଷ୍ଟ୍ରର ଜନତା ମହାୟୁତି ସରକାର ଉପରେ ପୁଣି ବିଶ୍ୱାସ କରିଛନ୍ତି। ଜନତା-ଜନାର୍ଦ୍ଦନଙ୍କ ରାୟକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଶ୍ରୀ ମାଝୀ କହିଛନ୍ତି, ୧୯୭୨ ମସିହା ପରେ ମହାରାଷ୍ଟ୍ରରେ ଏହା ହେଉଛି ବଡ଼ଧରଣର ବିଜୟ। ଏହି ଐତିହାସିକ ବିଜୟ ପାଇଁ ବିଜେପି-ମହାୟୁତିର ସମସ୍ତ କର୍ମକର୍ତ୍ତା ଓ ପଦାଧିକାରୀଙ୍କୁ ଶୁଭକାମନା ଜଣାଉଛି। ଏହି ସଫଳତା ବିକାଶ ଓ ପ୍ରଗତି ପ୍ରତି ଆପଣମାନଙ୍କର ନିଷ୍ଠାପର କର୍ତ୍ତବ୍ୟକୁ ଦର୍ଶାଉଛି।

### ଓଡ଼ିଶା ଶିଳ୍ପ ...

ସେମାନଙ୍କର ଦରଖାସ୍ତ ଯୋଗ୍ୟ ଆବେଦନକାରୀ ଭାବେ ପୁନଃ ବିଚାର କରାଯିବ । ୨୦୨୩ ଜୁନ୍ ୩୦ ପରେ ଦାଖଲ ହୋଇଥିବା ଆବେଦନଗୁଡ଼ିକୁ ବିବେଚନା କରାଯିବ ନାହିଁ । ଯେଉଁଠାରେ ଶିଳ୍ପ ସଂସ୍ଥାର ନିୟନ୍ତ୍ରଣ ବାହାରେ ଥିବା କାରଣରୁ ବିଳମ୍ବ ହେବାର ପରିଲକ୍ଷିତ ହେବ ତାହା ମୁଖ୍ୟ ସଚିବଙ୍କ ସ୍ତରରେ ବିଚାର କରାଯିବ। ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୬ରେ ଏକ ସଂଶୋଧନ ୨୦୧୮ ନଭେମ୍ବର ୧୩ତାରିଖରେ କରାଯାଇଥିଲା। ଯେଉଁଥିରେ ଦ୍ରବଣ ନିଷ୍କାସନ, ରିଫାଇନ୍ ତୈଳ ପ୍ରସ୍ତୁତି ଓ ପାନୀୟ ଜଳର ବିଶୋଧନ କାରଖାନା କାର୍ଯ୍ୟକଳାପକୁ ନକରାତ୍ମକ ତାଲିକାରୁ ହଟାଯାଇଥିଲା। ଏହି ନୀତି ଅନୁସାରେ ପ୍ରୋତ୍ସାହନ ପାଇଁ ସେମାନେ ଯୋଗ୍ୟ ହୋଇଥିଲେ । କିନ୍ତୁ ୨୦୨୦ ଅଗଷ୍ଟ ୧୮ତାରିଖରେ ଓଡ଼ିଶା ଶିଳ୍ପ ନୀତି-୨୦୧୫ରେ ସମାନ ବ୍ୟବସ୍ଥା କରାଯାଇଥିଲା । ତେଣୁ ଉଭୟ ନୀତିରେ ଥିବା ଅସଙ୍ଗତିକୁ ଦୃଷ୍ଟିରେ ରଖି ସରକାର ଏବେ ୨୦୨୦ ଅଗଷ୍ଟ ୧୮ରେ ଶିଳ୍ପ ନୀତିରେ ହୋଇଥିବା ସଂଶୋଧନକୁ ୨୦୧୮ ନଭେମ୍ବର ୧୩ରୁ କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି ହୋଇଛି।

ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୧୯୮୯ରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଫଳରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏକାଡେମିକ ଉତ୍କର୍ଷ, ଗୁଣାତ୍ମକ ଗବେଷଣା ନିମନ୍ତେ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପ୍ରାପ୍ତି ଦିଗରେ ହୋଇଥିବା ସମସ୍ୟା ଓ ସମାଧାନ କରିବାକୁ ଏହି ସଂଶୋଧନ ହୋଇଛି । ବିଶ୍ୱବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଉନ୍ନତି ଆଣିବା, ଅଧିକ ସ୍ୱାୟତ୍ତତା ସହିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସଶକ୍ତ କରିବା, ଉତ୍ତରଦାୟିତ୍ୱ ବଜାୟ ରଖିବା, ଅଧ୍ୟାପକ ନିଯୁକ୍ତି ଓ କୁଳପତି ଚୟନ ପ୍ରକ୍ରିୟାରେ ଏକାଡେମିକ୍ ପ୍ରଫେସନାଲଙ୍କୁ ଜଡ଼ିତ କରିବା, ଅର୍ଥ କମିଟି ଓ ନିର୍ମାଣ କମିଟି ଆଦି ଗଠନ କରିବା ଏହି ଆଇନରେ ସଂଶୋଧନ ଦ୍ୱାରା ସମ୍ଭବ ହୋଇପାରିବ।

ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ସରଳ କରିବା ସହ କୋର୍ଟ ମାମଲାକୁ ଶିକ୍ଷକ ନିଯୁକ୍ତିରେ ଆସିଥିବା ସ୍ଥାଣୁତା ଦୂର କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ନିଯୁକ୍ତି ପାଇଁ ଅଧିକ ସ୍ୱଚ୍ଛ ଓ ସମୟସୀମାବଦ୍ଧ ପ୍ରଣାଳୀ ସୃଷ୍ଟି କରିବାକୁ ଏହି ପରିବର୍ତ୍ତନଗୁଡ଼ିକ ପରିକଳ୍ପନା କରାଯାଇଛି । ଏହି ସଂଶୋଧନ ଜାତୀୟ ଶିକ୍ଷା ନୀତି-୨୦୨୦ର ପରିବର୍ତ୍ତନଶୀଳକୁ ଦିଗଗୁଡ଼ିକୁ ମଧ୍ୟ ସାମିଲ କରାଯାଇଛି।

### ପ୍ରଶାସନିକ...

ଜନଜାତୀ ନିର୍ଦ୍ଦେଶ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେ ପୂର୍ବ ଭଳି ଖାଦ୍ୟ ସୁରକ୍ଷା କମିଶନର ଓ ଟିଡିସିସିଓଏଲର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଅତିରିକ୍ତ ସଚିବ ୨୦୧୨ ବ୍ୟାଚର ଆଇଏଏସ ସିଦ୍ଧାର୍ଥଙ୍କୁ ରାଜ୍ୟ ସମବାୟ ସୋସାଇଟିର ରେଜିଷ୍ଟ୍ରାର ଭାବେ ବଦଳି କରାଯାଇଛି।

ଓରେରା ସଚିବ ୨୦୧୩ ବ୍ୟାଚର ଆଇଏଏସ ଅଫିସର ବିଜୟ କୁମାର ପୃଷ୍ଟିଙ୍କୁ ଇଷ୍ଟେଟ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସେହିଭଳି ଅର୍ଥ ବିଭାଗର ଅତିରିକ୍ତ ସଚିବ ୨୦୧୩ ବ୍ୟାଚର ଆଇଏଏସ ଅଫିସର ସତ୍ୟବ୍ରତ ରାଉତଙ୍କୁ ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ଡେପୁଟେସନରେ ଓଡିଶା କ୍ୟାଡରକୁ ଆସିଥିବା ୨୦୧୪ ବ୍ୟାଚର ଆଇଏଏସ ମୋନିକା ପ୍ରିୟଦର୍ଶିନୀଙ୍କୁ ଓଡିସା ଜୀବିକା ମିଶନର ନିର୍ଦ୍ଦେଶିକା ଭାବେ ଅବସ୍ଥାପିତ କରାଯାଇଛି। ହକି ପ୍ରମୋସନ କାଉନସିଲର ସିଇଓ ୨୦୧୪ ବ୍ୟାଚର ଆଇଏଏସ ଦୀପଙ୍କର ମହାପାତ୍ରଙ୍କୁ କ୍ରିଡା ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ସେ ପୂର୍ବ ପରି ହକି ପ୍ରମୋସନ କାଉନସିଲର ସିଇଓ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ। ଏଥିସହିତ ଅର୍ଥ ବିଭାଗର ଅତିରିକ୍ତ ସଚିବ ୨୦୧୪ ବ୍ୟାଚର ଆଏଏସ ସ୍ମିତା ରାଉତଙ୍କୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ପ୍ରକଳ୍ପ ନିର୍ଦ୍ଦେଶିକା ଭାବେ ବଦଳି କରାଯାଇଛି।

### ବବିଙ୍କ ...

ନେଇଥିବା କହିଥିଲେ। ବିଧାୟକ ଏଭଳି ଅଭିଯୋଗ କରିବାପରେ ପୁଲିସ୍ ତତ୍ପର ହୋଇ ଉଠିଥିଲା। ଏହି ଘଟଣାରେ ବିଜେପି ପକ୍ଷରୁ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶଙ୍କ ଆଡକୁ ଅଙ୍ଗୁଳି ଉଠିବା ସହିତ ତାଙ୍କ ଭାଇ ଭବଙ୍କ ସହିତ ଅନ୍ୟାନ୍ୟଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ତେବେ ପୁଲିସ୍ ତତ୍ପର ହୋଇ ତୁରନ୍ତ ୧୦ ଜଣଙ୍କୁ ଗିରଫ କରିଥିଲା। ଗିରଫ ଆଶଙ୍କାରେ ବହୁ ଲୋକ ଫେରାର ହୋଇଯାଇଛନ୍ତି।

ତେବେ ଏହି ଘଟଣାରେ ବବିଙ୍କ ଭାଇ ଭବ ଗିରଫ ହେବେ କି ନାହିଁ ତାହାକୁ ନେଇ ରାଜନୀତି ଜୋର ଧରିଥିବାବେଳେ ବବି ଆଜି ନିଜେ ସାଙ୍ଗରେ ଭାଇ ଭବଙ୍କୁ ଧରି ଥାନାରେ ପହଞ୍ଚି ସରେଣ୍ଡର କରିଥିଲେ। ପୁଲିସ୍ ଭବଙ୍କୁ ଗିରଫ କରିଥିଲା। ତେବେ ବିଜେଡି ସମର୍ଥକ ଓ ଓକିଲଙ୍କ ଉପସ୍ଥିତିରେ ଭବ କିନ୍ତୁ ନିଜର ଜାମିନ ଆବେଦନ କରି ନ ଥିଲେ। କହିଥିଲେ ନିର୍ଦ୍ଦୋଷରେ ଯେଉଁମାନଙ୍କୁ ପୁଲିସ୍ ଗିରଫ କରିଛି ସେମାନଙ୍କୁ ଛଡା ନ ଯିବା ପର୍ଯ୍ୟନ୍ତ ସେ ଜାମିନରେ ଯିବେ ନାହିଁ। ଏହା ପରେ ପୁଲିସ୍ ଭବଙ୍କୁ ଜେଲ୍‌କୁ ପଠାଇ ଦେଇଛି।

ଭବ ବର୍ତ୍ତମାନ ମାରାତ୍ମକ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ତାଙ୍କ ଓକିଲ ସୂଚନା ଦେଇଛନ୍ତି। ଏଭଳି କଥା ପ୍ରଘଟ ପରେ ଏବେ ଭବଙ୍କ ସହିତ ପ୍ରଣବ ଓ ବିଜେଡି ପ୍ରତି ଲୋକଙ୍କ ସହାନୁଭୂତି ବଢ଼ିବାରେ ଲାଗିଛି। ଏଥିସହିତ ବିନା ଦୋଷରେ ଗିରଫ ହୋଇଥିବା ଫେରାର ହୋଇଥିବା ଲୋକଙ୍କ ସମ୍ପର୍କୀୟ ଓ ପରିବାର ବିଜେପି ବିରୁଦ୍ଧରେ ଏକଜୁଟ ହେବାରେ ଲାଗିଛନ୍ତି।

ଏହା ପୂର୍ବରୁ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓରଫ ଜିତୁ ମଧ୍ୟ ଅନୁରୂପ ଏକ ଘଟଣାରେ ସହାନୁଭୂତି ସାଉଁଟିଥିଲେ। ରାସ୍ତାରେ ଯାଉଥିବାବେଳେ ଲିକୁଙ୍କ ସମର୍ଥକମାନେ ତାଙ୍କ ଗାଡି ଉପରକୁ ପ୍ରବଳ ଅଣ୍ଡାମାଡ କରିଥିଲେ। ଏହାକୁ କିନ୍ତୁ ଧର୍ମଶାଳା ଲୋକେ ସହଜରେ ଗ୍ରହଣ କରି ନ ଥିଲେ। ପରେ ଅବଶ୍ୟ ଏଭଳି ଘଟଣା ପାଇଁ ଲିକୁ ନିଜର ଭୁଲ୍ ସ୍ୱୀକାର କରିଥିଲେ। ହେଲେ ସେତେବେଳକୁ ଡେରି ହୋଇଯାଇଥିଲା ଏବଂ ଜିତୁଙ୍କ ପ୍ରତି ସହାନୁଭୂତି ବଢ଼ିଥିଲା। ଏହାର ପ୍ରତିଫଳନ କିଛିଦିନ ପରେ ଧର୍ମଶାଳାରେ ଅନୁଷ୍ଠିତ ବିଜେଡି ପଦଯାତ୍ରାରେ ଦେଖିବାକୁ ମିଳିଥିଲା।

ନିର୍ବାଚନରେ ନିଜେ ପ୍ରଣବ ସମ୍ବଲପୁରରୁ ଓ ତାଙ୍କ ମା' କୋରେଇରୁ ହାରିବାପରେ ପ୍ରଣବ ଏକ ପ୍ରକାର ହତାଶ ହୋଇପଡ଼ିଥିଲେ ଏବଂ ବିଜେଡି କର୍ମୀମାନେ ଧିରେ ଧିରେ ବିଜେପିମୁହାଁ ହୋଇଥିଲେ। ସେମାନଙ୍କୁ ଏକଜୁଟ କରିବାପାଇଁ ବବି ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଥିବାବେଳେ ଧର୍ମଶାଳା ବିଧାୟକ ଲିକୁଙ୍କ ମାଡ ଅଭିଯୋଗ କେବଳ ବବିଙ୍କ କାର୍ଯ୍ୟକୁ ସହଜ କରିନାହିଁ ଯାଜପୁର ରାଜନୀତିରେ ବିଜେଡି ପାଇଁ ଏକ ପ୍ରକାର ସଞ୍ଜୀବନୀ ପାଲଟିଛି।

### ସରକାରଙ୍କୁ ...

ମଞ୍ଚରେ କରାଯିବାକୁ କୁହାଗଲା। ଆମେ କିଛି ଆପତ୍ତି ନକରି କାର୍ଯ୍ୟକ୍ରମ କଲୁ। କଟକ ବାଲିଯାତ୍ରାରେ ଗଣକବି ବୈଷ୍ଣବ ପାଣିଙ୍କ ନାଁରେ ଏକ ମଂଚ ରହିଛି। ଏହି ମଂଚର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଡିଶାର ପରମ୍ପରା, କଳା, ସଂସ୍କୃତିକୁ ଲୋକଙ୍କ ପାଖରେ ଗୀତିନାଟ୍ୟ ମାଧ୍ୟମରେ ପହଁଚାଇବା ଓ ରାଜ୍ୟର କଳାକାରମାନଙ୍କୁ ଲୋକଲୋଚନକୁ ଆଣିବା। ଗତ କିଛି ବର୍ଷ ଧରି ଅକ୍ଷୟ ମହାନ୍ତିଙ୍କ ନାଁରେ ଏକ ମଞ୍ଚ ମଧ୍ୟ କରାଯାଉଛି। ବାଲିଯାତ୍ରାର ତଳ ପଡ଼ିଆରେ ଦୁଇଟି ଯାକ ମଞ୍ଚ ଥିଲେ ବି ବୈଷ୍ଣବ ପାଣିଙ୍କ ମଞ୍ଚର ସ୍ୱାତନ୍ତ୍ରତା ରହିଛି।

ଓଡିଶାର କଳା ସଂସ୍କୃତିକୁ ଲୋକଙ୍କ ପାଖରେ ପହଁଚାଇବା ପାଇଁ ବାଲିଯାତ୍ରା ଏକ ପ୍ରକୃଷ୍ଟ ସ୍ଥାନ। କିନ୍ତୁ ରାଜ୍ୟର କଳା, ସଂସ୍କୃତି ଓ ପରମ୍ପରା ପ୍ରତି ରୁଚି ରଖୁନଥିବା ଜିଲ୍ଲାପାଳଙ୍କ ଆଶକ୍ତି ଓଲିଉଡ ଓ ବଲିଉଡ ଷ୍ଟାରଙ୍କ ପ୍ରତି। ଯେଉଁଥିପାଇଁ ଚଳିତ ବର୍ଷ ରାଜ୍ୟର କଳାକାରଙ୍କୁ ପୂର୍ବ ବର୍ଷମାନଙ୍କ ଭଳି ସୁଯୋଗ ଦିଆଯାଇନି। ଯାହାକୁ ନେଇ ମଞ୍ଚ କଳାକାରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

### ପାୱାରଫୁଲ ...

ଚାଲିଯାଉଥିଲେ ସୁଦ୍ଧା ଏସିପିଙ୍କ ଦର୍ଶନ ମିଳୁ ନ ଥିଲା। ଦଶହରା ବେଳେ ଭୁବନେଶ୍ୱର ଟ୍ରାଫିକ ବ୍ୟବସ୍ଥା କହିଲେ ନ ସରେ। ତେବେ ସରକାର ବଦଳିବା ପରେ ଏଭଳି ଅଫିସରଙ୍କ ଚୌକି ମଧ୍ୟ ବଦଳିଛି। ଜୟନ୍ତଙ୍କୁ ମିଳିଛି ଡିସିପି ପିନାକ ମିଶ୍ରଙ୍କ ପିଆରଓ ଦାୟିତ୍ୱ। ଡିସିପି ଅଫିସରେ ରହି ସାମ୍ବାଦିକଙ୍କୁ ଥାନାରୁ ହେଉଥିବା କୋର୍ଟଚାଲାଣର ଡାଟା ଓ ପ୍ରେସମିଟ ଖବର ଦେଉଛନ୍ତି ବାବୁ। ହ୍ୱାଟ୍ସଅଫ ଗ୍ରୁପରେ ପିଡିଏଫ ପଠାଉଛନ୍ତି। ତେଣୁ ବାବୁଙ୍କୁ ଦେଖି ଅନ୍ୟ ପୋଲିସ ଅଫିସର ଏବେ କହି ବୁଲୁଛନ୍ତି, 'କ୍ଷୀର ଅଧିକ ଉତୁରିଲେ ଚୁଲିକୁ'।

### ଦଳ ପାଇଁ ...

ଅଦାନୀ ପ୍ରସଙ୍ଗକୁ ଉଜ୍ଜୀବିତ କରି ରଖିଛନ୍ତି। ଖୋଦ ରାହୁଲ ଗାନ୍ଧୀ ଅଦାନୀ ପ୍ରସଙ୍ଗକୁ ବିଭିନ୍ନ ଫୋରମରେ ଉଠାଉଛନ୍ତି। ତେଣୁ ସଂସଦ ଆରମ୍ଭରୁ ଏହି ପ୍ରସଙ୍ଗ ଉଠିବା ଏକ ପ୍ରକାର ଥର। ବିଜେଡିର ଏବେ ରାଜ୍ୟସଭାରେ ୭ଜଣ ସାଂସଦ ରହିଛନ୍ତି। ରାଜ୍ୟସଭାରେ ଯେତେବେଳ କଂଗ୍ରେସ ଓ ଏହାର ସହଯୋଗୀ ଦଳମାନେ ଅଦାନୀ ପ୍ରସଙ୍ଗ ଉଠାଇବେ ସେତେବେଳେ ବିଜେଡିର ପଦକ୍ଷେପ କ'ଣ ହେବ ତାହା ଉପରେ ସମସ୍ତଙ୍କ ନଜର। ଯଦି ବିଜେଡି ନିରବ ରହିବ ତେବେ କଂଗ୍ରେସ ତାହାକୁ ସମାଲୋଚନା କରି ବିଜେପିର ସହଯୋଗୀ ବୋଲି ଆରୋପ କରିବ। ଯଦି ଇଣ୍ଡିମେଣ୍ଟ ସହିତ ହାତ ମିଳାଇ ବିଜେଡି ଅଦାନୀ ବିରୁଦ୍ଧରେ ଗର୍ଜିବ ତେବେ ରାଜ୍ୟରେ ଅଦାନୀ ଲାଞ୍ଚର ଗୁମର ଖୋଲିବାର ଢେର ଆଶଙ୍କା ରହିଛି। ଆବଶ୍ୟକ ପଡ଼ିଲେ କୌଣସି ଉପାୟରେ ଏହି ପ୍ରସଙ୍ଗରେ ବିଜେଡିକୁ ଅକଳରେ ପକାଇବାକୁ ଉଦ୍ୟମ ହେବ। ଏଣେ ଅଦାନୀ ଜମିକଣା ପ୍ରସଙ୍ଗକୁ ନେଇ ମଧ୍ୟ ବିଜେଡି ଦ୍ୱନ୍ଦରେ ରହିଛି। ଯଦିଓ ଏହି ପ୍ରସଙ୍ଗରେ ବିଜେଡି ବିଜେପି ଠାରୁ କୈଫତ ଚାହିଁଛି, କିନ୍ତୁ ବିଜେଡି ଭଲଭାବେ ଜାଣିଛି ତାହାର ସରକାର ସମୟରେ ହିଁ ଏହି କିଣାବିକା ଜୋରସୋରରେ ହୋଇଛି। ତେଣୁ ବିଜେଡି ଚାହିଁଲେ ବି ଅଦାନୀର ଏଭଳି ଜମିକିଣା ପ୍ରସଙ୍ଗକୁ ରାଜ୍ୟସଭାରେ ଉଠାଇ ପାରିବ ନାହିଁ।

ତେଣୁ ମୋଟାମୋଟି ଭାବେ ଅଦାନୀ ପ୍ରସଙ୍ଗ ଏବେ ବିଜେଡି ପାଇଁ ଏକ ପ୍ରକାର 'ଭାଲୁ' ପାଲଟିଛି। ଧରିଲେ ମଲ, ଛାଡିଲେ ମଲା। ତେଣୁ ଏଭଳି ସ୍ଥିତିରେ ଦଳର ପରାମର୍ଶଦାତାମାନେ କି ପ୍ରକାର ପରାମର୍ଶ ଦେଉଛନ୍ତି ଏବଂ ଅଧିବେଶନ କାଳରେ ଦଳୀୟ ସାଂସଦମାନେ କି ପ୍ରକାରା ଆଚରଣ କରୁଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର।

### ବାଇକ୍ ଉପରେ ଚଢ଼ିଗଲା ଟ୍ରକ

## ଦାଦା-ପୁତୁରା ସମେତ ୪ ମୃତ

**ଜୟପୁର, ୨୩।୧୧ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ଦେଇ ଯାଇଥିବା ଜୟପୁର-ମାଲକାନଗିରି ୩୨୬ ନମ୍ବର ଜାତୀୟ ରାଜପଥର ଜବାକନାଡ଼ି ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବାଇକ୍ ଉପରେ ଏକ ଟ୍ରକ୍ ମାଡ଼ି ଯିବାରୁ ଦାଦା-ପୁତୁରାଙ୍କ ସମେତ ୪ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ଜଣ ନାବାଳକ ରହିଛନ୍ତି। ସେମାନେ ହେଲେ, ବୈପାରୀଗୁଡ଼ା ଥାନା ଧୋବା ପରଜା (୩୦), ତାଙ୍କ ପୁତୁରା କୋଲନୀଗୁଡ଼ାର ଧନ ପରଜା (୧୬), ପଦ୍ମନ ପରଜା (୧୩) ଓରଫ୍ ଘାସି ଏବଂ ବେଢ଼ାଗୁଡ଼ାର ଲୋକିନାଥ ପରଜା(୧୬) ।



ପୁଲିସ୍ ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୯ଟାରେ ଧୋବା, ତାଙ୍କ ପୁତୁରା ଧନ, ପଦ୍ମନ, ଏବଂ ଲୋକିନାଥ ଧାନ କାଟିବାକୁ ଏକ ବାଇକ୍‌ରେ ଜମି ନିକଟକୁ ଯାଉଥିଲେ। ସେମାନେ ଏକ ବସ୍ତୁକୁ ଅତିକ୍ରମ କରିବା ବେଳେ ବିପରୀତ ଦିଗରୁ ଆସୁଥିବା ୧୬ ଚକିଆ ଏକ ମାଲବୋଝେଇ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ୪ଜଣ ଯାକ ଟ୍ରକ୍‌ର ପଛ ଚକା ତଳେ ପଡ଼ି ଯାଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ସମସ୍ତଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଟ୍ରକ୍ ଛାଡ଼ି ଚାଳକଜଣଙ୍କ ଫେରାର୍ ହୋଇଯାଇଥିଲେ। ଅପରପକ୍ଷେ, ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାର ଓ ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ।

### ଲୋକଙ୍କ ସମସ୍ୟା ଆଲୋଚନା କରିବାକୁ

# ବିଇଏମ୍‌ସି କର୍ତ୍ତୃପକ୍ଷଙ୍କ ପଛଘୁଞ୍ଚା

**ବ୍ରହ୍ମପୁର, ୨୩।୧୧ (ସଂଚାର ବ୍ୟୁରୋ) :** ଶୁକ୍ରବାର ମହାନଗର ନିଗମ ପକ୍ଷରୁ କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇଥିଲା। ସହରର ବିଭିନ୍ନ ସମସ୍ୟା ନେଇ ବୈଠକରେ ଆଲୋଚନା ହୋଇଥିଲେ ମଧ୍ୟ ସମ୍ପ୍ରତି ଲୋକଙ୍କ ଦୁଇଟି ନଗଦ ସମସ୍ୟା ଆଲୋଚନା ନ ହେବା ଦୁର୍ଭାଗ୍ୟର ବିଷୟ ବୋଲି କହିବା ସହ କ୍ଷୋଭ ପ୍ରକାଶ କରିଛନ୍ତି ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ବିଜେପି ନେତା ପୀତବାସ ପଣ୍ଡା। ସେ କହିଛନ୍ତି ବ୍ରହ୍ମପୁର ଅତିଥି ଭବନ ଓ ଏହାର ପରିସରରେ ଥିବା ମଦ ଦୋକାନର ଲିଜ୍ ବୃଦ୍ଧି ନ କରିବା ଓ ବର୍ଦ୍ଧିତ ଘର ଟିକସ (ପାନୁ) ବୃଦ୍ଧି ସଂକ୍ରାନ୍ତରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶ ଉପରେ ପୌର ପରିଷଦ ବୈଠକରେ ଆଲୋଚନା ନ କରିବା କଥାରୁ ସ୍ପଷ୍ଟ ଅନୁମେୟ ଯେ ବିଇଏମସି ଲୋକଙ୍କ ସମସ୍ୟା ଆଲୋଚନା କରିବାକୁ ପଛଘୁଞ୍ଚା ଦେଉଛି।

ଗତ ପାଞ୍ଚବର୍ଷ ତଳେ ଅର୍ଥାତ୍ ୨୦୧୯ ନଭେମ୍ବର ୧୬ରେ ତତ୍କାଳୀନ ବିଜେଡି ସରକାର ଏକ ଅଦୃଶ୍ୟ



ଲାଳସାର ବସବର୍ତ୍ତି ହୋଇ ସମସ୍ତ ନିୟମ ଓ କାନୁନ୍‌କୁ ଜଳାଞ୍ଜଳି ଦେଇ ବ୍ରହ୍ମପୁର ମହାନଗର ନିଗମ ଗେଷ୍ଟ ହାଉସକୁ ଏକ ଘରୋଇ ବ୍ୟକ୍ତି ବିଶେଷଙ୍କୁ ଲିଜ ସୂତ୍ରରେ ପାଞ୍ଚ ବର୍ଷ ପାଇଁ ଦେଇଦେଲେ। ଉକ୍ତ ଘରୋଇ କମ୍ପାନୀ ସେଠାରେ ଏକ ମଦ ଦୋକାନ ଖୋଲିଲେ । ବର୍ତ୍ତମାନ ସେହି ଲିଜର ଅବଧି ପାଞ୍ଚ ବର୍ଷ ପୂର୍ଣ୍ଣ ହୋଇଯାଇଛି । ଏହା ଉପରେ ପୌର ପରିଷଦ କଣ ନିଷ୍ପତ୍ତି ନେବ ସହରବାସୀ ଜାଣିବାକୁ ଅପେକ୍ଷା କରିଥିଲେ । ଠିକ୍ ସେହିପରି କାଉନସିଲ୍‌ର ଅନୁମୋଦନ ନ ଥାଇ, ବିନା ବିଜ୍ଞପ୍ତିରେ ଓ ଜନ ଶୁଣାଣି ନ କରି ସହରବାସୀଙ୍କ ଉପରେ ଚାରି ବର୍ଷ ତଳେ କର୍ତ୍ତୃପକ୍ଷ ବର୍ଦ୍ଧିତ ଘର ପାନୁ ଲୋକଙ୍କ ଉପରେ ଲଦି ଦେଇଥିଲେ । ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଆଇନଜୀବୀ ପିତବାସ ପଣ୍ଡା ଏହାର ପ୍ରତିବାଦରେ ଅଦାଲତର ଆଶ୍ରୟ ନେଇଥିଲେ । ବର୍ତ୍ତମାନ ମାନ୍ୟବର ଉଚ୍ଚ ନ୍ୟାୟାଳୟ ତିନିମାସ ମଧ୍ୟରେ ବର୍ଦ୍ଧିତ ଘର ଟିକସ ଉପରେ ପୌର ପରିଷଦ ସଠିକ୍ ନିଷ୍ପତ୍ତି ନେଉ ବୋଲି ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି ଦୁଇଟି ଘଟଣା ପୌର ପରିଷଦ ବୈଠକରେ ଆଲୋଚନା ନହେବା ପୌର ପରିଷଦ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ପଛଘୁଞ୍ଚା ଦେଉଛନ୍ତି ବୋଲି ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ଏକ ପ୍ରେସ ବିବୃତିରେ କହିଛନ୍ତି ।

## ଥାନା ଘେରାଉ ଓ ହାଟ ଗଣ୍ଡଗୋଳ ମାମଲାରେ ୪ ଗିରଫ

**ଯାଜପୁର, ୨୩।୧୧ (ସଂଚାର ବ୍ୟୁରୋ):** ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ବିଜେଡିର ଆକ୍ରମଣ ଘଟଣା ପରେ ସୃଷ୍ଟି ହୋଇଥିବା ଅପ୍ରୀତିକର ପରିସ୍ଥିତି ଓ ପରେ ବିଜେଡି ନେତା, କର୍ମୀ ଯାଜପୁର ଥାନାକୁ ଘେରାଉ କରିବା ସହ ପରବର୍ତ୍ତୀ ପରିସ୍ଥିତିରେ ବିରଜା ହାଟ ପୁନଃସ୍ଥାପନକୁ ବିରୋଧ କରି ରାସ୍ତାରୋକ କରିବା, ଚାଷୀଙ୍କ ପରିବା ଫିଙ୍ଗିବା ପରି ଘଟଣା ଘଟିଥିଲା। ଏହି ଘଟଣାକୁ ନେଇ ଯାଜପୁର ଥାନାରେ ୪ଟି ମାମଲା ରୁଜୁ କରାଯାଇଥିଲା । ଏହି ଘଟଣାରେ ଯାଜପୁର ପୁଲିସ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଭାଇ ତଥା ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ(ଲଲ)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଅନ୍ୟ ୪ଜଣ ଯଥା ଗଣପତିପୁର ଅଞ୍ଚଳର ପ୍ରଶାନ୍ତ କୁମାର ଦଳେଇ, ଗରିଆପୁର ଦିବାକର ବେହେରା, ଦାଣ୍ଡସୁନ୍ଦରପୁର ରଅଞ୍ଚଳର ସୁଶାନ୍ତ ସାହୁ, ବୈଦ୍ୟରାଜପୁର ଅକ୍‌ତାର ହୁସେନ ଖାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ଠିକାଦାରଙ୍କ ପାଇଁ ପୂର୍ତ୍ତ ବିଭାଗ ରାସ୍ତା ସାଜିଛି ଦୁଧିଆଳୀ ଗାଈ

**ନାଉଗାଁ, ୨୩।୧୧ (ସଂଚାର ବ୍ୟୁରୋ) :** ନାଉଗାଁକୁ ଜିଲ୍ଲା ସଦର ମହକୁମା ସହିତ ଯୋଡ଼ିବା ପାଇଁ ପୂର୍ତ୍ତ ବିଭାଗର ରହିଥିବା ମୁଖ୍ୟ ରାସ୍ତାଟି ଯିଏକି ବାଲି ଭଉଁରୀ ଠାରେ ଜାତୀୟ ରାଜପଥକୁ ଛୁଇଁଛି। ସେହି ବାଲି ଭଉଁରୀ ଠାରୁ ନାଉଗାଁ ଶିଖର ଘାଟ ପର୍ଯ୍ୟନ୍ତ ଥିବା ପୂର୍ତ୍ତ ବିଭାଗର ୧୮ କିଲୋମିଟର ରାସ୍ତାଟି ସବୁବେଳେ ଖାଲ ଖମାରେ ପରିପୂର୍ଣ୍ଣ ରୁହେ ଏବଂ ବିଭାଗ ପକ୍ଷରୁ ପ୍ରତି ଆର୍ଥିକ ବର୍ଷରେ ତିନିରୁ ଚାରି ଥର ମରାମତି କାର୍ଯ୍ୟ କରଯାଏ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ହେଉଛି କି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଓ ଠିକାଦାର ପ୍ରୀତି ପାଇଁ କାର୍ଯ୍ୟ ହେବାର ଦୁଇ ମାସ ଭିତରେ ରାସ୍ତାର ପୂର୍ବ ଅବସ୍ଥା ପୁଣି ଫେରିଆସେ ଏବଂ ପୁଣି ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇ ପୁନର୍ବାର କାର୍ଯ୍ୟ କରାଯାଏ। ଆଜ୍ଞା ଏ କଥା ଆମେ ମନକୁ କହୁନୁ ଯଦି ଏହି ଘଟଣାର ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚିତ୍ ତଦନ୍ତ କରାଯାଏ ତେବେ ସତ୍ୟାସତ୍ୟ ଘଟଣା ଲୋକଲୋଚନକୁ ଆସିପାରିବ।



ତେବେ ଏହି ରାସ୍ତା ପୁଣି ପୂର୍ବ ଅବସ୍ଥାକୁ ଫେରି ଯାଇଚି ତେଣୁ ପୁନର୍ବାର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ଏବେ ରାଜ୍ୟରେ ସରକାର ପରିବର୍ତ୍ତନ ହେବା ସହିତ ବିଧି ବ୍ୟବସ୍ଥାରେ ହୋଇଛି ପରିବର୍ତ୍ତନ। କିନ୍ତୁ ଦୁଃଖର ବିଷୟ ଏହି ରାସ୍ତା କାର୍ଯ୍ୟରେ କାଇଁ ପରିବର୍ତ୍ତନର ଟିକେ ବି ଗନ୍ଧ ବାରି ହୋଇ ପାରୁନି। ପୁଣି ରାସ୍ତା ମରାମତିକୁ ୨୪ ଘଣ୍ଟା ପୁରି ନଥିବା ବେଳେ ରାସ୍ତାରୁ ଉଠିଲାଣି ଗୋଡ଼ି। ଏହିପରି ଯଦି ପୁଣି କାର୍ଯ୍ୟ କରାଯାଏ ତେବେ ଠିକାଦାର ମାଲାମାଲ ସହିତ ରାଜକୋଷ ଖାଲି ହୋଇଯିବ, ସେପଟେ ସାଧାରଣ ଜନତା ହଇରାଣ ହିଁ ହଇରାଣ। ଏହିଭଳି ଘଟଣାକୁ ନେଇ ବୁଦ୍ଧିଜିବୀ ମହଲରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି ଏବଂ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ସ୍ଥାନୀୟ ବିଧାୟକ ଏହି କାର୍ଯ୍ୟ ଉପରେ ଦୃଷ୍ଟି ଦେବା ପାଇଁ ଦାବି ହୋଇଆସୁଛି।

## ମାନସୀପ୍ରଭା ସ୍ୱାଇଁଙ୍କ 'ଦୈବକନ୍ୟା' ଉନ୍ମୋଚିତ

**ଜଗତସିଂହପୁର, ୨୩।୧୧ (ସଂଚାର ବ୍ୟୁରୋ) :** ତିର୍ତ୍ତୋଲ ସ୍ଥିତ ଗୋପିଆକୁଦ ମହାନଦୀ ପଠାରେ ଅନୁଷ୍ଠିତ ଚେଲିତୋଳ ବାଲିଯାତ୍ରା ମହୋତ୍ସବ ସାରସ୍ୱତ ମଞ୍ଚରେ ଝଙ୍କଡ଼ ସାହିତ୍ୟ ସଂସଦ ପ୍ରାୟୋଜିତ ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବର ମାହେନ୍ଦ୍ର ମୁହୂର୍ତ୍ତରେ କବୟିତ୍ରୀ ମାନସୀ ପ୍ରଭା ସ୍ୱାଇଁଙ୍କ କବିତା ସଂକଳନ 'ଦୈବକନ୍ୟା' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବ ବରେ ଅତିଥି ଭାବେ ପ୍ରାଧ୍ୟାପିକା ଡ଼ଃ. ବିଷ୍ଣୁପ୍ରିୟା ଦାସ, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତି, ଡ଼ଃ. ଆରତୀ ତ୍ରିପାଠୀ, ଡ଼ଃ. ବସନ୍ତ ମଞ୍ଜରୀ ମହାନ୍ତି, ଅଧ୍ୟାପକ ରାଜଶ୍ରୀ ସ୍ୱାଇଁ ଓ ସମ୍ପାଦକ ଝଙ୍କଡର ଗୋଲୋକ ବିହାରୀ ପଲାଇଙ୍କ ଉପସ୍ଥିତରେ ପୁସ୍ତକ ଦୈବକନ୍ୟା ଉନ୍ମୋଚିତ ହୋଇ କବୟିତ୍ରୀ ପଦ୍ମାବତୀ ମିଶ୍ରଙ୍କ ଦ୍ୱାରା ସମୀକ୍ଷା କରାଯାଇଥିଲା। ଶ୍ରୀମତୀ ସ୍ୱାଇଁଙ୍କର କବିତା ସଂକଳନ 'ମାନସୀ କନ୍ୟା' ପରେ ଏହା ହେଉଛି ତାଙ୍କର ଦ୍ୱିତୀୟ କବିତା ସଂକଳନ। ଅନ୍ୟ ମାନଙ୍କ ମଧ୍ୟରେ ପଣ୍ଡିତ ବାସବ କୁମାର ନନ୍ଦ, ସବିତା ନାୟକ, ଦିଗମ୍ବର ରାଉତ, ଅଶୋକ ଲେଙ୍କା, ଝୁଲରାମ ଦାସ, ନିତ୍ୟାନନ୍ଦ ନାୟକ, ଅନ୍ନପୂର୍ଣ୍ଣା ତ୍ରିପାଠୀ, ଅଞ୍ଜନା ମହାନ୍ତି, ପ୍ରତିଭା ମିଶ୍ର, ଜୟନ୍ତୀ ଦାସ ଓ ପ୍ରଭାତ ପରିଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ହୀରାପୁର ପ୍ରିମିୟର ଲିଗ ୧୯ରେ




**ବାଲିଅନ୍ତା, ୨୩।୧୧ (ସଂଚାର ବ୍ୟୁରୋ) :** ମହାମାୟା ଯୁବ ପରିଷଦ ପକ୍ଷରୁ ସ୍ଥାନୀୟ ଖେଳ ପଡିଆରେ ହୀରାପୁର ପ୍ରିମିୟର ଲିଗ ଆସନ୍ତା ଡିସେମ୍ବର ମାସ ୧୯ ତାରିଖରୁ ଆରମ୍ଭ ହେବ । ଉକ୍ତ ଟୁର୍ଣ୍ଣାମେଣ୍ଟ ୨୨ ତାରିଖରେ ଉଦଯାପିତ ହେବ । ଏନେଇ ୭ମ ସଂସ୍କରଣର ଖେଳାଳି ଅକ୍ସନ ଅନୁଷ୍ଠିତ ହୋଇଯାଇଛି । ଏହି ଅକ୍ସନରେ ୮ଟା ଟିମ ଭାଗନେବେ । ଗୋପୀନାଥ ରାଇଡର, ଶ୍ରୀ ଜେନିଅସ , କ୍ରିଷ୍ଣା ୱାରରିଅର, ଚଉଷଠୀ ଯୋଗିନୀ, ଲାୟନ,ବାଲୁକେଶ୍ୱର ବୁଲସ ,ୱାନ ମ୍ୟାନ ତଟିନୀ, ଜେବିଏଲ ୱାରରିଅର, ବିଶୁନିଆ ପଡ଼ା ବୁଲସ । ୧୨୦ ଖେଳାଳି କିଣା ବିକା ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା । ମହାମାୟା ଯୁବ ପରିଷଦର ସଭାପତି ପ୍ରଶାନ୍ତ ନନ୍ଦଙ୍କ ସମେତ ଧରଣୀଧର ଦାସ, ଅକ୍ଷୟ କୁମାର ଦାସ,ମାନସ ଦାସ,ରବୀନ୍ଦ୍ରନାଥ ସାହୁ, ସନ୍ତୋଷ କୁମାର ନାୟକ, ରାଜକିଶୋର ନାୟକ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଉପଦେଷ୍ଟା ରବିନ୍ଦ୍ର ନାଥ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ମହାମାୟା ଯୁବ ପରିଷଦ ପକ୍ଷରୁ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ସମାଜସେବୀ ଚକ୍ରଧର ନାୟକ ଏବଂ ପୂର୍ବତନ ସରପଞ୍ଚ ସୁକାନ୍ତ ସାହୁଙ୍କୁ ସେବା ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସୁଧୁରୁନି ଅଙ୍ଗନବାଡ଼ି ଶିଶୁଙ୍କ ଭାଗ୍ୟ ଓ ଭବିଷ୍ୟତ

**ନୟାଗଡ଼, ୨୩।୧୧ (ସଂଚାର ବ୍ୟୁରୋ):** ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ଶିଶୁଙ୍କ ଭାଗ୍ୟ ଓ ଭବିଷ୍ୟତ ସୁଧୁରିବାର ନା ଗନ୍ଧ ଧରିବାର ନାହିଁ । ରାଜ୍ୟ ଓ କେନ୍ଦ୍ର ସରକାର ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଶିଶୁଙ୍କ ଶାରିରୀକ ଓ ବୌଦ୍ଧିକ ବିକାଶ ପାଇଁ ଲକ୍ଷ୍ୟ ରଖୁଥିବା ବେଳେ ଶିଶୁଙ୍କୁ ଉତ୍ତମ ଖାଦ୍ୟ ପ୍ରଦାନ ପାଇଁ ବ୍ୟବସ୍ଥା କରିଛନ୍ତି । ମାତ୍ର ନୟାଗଡ଼ ଜିଲ୍ଲାରେ ଅନେକ ଅଙ୍ଗନବାଡ଼ି କେନ୍ଦ୍ର ବିପର୍ଯ୍ୟସ୍ତ ଓ ବେପରୁଆ ଢଙ୍ଗରେ ଚାଲିଥିବା ଦେଖାଯାଇଛି ।

ବିଗତ ଦିନରେ ରଣପୁରରେ କାନ୍ଥ ଭାଙ୍ଗି ଅନେକ ଶିଶୁଙ୍କ ଜୀବନ ଯାଇଥିବା ବେଳେ ଅଙ୍ଗନବାଡ଼ି ଗୃହ ନିର୍ମାଣରେ ବ୍ୟାପକ ଅବହେଳା କରାଯାଉଛି । ମନରୋଗ ଯୋଜନାରେ ଅଙ୍ଗନବାଡ଼ି ଗୃହ ନିର୍ମାଣ କରାଯାଉଥିବାରୁ ବିଭିନ୍ନ ବ୍ଲକରେ ଯନ୍ତ୍ରୀମାନେ ଅଧା ଅଧୁରା ଅବସ୍ଥାରେ କାର୍ଯ୍ୟକୁ ପକାଇ ରଖିଛନ୍ତି। ଜିଲ୍ଲାରେ ଶତାଧିକ ଅଙ୍ଗନବାଡ଼ି ଗୃହ ନିର୍ମାଣ ଅଧାଅଧୁରା ଅବସ୍ଥାରେ ରହିଛି । ନୟାଗଡ଼ ଜିଲ୍ଲାରେ ୧୫୮୪ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ସେଥିମଧ୍ୟରୁ ମାତ୍ର ୯୬୬ଟି କେନ୍ଦ୍ରର ନିଜସ୍ୱ ଗୃହ ରହିଥିବା ବେଳେ ୩୧୦ଟି କେନ୍ଦ୍ର ବିଦ୍ୟାଳୟ ଘରେ ଚାଲୁଥିବା ସୂଚନା ମିଳିଛି । ୨୯୬ଟି ଅଙ୍ଗନବାଡ଼ି କେନ୍ଦ୍ର କମ୍ୟୁନିଟ୍ ସେଣ୍ଟରରେ ଚାଲୁଥିବା ଦର୍ଶା ଯାଇଥିବା ବେଳେ ଅନେକ ଉପାନ୍ତ ଅଞ୍ଚଳରେ ଏହି କେନ୍ଦ୍ର ଗୁଡ଼ିକ ଝାଟି ମାଟି ଚାଳ ଛପର ଘରେ ଚାଲୁଛି । ଜିଲ୍ଲାରେ ୬ଟି ଅଙ୍ଗନାବଡ଼ି କେନ୍ଦ୍ର ଭଡ଼ା ଘରେ ଚାଲିଛି। ସେଥିମଧ୍ୟରୁ ନୟାଗଡ଼ ବ୍ଲକରେ ୩ଟି କେନ୍ଦ୍ର ଭଡ଼ା ଘରେ ଚାଲିଥିବା ବେଳେ ଓଡ଼ଗାଁ ବ୍ଲକରେ ୧ଟି ଏବଂ ଦଶପଲ୍ଲା ବ୍ଲକରେ ୨ଟି କେନ୍ଦ୍ର ଭଡ଼ା ଘରେ ଚାଲିଛି।

**ବିଦ୍ୟାଳୟରେ ୩୧୦, କମ୍ୟୁନିଟ ସେଣ୍ଟରରେ ୨୯୬ ଓ ଭଡ଼ା ଘରେ ଚାଲୁଛି ୬ କେନ୍ଦ୍ର**

ଜିଲ୍ଲାରେ ୪୦ ପ୍ରତିଶତ ଅଙ୍ଗନବାଡ଼ି କେନ୍ଦ୍ର ନିଜସ୍ୱ ଗୃହ ନାହିଁ । ଜିଲ୍ଲା ସ୍ତରରେ ଏଥିପାଇଁ ଆନ୍ତରିକତା ପ୍ରକାଶ ପାଉନଥିବାରୁ ଅଙ୍ଗନବାଡ଼ି ଗୃହ ନିର୍ମାଣ ତ୍ୱରାନ୍ୱିତ ହୋଇପାରୁନାହିଁ । ଫଳରେ ଶିଶୁମାନେ ବିପଦ ଶଙ୍କୁଳ ଅବସ୍ଥାରେ ପାଠ ପଢୁଥିବା ଦେଖାଯାଇଛି । ଅନେକ ସ୍ଥାନରେ କମ୍ୟୁନିଟ୍ ସେଣ୍ଟର ନାଁରେ ପିଲାମାନେ ଅଙ୍ଗନବାଡ଼ି କର୍ମୀଙ୍କ ଘର ବାରଣ୍ଡାରେ ପାଠ ପଢୁଥିବା ଅଭିଯୋଗ ହୋଇଛି ।

### ରକ୍ତଦାନ ଶିବିର

## ୩୧୪ ୟୁନିଟ ରକ୍ତ ସଂଗ୍ରହ




**ଟାଙ୍ଗୀ-ଚୌଦ୍ୱାର, ୨୩।୧୧ (ସଂଚାର ବ୍ୟୁରୋ) :** ଇମ୍ଫା ଶିଳ୍ପଗୋଷ୍ଠୀ ତରଫରୁ ଚୌଦ୍ୱାରରେ ଏକ ମେଗା ରକ୍ତଦାନ ଶିବିର ଶନିବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ଇମ୍ଫା ଶିଳ୍ପଗୋଷ୍ଠିର ୬୩ତମ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଏହାର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲା ପଣ୍ଡା ଫାଉଣ୍ଡେସନ୍ ଆନୁକୂଲ୍ୟରେ ଇମ୍ଫା ଷ୍ଟାଫକ୍ଲବ୍ ପରିସରରେ ଆୟୋଜିତ ଏହି ଶିବିରରେ ମୋଟ ୩୧୪ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। କଟକ ରେଡ଼କ୍ରସ୍ ରକ୍ତ ଭଣ୍ଡାରର ନିର୍ଦ୍ଦେଶକ ଡ.ଚନ୍ଦ୍ରିକା ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ରକ୍ତ ଭଣ୍ଡାର କର୍ମକର୍ତ୍ତାମାନେ ରକ୍ତ ସଂଗ୍ରହ କରିଥିଲେ। ଇମ୍ଫାର ଉପସଭାପତି ବିନୟ ଅଗ୍ରୱାଲା ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବାବେଳେ ଇମ୍ଫା ମହିଳା କ୍ଲବ୍ ସଭାପତି ନମିତା ଅଗ୍ରୱାଲା, ବରିଷ୍ଠ ପ୍ରବନ୍ଧକ ସୁଜିତ୍ କୁମାର ମିଶ୍ର, ଲଲାଟ କିଶୋର ମହାପାତ୍ର ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବବିତ ନନ୍ଦ, ନିରଞ୍ଜନ ସାହୁ, ମାନସ ରଞ୍ଜନ ପ୍ରଧାନ, ସରୋଜ ସାହୁ, ପ୍ରଦ୍ୟୁମ୍ନ ତ୍ରିପାଠୀ, ବିଷ୍ଣୁ ଚରଣ ସାହୁ, ରବୀନ୍ଦ୍ର ବେହେରା, ସୁଶାନ୍ତ ନାୟକ, ଫାଉଣ୍ଡେସନ୍‌ର ରାକେଶ ବେହେରା, ଚନ୍ଦ୍ରଶେଖର ମହାପାତ୍ର, ପ୍ରିୟାଙ୍କା ଖୁଣ୍ଟିଆ, ୟୁଏମ୍‌ଏସ୍‌ଏଲର ଅଧିକାରୀ ଭାଗବତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ରକ୍ତଦାତା ସଂଗଠନର ମୁଖ୍ୟ ରାଜ କିଶୋର ସାମନ୍ତରାୟ, କାଉନସିଲର ସୁବ୍ରତ ସାମଲ, ଅଜୟ ବେହେରା, ଅଜିନି ବେହେରା, ବିଷ୍ଣୁ ଚରଣ ପରିଡ଼ା, ଅର୍ଜୁନ ପଣ୍ଡା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶିବିରରେ ଯୋଗଦେଇଥିଲେ।

# କେବେ ଦୂର ହେବ ଅସ୍ତରଙ୍ଗବାସୀଙ୍କ ସମସ୍ୟା ?

**ନେତା ମାଲମାଲ**

**ଦୂର ହେଉନି ସମସ୍ୟା**

**କେବଳ ମିଛ ପ୍ରତିଶ୍ରୁତି**



**କାକଟପୁର/ଅସ୍ତରଙ୍ଗ, ୨୩।୧୧ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବିଭିନ୍ନ ପଂଚାୟତରେ ଅନେକ ସମସ୍ୟା ରହିଛି। ମୁଖ୍ୟ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଠାରୁ କରି ରାଜ୍ୟ ସରକାର ଏପରିକି ନିର୍ବାଚିତ ବିଧାୟକ ଓ ସାଂସଦ ମାନେ ଦୃଷ୍ଟି ଦେଉନାହାନ୍ତି। ଲୋକଙ୍କ ସମସ୍ୟା ବୁଝିବାରେ ପ୍ରଶାସନ ଫେଲ ମାରିଛି। ଏବେ ନୂଆ ସରକାର ଗଠନ ହୋଇଥିବା ବେଳେ ଅସ୍ତରଙ୍ଗ ବ୍ଲକ ଅଂଚଳବାସୀ ନୂଆ ସରକାର ଓ ନୂଆ ସାଂସଦ ପ୍ରତିନିଧି ଙ୍କ ଠାରୁ ନୂଆ ଆଶା କରୁଛନ୍ତି।

୨୪ବର୍ଷର ବିଜେଡି ସରକାର ଅସ୍ତରଙ୍ଗ ଅଞ୍ଚଳବାସୀଙ୍କୁ ପାନୀୟ ଜଳ ସମସ୍ୟା ଦୂର କରିବା, ମେଡ଼ିକାଲ ଡକ୍ଟର ସମସ୍ୟା ଦୂର କରିବା ଏମିତି ମିଛ ସ୍ୱପ୍ନ ଦେଖାଇ ସବୁ କ୍ଷେତ୍ରରେ ଅବହେଳା କରିଛନ୍ତି। ଅସ୍ତରଙ୍ଗ ଅଞ୍ଚଳବାସୀ ଙ୍କୁ ସ୍ମାର୍ଟ ଅଞ୍ଚଳ ସ୍ୱପ୍ନ ଦେଖାଇ ଭଣ୍ଡାଇଛନ୍ତି। ପ୍ରତି ପଂଚାୟତ ରେ ଅଳିଆ ଓ ଦୁର୍ଗନ୍ଧମୟ ଅଞ୍ଚଳ ଅନେକ ସ୍ଥାନରେ ପାଲଟିଛି। ସବୁ ମୌଳିକ ସୁବିଧା ଓ ସେବା ଲୋକଙ୍କୁ ଯୋଗାଇ ଦିଆଯିବା କଥା ତାହା କରାଯାଇନାହିଁ। ସରକାର ପରେ ସରକାର ବଦଳିଛନ୍ତି। ନେତା ପରେ ନେତା ବଦଳିଛନ୍ତି ଏହା ସହ ସ୍ୱାର୍ଥ ସାଧନ ପାଇଁ ଦଳ ମଧ୍ୟ ପରିବର୍ତ୍ତନ କରିଛନ୍ତି । ମାତ୍ର ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତର ଅଞ୍ଚଳବାସୀଙ୍କ ଭାଗ୍ୟ ବଦଳି ପାରିନାହିଁ।

ଅସ୍ତରଙ୍ଗ ଅଞ୍ଚଳର ବିକାଶ ଯେଉଁ ସ୍ଥାନରେ ପହଂଚିବା କଥା ତାହା ପହଂଚି ପାରିନାହିଁ। ଆଜି ମଧ୍ୟ ଅନେକ ପଂଚାୟତ ରେ ପାନୀୟ ଜଳ ସମସ୍ୟା, ମେଡ଼ିକାଲ ରେ ଅନେକ ସମୟରେ ସ୍ୱାସ୍ଥ୍ୟ ସମସ୍ୟା ଅନେକ ସ୍ଥାନରେ ନଦୀବନ୍ଧ ବିପର୍ଯ୍ୟସ୍ତ ହୋଇ ରହିଛି ଏହା ସହ ଚାଷ ଜମିକୁ କେନାଲ ସମସ୍ୟା ରହିଛି । ଦୀର୍ଘ ଦିନ ହେବ ଅସ୍ତରଙ୍ଗ ରେ ବସ ଷ୍ଟାଣ୍ଡ ସମସ୍ୟା ଥିଲେ ମଧ୍ୟ ଯାତ୍ରୀ ଦୋକାନ ନିକଟରେ ଠିଆ ହେଉଛନ୍ତି କିନ୍ତୁ ବସ ଷ୍ଟାଣ୍ଡ ହୋଇ ପାରୁନାହିଁ କି ମହିଳା ଙ୍କ ପାଇଁ ଶୌଚାଳୟ ନାହିଁ ।

ଅସ୍ତରଙ୍ଗବ୍ଲକ ବିଭିନ୍ନ ପଂଚାୟତ ରେ ମାଳ ମାଳ ସମସ୍ୟା ରହିଥିବା ବେଳେ ଏଠାରେ ବିକାଶ ଶୂନ ଏବେ ନୂତନ ସରକାର ନୂତନ ନେତା ଉପରେ ନଜର। ସମସ୍ୟା ସମାଧାନ କରିବାକୁ ଅଞ୍ଚଳବାସୀ ଆଶା ରଖିଛନ୍ତି।

# ସହିଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ଦିବସ ପାଳିତ

**ନବରଙ୍ଗପୁର, ୨୩।୧୧ (ସଂଚାର ବ୍ୟୁରୋ) :** ଆଜି ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସ୍ଥାପିତ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୂଜ୍ୟପୂଜା ସହ ସ୍ମୃତି ସଭା,ପୁରସ୍କାର ବିତରଣ ଉତ୍ସବରେ ସହିଦ ଲକ୍ଷ୍ମଣ ନାୟକଙ୍କ ଜନ୍ମଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସକାଳ ୯ଟା ସମୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ସ୍ମୃତି ସଭାରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପୂଜ୍ୟପୂଜା କରିଥିଲେ।



ଏହି ଅବସରରେ ମୁଖ୍ୟବକ୍ତା ରୂପେ ଡ଼ ବିଜୟ ମିଶ୍ର, ସମ୍ମାନୀତ ଅତିଥି ରୂପେ ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ବିଜୟ ଚୌଧୁରୀ, ନାରାୟଣ ପଣ୍ଡା, ଜେମାମଣି ବିଶୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରେଶମଲାଲ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ସହିଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଓ ସଂଗ୍ରାମ ଉପରେ ସମ୍ୟକ୍ ସୂଚନା ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ସଭା ପରିଚାଳନା କରିଥିଲେ। ସ୍ମୃତିସଭାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ସହ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ଅତିଥି ଗଣ ନିଜ ବକ୍ତବ୍ୟରେ ସହିଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ, ସ୍ୱାଧୀନତା ସଂଗ୍ରାମରେ ନେତୃତ୍ୱ, ସାହସିକତା, ଜାତିପ୍ରୀତି, ଦେଶପ୍ରେମକୁ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ।

ଗତ ୨୧ତାରିଖରେ ସହିଦ ଲକ୍ଷଣ ନାୟକଙ୍କ ଜୀବନୀ ସଂପର୍କିତ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ସ୍ତର ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ସ୍ମୃତିସଭାରେ ଅନ୍ୟମାନଙ୍କ ମଧ୍ୟରେ ଡି ଏସ ଏସ ଓ ସୁଧାଂଶୁ ପାତ୍ର, ପୌରପାଳିକା ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ସହରର ବୁଦ୍ଧିଜୀବୀ, ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଗଞ୍ଜେଇ ଭର୍ତ୍ତି କାର୍‌କୁ ଗୋଡ଼ାଇ ଧରିଲା ଅବକାରୀ ଗୁଇନ୍ଦା ଟିମ୍, ଜଣେ ଅଟକ

**ବ୍ରହ୍ମପୁର, ୨୩।୧୧ (ସଂଚାର ବ୍ୟୁରୋ):** ଏକ ଗଞ୍ଜେଇ ଭର୍ତ୍ତି କାର୍ କୁ ଗୋଡ଼ାଇ ଗୋଡ଼ାଇ କାବୁ କରିବାରେ ସଫଳ ହୋଇଛି ବ୍ରହ୍ମପୁର ଅବକାରୀ ବିଭାଗ ଗୁଇନ୍ଦା ଟିମ୍। ଗଞ୍ଜେଇ ଗାଡିକୁ ପ୍ରାୟ ୧୪ କିଲୋମିଟର ପିଛା କରି ଧରିଲେ ଦକ୍ଷିଣାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ । ଏଭଳି ଘଟଣା ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ନିକଟରେ ଘଟିଛି। ସୂଚନା ଅନୁସାରେ ମୋହନାରୁ ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇଥିଲା ଅବକାରୀ ଗୁଇନ୍ଦା ବିଭାଗ। ସହରର ବିଭିନ୍ନ ସ୍ଥାନରେ ଏଥିପାଇଁ ବିଭାଗ ପକ୍ଷରୁ ଟିମ୍ ଜଗି ରହିଥିଲେ। ଯେଉଁ କାରରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ମିଳିଥିଲା ସେହି (ଓଡ଼ି୦୨ବିସି୮୩୯)ନମ୍ବର ବିଶିଷ୍ଟ କାର୍ ଟି ବ୍ରହ୍ମପୁର ନୂଆଁବସ୍ ଷ୍ଟାଣ୍ଡରେ ଥିବା ଅବକାରୀ ଟିମ ଜାଣିବାକୁ ପାଇଥିଲା। ଏକ କାରରେ ଦୁଇଜଣ ବେପାରୀ ଗଞ୍ଜେଇ ନେଇ ଆସୁଥିବା ବେଳେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା ଅବକାରୀ ବିଭାଗ। ତେବେ ଅବକାରୀ ବିଭାଗକୁ ଦେଖି କାରଟି ଦ୍ରୁତ ଗତିରେ ଫେରାର ହୋଇ ଯିବାକୁ ଚେଷ୍ଟା କରିଥିଲା ।

ଅବକାରୀ ବିଭାଗ କର୍ମଚାରୀ ମାନେ କାରକୁ ଗୋଡ଼ାଇଥିଲେ । ଗଞ୍ଜେଇ ବେପାରୀ ଦୁହେଁ ସେଠାରୁ ଗାଡ଼ି ବାହାର କରି ଇଚ୍ଛାପୁର ଅଭିମୁଖେ ଯାଉଥିବା ବେଳେ ଉକ୍ତ କାରକୁ ପିଛାକରି ଗୋଡ଼ାଇ ଗୋଡ଼ାଇ ଆସୁଥିବା ଅବକାରୀ ଟିମ ସ୍ଥାନୀୟ ଗୋଳନ୍ଥରା ଥାନା ଅଧିନ ନାୟରା ପେଟ୍ରୋଲ ପମ୍ପ ସମ୍ମୁଖରେ କାବୁ କରିବାରେ ସଫଳ ହୋଇଥିଲେ। ଏହି ସମୟରେ ଜଣେ ଚାଲାଣକାରୀ ଚମ୍ପଟ ମାରିବାରେ ସଫଳ ହୋଇଥିବା ଜଣାପଡିଛି । ଅନ୍ୟଜଣେ ଚାଲାଣକାରୀଙ୍କୁ ଅବକାରୀ ଟିମ ଗିରଫ କରିଥିଲା ।ଏହାସହ ସମ୍ପୃକ୍ତ କାରରୁ ୫୦ କିଲୋରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଥିଲା ଅବକାରୀ ଟିମ ।ମୋହନାରୁ ପଡୋଶୀ ରାଜ୍ୟ ଆନ୍ଧ୍ରକୁ ଏହି ଗଞ୍ଜେଇ ଚାଲାଣ ହୋଇଥାନ୍ତା ବୋଲି ତଦନ୍ତରେ ଜଣାପଡିଛି । ଏହି ଚଢାଉ ବେଳେ ଅବକାରି ବିଭାଗ ଇନ୍ସପେକ୍ଟର ନାରାୟଣ ଜେନା, ଏସଆଇ ଅଜିତ କୁମାର ନାୟକ, ଏଏସଆଇ ସୁଶାନ୍ତ ମହାଙ୍କୁଡଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ସାମିଲ ଥିଲେ ବୋଲି ବିଭାଗର ଉପ ଅଧୀକ୍ଷକ ସୃତିକାନ୍ତ ରାଉତ ସୂଚନା ଦେଇଛନ୍ତି ।

### ଭାରସାମ୍ୟ ହରାଇ ଗଛରେ ପିଟି ହେଲା କାର

## ଡ୍ରାଇଭର ଗୁରୁତର, ଡାକ୍ତରଖାନାରେ ଭର୍ତ୍ତି

**ବୈଶିଙ୍ଗା, ୨୩।୧୧ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧୀନ ନଡପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସନ୍ନିକଟରେ ଭାରସାମ୍ୟ ହରାଇ ଗଛକୁ ପିଟିଲା କାର, ଡ୍ରାଇଭର ଗୁରୁତର । ପ୍ରାପ୍ତ ସୂଚନା ମୁତାବକ ଶନିବାର ସନ୍ଧ୍ୟା ସମୟରେ ବୈଶିଙ୍ଗା ଥାନା ଅଧୀନ ନୂଆସାହି ଗ୍ରାମର ଦିଲ୍ଲୀପ ସିଂଙ୍କ ପୁଅ ଦେବାଶିଷ ସିଂ କୌଣସି କାମ ପାଇଁ ଏକ ଧଳା ରଙ୍ଗର କାର ଓଡି-୦୫ଏ ଜେ- ୩୫୦୯ ଯୋଗେ ନଡପୁର ଛକ ଅଡକୁ ଆସୁଥିଲେ । ସେହି ସମୟରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସନ୍ନିକଟରେ ଭାରସାମ୍ୟ ହରାଇ ଜଙ୍ଗଲରେ ଥିବା ଗଛକୁ ପିଟି ହୋଇଥିଲା । ଫଳରେ ଡ୍ରାଇଭର ଦିଲ୍ଲୀପ ଗୁରୁତର ଭାବେ କାରରେ ସଙ୍ଗାହୀନ ହୋଇ ରକ୍ତାକ୍ତ ଅବସ୍ଥାରେ ଫସି ରହିଥିଲେ



ଏବଂ ଗାଡିଟି ଚୁରମାର ହୋଇ ଯାଇଥିଲା । ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଏକଜୁଟ ହୋଇ ତାଙ୍କୁ ଦୁର୍ଘଟଣାଗ୍ରସ୍ତ କାରରୁ ଉଦ୍ଧାର କରିଥିଲେ । ତାଙ୍କର ଅବସ୍ଥା ଗୁରୁତର ହୋଇଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବେତନଟୀ ଡାକ୍ତରଖାନାକୁ ପଠାଇ ଦେବା ସହ ବୈଶିଙ୍ଗା ପୁଲିସ କୁ ଖବର ଦେଇଥିଲେ। ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାରଟିକୁ ଜବତ କରି ଥାନାକୁ ନେଇ ଆସିଥିବା ଜଣା ଯାଇଛି । ଦ୍ୱିଲୀପ ବେତନଟୀ ସ୍ଥିତ ଏକ ଘରୋଇ କ୍ଲିନିକରେ ଡ୍ରାଇଭର ଭାବେ କାମ କରୁଥିବା ଜଣାଯାଇଛି।




# ଶେଷ ଦିନରେ ନିବେଶକ ଯୋଡ଼ିଲେ ୭ ଲକ୍ଷ କୋଟି

ମୁମ୍ବାଇ,୨୩।୧୧: ଅନ୍ତରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ଘଟଣାବଳୀ ମଧ୍ୟରେ ଭାରତୀୟ ପୁଞ୍ଜି ବଜାର କାରବାର ବେଶ ଉତ୍ସାହଜନକ ରହିଛି। ଏପରିକି ଘରୋଇ ଶେୟାର ବଜାରର ନିବେଶକ ଚଳିତ ସପ୍ତାହର ଶେଷ କାରବାର ଦିବସରେ ୭ ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ଯୋଗ କରିଛନ୍ତି। ପୂର୍ବ କାର୍ଯ୍ୟ ଦିବସର କାରବାର ଶେଷ ସୁଦ୍ଧା ଭାରତୀୟ ପୁଞ୍ଜି ବଜାରର ପରିମାଣ ପ୍ରାୟ ୪୨୫.୪ ଲକ୍ଷ କୋଟି ଥିଲା। ଶୁକ୍ରବାରର କାରବାର ଶେଷ ସୁଦ୍ଧା ଶେୟାର ବଜାରର ନିବେଶକମାନେ ୭.୩ ଲକ୍ଷ କୋଟି ଯୋଗ କରିବାରୁ ଚଳିତ ସପ୍ତାହର ଶେଷ କାରବାର ଦିବସ ଶେଷ ସୁଦ୍ଧା ବଜାର ପୁଞ୍ଜି ୪୩୨.୭ ଲକ୍ଷ କୋଟିରେ ପହଞ୍ଚିଛି।



ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ଶେଷ କାରବାର ଦିବସରେ ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର କାରବାର ବେଶ ଉତ୍ସାହଜନକ ରହିଛି। ଫଳରେ ୩୦ ଶେୟାର ବିଶିଷ୍ଟ ବିଏସଇ ସେନସେକ୍ସର କାରବାର ୨.୫୪% ବୃଦ୍ଧି ସହ ୭୯,୦୦୦ ଅଙ୍କ ଅତିକ୍ରମ କରିଥିଲାବେଳେ ନିଫ୍ଟି ୫୦ କାରବାରରେ ୫୫୭.୩୫ ପଏଣ୍ଟ ବଢ଼ି ୨୪,୦୦୦ଅଙ୍କର ନିକଟବର୍ତ୍ତୀ ହୋଇଛି। ଅପରପକ୍ଷରେ ବିଏସଇ ମିଡକ୍ୟାପର କାରବାରରେ ୧.୨୬% ବୃଦ୍ଧି ଘଟିଥିଲାବେଳେ ସ୍କଲକ୍ୟାପର କାରବାର ୦.୯୦% ବଢ଼ିଛି। ଏପରିକି ନିଫ୍ଟି ମିଡକ୍ୟାପ କାରବାରରେ ୧.୧୬% ବୃଦ୍ଧି ଘଟି ୫୫,୦୧୬.୮୫ ଅଙ୍କରେ ରହିଥିଲାବେଳେ ସ୍ମଲକ୍ୟାପର କାରବାର ୦.୯୦% ବଢ଼ି ୮୫୮୯.୭୦ ଅଙ୍କ ଏବଂ ବ୍ୟାଙ୍କିଙ୍ଗ କାରବାରରେ ୭୬୨.୫୦ ପଏଣ୍ଟ ବଢ଼ି ୫୧,୧୩୫.୪୦ ଅଙ୍କରେ ରହିଛି। ସେହିଭଳି ସେକ୍ଟରିଆଲ କାରବାରରେ ଉଭୟ ରାଷ୍ଟ୍ରାୟତ୍ତ ଏବଂ ଘରୋଇ ବ୍ୟାଙ୍କ ସମେତ ଆଇଟି, ମେଟାଲ, ଅଟୋ,ଏଫଏମସିଜି ଏବଂ ଫାଇନାନ୍ସ ଶିଳ୍ପର ନିବେଶକମାନେ ପ୍ରାୟ ୨ରୁ ୪%ର ନିବେଶ ବୃଦ୍ଧି କରିଛନ୍ତି।

# ଆସିଲା ପେଟ୍ରୋଲ ଓ ଡିଜେଲର ନୂଆ ଦର



**ନୂଆଦିଲ୍ଲୀ, ୨୩।୧୧:** ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ । ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ । ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ। ସେହିପରି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୭ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୫୫ ପଇସା ରହିଛି । ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୪୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୮୯ ଟଙ୍କା ୯୭ ପଇସା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୪ ଟଙ୍କା ୯୫ ପଇସା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୭୬ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି। ପେଟ୍ରୋଲ ଏବଂ ଡିଜେଲ ଦାମ୍ ଆପଣ ଏସଏମଏସ ମାଧ୍ୟମରେ ମଧ୍ୟ ଜାଣିପାରିବେ । ଇଣ୍ଡିଆନ ଅଏଲ ୱେବସାଇଟ ଅନୁଯାୟୀ ଆପଣଙ୍କୁ ଏବଂ ନିଜ ସହରର କୋଡ୍ ଲେଖି ୯୨୨୪୯୯୨୨୪୯ ନମ୍ବରକୁ ପଠାଇବାକୁ ହେବ । ପ୍ରତି ସହରର କୋଡ୍ ଅଲଗା ଅଲଗା ରହିଥାଏ । ଯାହା ଆପଣଙ୍କୁ ଆଇସିଓଏଲ ୱେବସାଇଟରୁ ମିଳିଯିବ ।



# ବଜାରରେ ଜେସିବିର ନୂତନ ଉତ୍ପାଦ

ଭୁବନେଶ୍ୱର, ୨୩।୧୧: ଜେସିବି ଇଣ୍ଡିଆ ଲିମିଟେଡ୍‌ର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଫୁଏଲ ମାଷ୍ଟର ଜେସିବି ନେଷ୍ଟ ୨୧୫ ଏଲ୍‌ସି ଏକ୍ସାଭେଟର'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଶ୍ରୀବିନାୟକ ଜେସିବି (ଶ୍ରୀ ବିନାୟକ ମୋଟର୍ସ)ର କଟକ-ପୁରୀ ବାଇପାସ୍ ରୋଡ୍ (ଟଙ୍କପାଣି ରୋଡ୍ ବାସୁଆଖାଇ) ଶୋ'ରୁମ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବ ସ୍ଥାନୀୟ ଏକ ଘରୋଇ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜେସିବି ଇଣ୍ଡିଆର ଆଞ୍ଚଳିକ ପ୍ରବନ୍ଧକ (ଓଡ଼ିଶା) ପ୍ରଭୁ ବିଶ୍ୱାଳଙ୍କ ସମେତ ଶ୍ରୀ ବିନାୟକ ମୋଟର୍ସର ଏମ୍‌ଡି ରାକେଶ କୁମାର ଅଗ୍ରଓ୍ୱାଲ, ଚିରାଗ ଅଗ୍ରଓ୍ୱାଲ, ବିନୟ କୁମାର ଗୁପ୍ତା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଫୁଏଲ ମାଷ୍ଟର ଜେସିବି ନେଷ୍ଟ ୨୧୫ ଏଲ୍‌ସି ଏକ୍ସାଭେଟରରେ ଶକ୍ତିଶାଳୀ ଇଞ୍ଜିନ ସାଙ୍ଗକୁ ୧୪%ରୁ ଅଧିକ ତୈଳ ସଞ୍ଚୟକାରୀ ଏବଂ ୫%ରୁ ଅଧିକ କାର୍ଯ୍ୟକ୍ଷମ ହେଉଛି। ଏପରିକି ଏହି ମଡେଲର ଡିଜାଇନ ଓ ଫିଚର ବେଶ୍ ଆକର୍ଷଣୀୟ ହୋଇଥିଲାବେଳେ ଏହାର କ୍ଷମତା, ଗୁଣାତ୍ମକତା ଏବଂ ବୈଶିଷ୍ଟ୍ୟତା ଅନ୍ୟ ମଡେଲଠାରୁ ଭିନ୍ନ ଓ ଉଚ୍ଚକୋଟୀର ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ନିର୍ମାଣ କ୍ଷେତ୍ରରେ ଏହାର କାର୍ଯ୍ୟଦକ୍ଷତା ଓ ତୈଳ ସଞ୍ଚୟ କ୍ଷମତା ମାଲିକଙ୍କୁ ବେଶ୍ ଲାଭଦାୟକ ଓ ସହାୟକ ହେବ ବୋଲି ଆକଳନ କରାଯାଇଛି।

# ଉଡ଼ାଣ ବିଳମ୍ବ ହେଲେ ଯାତ୍ରୀଙ୍କୁ ଭୋଜନ ଦେବେ ଏୟାରଲାଇନ୍

ନୂଆଦିଲ୍ଲୀ, ୨୩।୧୧: ବିମାନ ଉଡ଼ାଣରେ ବିଳମ୍ବ ହେଲେ ଏୟାରଲାଇନ୍ ପକ୍ଷରୁ ଯାତ୍ରୀମାନଙ୍କୁ ପାନୀୟ, ଜଳଖିଆ କିମ୍ବା ଭୋଜନ ଦେବାକୁ ପଡ଼ିବ। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଏୟାରଲାଇନ୍‌ମାନଙ୍କୁ କୁହାଯାଇଛି ଯେ ବିମାନ ଉଡ଼ାଣ ଦୁଇ ଘଣ୍ଟା ପର୍ଯ୍ୟନ୍ତ ବିଳମ୍ବ ହେଲେ ଯାତ୍ରୀଙ୍କୁ ପାନୀୟ, ଦୁଇରୁ ଚାରି ଘଣ୍ଟା ପର୍ଯ୍ୟନ୍ତ ବିଳମ୍ବ ହେଲେ ଜଳଖିଆ ବ୍ୟବସ୍ଥା କରିବାକୁ ପଡ଼ିବ। ଉଡ଼ାଣ ଚାରି ଘଣ୍ଟାରୁ ଅଧିକ ବିଳମ୍ବ ହେଲେ ଯାତ୍ରୀଙ୍କୁ ଭୋଜନ ଦେବାକୁ ହେବ। ବିମାନ ଉଡ଼ାଣରେ ବିଭ୍ରାଟ ଭଳି ସମୟରେ ଯାତ୍ରୀମାନେ ଭୋଗୁଥିବା ସମସ୍ୟାକୁ ଦୂର କରିବା ସହ ସେମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଡିଜିସିଏ ଏହି ମାର୍ଗଦର୍ଶିକା ଜାରି କରିଛି। ଅନ୍ୟ ଏକ ଘଟଣାକ୍ରମରେ ବେସାମରିକ ବିମାନ ଚଳାଚଳ ସୁରକ୍ଷା ବ୍ୟୁରୋ ପକ୍ଷରୁ ବିଳମ୍ବିତ ବିମାନ ଭିତରେ ବସି ରହିଥିବା ଯାତ୍ରୀଙ୍କ ସୁବିଧା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବରୁ ବିମାନ ଭିତରୁ ବାହାରିବାକୁ ଯାତ୍ରୀଙ୍କୁ ସୁଯୋଗ ଦିଆଯାଉନଥିଲା। ପାଣିପାଗ କିମ୍ବା ବୈଷୟିକ କାରଣ ଯୋଗୁଁ ବିମାନର ଉଡ଼ାଣ ବିଳମ୍ବ ହେଲେ ସେଥିରେ ଯାତ୍ରୀମାନଙ୍କୁ ପୁନର୍ବାର ଭର୍ତ୍ତି କରିବା ଲାଗି ଅନୁମତି ଦିଆଯାଇଛି।

### ବିଦେଶୀ ମୁଦ୍ରା ଭଣ୍ଡାରରେ ବଡ଼ ହ୍ରାସ

# ସପ୍ତାହକରେ କମିଗଲା ୧୭.୭ ବିଲିଅନ ଡଲାର



ମୁମ୍ବାଇ, ୨୩।୧୧: ବିଦେଶୀ ମୁଦ୍ରା ଭଣ୍ଡାରରେ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। ନଭେମ୍ବର ୧୫ରେ ଶେଷ ହୋଇଥିବା ସପ୍ତାହରେ ଏହି ଭଣ୍ଡାରରେ ୧୭.୭ ବିଲିଅନ ଡଲାର ହ୍ରାସ ଘଟି ୬୫୭.୮୯ ବିଲିଅନ ଡଲାରରେ ରହିଛି। ବିଦେଶୀ ମୁଦ୍ରା ଭଣ୍ଡାର କ୍ରମାଗତ ଭାବେ ସପ୍ତମ ସପ୍ତାହ ଲାଗି ତଳକୁ ଖସିଛି। ପୂର୍ବରୁ ସେପ୍ଟେମ୍ବର ୨୭ରେ ଶେଷ ହୋଇଥିବା ସପ୍ତାହରେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ସର୍ବକାଳୀନ ରେକର୍ଡ ୭୦୪.୮୯ ବିଲିଅନ ଡଲାରରେ ପହଞ୍ଚିଥିଲା। କିନ୍ତୁ ତା ପରଠାରୁ ଏହା କମିବାରେ ଲାଗିଛି। ଉପରୋକ୍ତ ସମୟ ମଧ୍ୟରେ ବିଦେଶୀ ମୁଦ୍ରା ଭଣ୍ଡାରରେ ୪୭ ବିଲିଅନ ଡଲାର ଭଳି ବୃହତ୍ ହ୍ରାସ ଘଟିଛି। ନଭେମ୍ବର ୮ରେ ଶେଷ ହୋଇଥିବା ସପ୍ତାହରେ ବିଦେଶୀ ମୁଦ୍ରା ଭଣ୍ଡାରରେ ୬.୪୭ ବିଲିଅନ ଡଲାର ହ୍ରାସ ଘଟିଥିଲା। ଅନ୍ତର୍ଜାତୀୟ ବଜାରରେ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଉପରେ ପ୍ରବଳ ଚାପ ରହିଛି। ଟଙ୍କା ମୂଲ୍ୟ ହ୍ରାସକୁ ରୋକିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ନେଉଥିବା ପଦକ୍ଷେପ କାରଣରୁ ବିଦେଶୀ ମୁଦ୍ରା ଭଣ୍ଡାର ନିମ୍ନମୁଖୀ ହେଉଥିବା ଅନୁମାନ କରାଯାଉଛି।

# ଟ୍ରିମ୍‌ସ ଅଧ୍ୟକ୍ଷଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ

ଭୁବନେଶ୍ୱର,୨୩।୧୧: ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଟ୍ରିମ୍‌ସ ଗ୍ରୁପ୍ ଏବଂ ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ବିଶିଷ୍ଟ ଉଦ୍ୟୋଗପତି ଡ.ପ୍ରମୋଦ ଚନ୍ଦ୍ର ରଥଙ୍କୁ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ଭିତ୍ତିଭୂମି ନିର୍ମାଣ ଓ ସାମଗ୍ରିକ ବିକାଶ କ୍ଷେତ୍ରରେ ଉତ୍କର୍ଷ ହାସଲ ନିମନ୍ତେ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କୁ 'ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ' ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରଠାରେ ଆୟୋଜିତ 'ଓଡ଼ିଶା ଇନ୍‌ଫ୍ରାଷ୍ଟ୍ରକଚର କନ୍‌କ୍ଲେଭ-୨୦୨୪' ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଯୋଗଦେଇ ଡ. ରଥଙ୍କୁ ଏହି ସମ୍ମାନ ପ୍ରଦାନ ସହ ଶୁଭେଚ୍ଛା ଜଣାଇଥିଲେ। ଏପରିକି ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର ୱେଲ୍‌ଫେୟାର ଆସୋସିଏସନର ସଭାପତି ଜେ.ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ମାନ ସମାରୋହ ଉତ୍ସବରେ ଏକାମ୍ର ବିଧାୟକ ବାବୁ ସିଂ, ସଙ୍ଗଠନର ଉପଦେଷ୍ଟା ଜଗନ୍ନାଥ ପ୍ରଧାନ,ସମ୍ପାଦକ ଦିଲୀପ କୁମାର ଜେନା, ଶିଳ୍ପୋଦ୍ୟୋଗୀ ଇଂ. ଦୁର୍ଗାପ୍ରସାଦ ରଥ, ଇଂ ଶିବପ୍ରସାଦ ରଥଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ୧୯୫୮ ଜାନୁୟାରୀ ୨୬ରେ କଟକ ଜିଲା ଟାଙ୍ଗୀଠାରେ ଜନ୍ମ ଗ୍ରହଣ କରିଥିବା ଡ.ରଥ ଶିକ୍ଷା ସମାପ୍ତି ପରେ ନିର୍ମାଣ କ୍ଷେତ୍ରରେ ପାଦ ଦେଇଥିଲେ। ଏପରିକି ତାଙ୍କ ଦ୍ୱାରା ସ୍ଥାପିତ 'ଶ୍ରୀ ଦୁର୍ଗା କଣ୍ଟେଭ୍ ପ୍ରା.ଲିଃ' ଦୀର୍ଘ ୫୦ବର୍ଷ ଧରି ଭାରତୀୟ ରେଳପଥ,ଜାତୀୟ ରାଜପଥ ପ୍ରାଧିକରଣ, ପୂର୍ତ୍ତ, କୃଷି, ଜଳସେଚନ ଭଳି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରମୁଖ ବିଭାଗ ଅଧୀନରେ ଅନେକ ବୃହତ୍ ପ୍ରକଳ୍ପ ହାତକୁ ନେଇ ସଫଳତାର ସହ ସମୟ ଅବଧି ଭିତରେ ସମ୍ପନ୍ନ କରି ନିଜର କାର୍ଯ୍ୟଦକ୍ଷତାର ପ୍ରମାଣ ଦେଇଛନ୍ତି। ବିଶେଷକରି ଗ୍ରାମାଞ୍ଚଳରେ ଉଚ୍ଚତର ଓ ଗୁଣାତ୍ମକ ବୈଷୟିକ ଏବଂ ଡାକ୍ତରୀ ଶିକ୍ଷା, ଉନ୍ନତ ଚିକିତ୍ସା ସୁବିଧା ପାଇଁ କଟକର ଟାଙ୍ଗୀଠାରେ ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟ, ମେଡିକାଲ କଲେଜ ଓ ପଦ୍ମିନୀ କେୟାର ସୁପରସ୍ପେଶିଆଲିଟି ହସ୍ପିଟାଲ ଭଳି ଅନୁଷ୍ଠାନ ସ୍ଥାପନକରି ଡ. ରଥ ସାଧାରଣରେ ପ୍ରଶଂସାଭାଜନ ହୋଇଛନ୍ତି।





# ଆଜି ଭୁବନେଶ୍ୱରରେ ବୃଦ୍ଧି ପାଇଛି ସୁନା ଦର

**ନୂଆଦିଲ୍ଲୀ, ୨୩।୧୧:** ବିବାହ ଋତୁରେ ସୁନା ଦର ଖସି ଥିବାରୁ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା । କିନ୍ତୁ ଆଜି ବଢ଼ିଛି ସୁନା ଦର । ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୩ ହଜାର ୦୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୯ ହଜାର ୬୪୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୨,୨୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୮ ,୮୨୦ ଟଙ୍କା ହୋଇଛି । ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୨,୨୫୦ ଟଙ୍କା ଓ ୭୮ ,୮୨୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୩,୧୫୦ ଟଙ୍କା ଓ ୭୯ ,୭୯୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୨,୨୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୮,୮୨୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୨,୨୫୦ ଟଙ୍କା ଓ ୭୮,୮୨୦ ଟଙ୍କା ରହିଛି । ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୨,୦୦୦ ହଜାର ଟଙ୍କା ହୋଇଛି।

# ଜିଓ ଓ ଏୟାରଟେଲକୁ ଲାଗିଲା ଝଟକା

ନୂଆଦିଲ୍ଲୀ, ୨୩।୧୧: ଲୋକସଭା ନିର୍ବାଚନ ପରେ ଜୁନ୍ ୨୦୨୪ର ଶେଷ ସପ୍ତାହରେ ଦେଶର ତିନିଟି ଟେଲିକମ କମ୍ପାନୀ ସେମାନଙ୍କର ମୋବାଇଲ୍ ଶୁଳ୍କ ବୃଦ୍ଧି କରିଥିଲେ। ଆଉ ଏହି ନିଷ୍ପତ୍ତି ଏବେ ସେମାନଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ମହଙ୍ଗା ଶୁଳ୍କ ହେତୁ କ୍ରମାଗତ ତୃତୀୟ ମାସ ପାଇଁ ଏହି କମ୍ପାନୀଗୁଡିକର ଗ୍ରାହକଙ୍କ ସଂଖ୍ୟାରେ ବହୁତ ହ୍ରାସ ଘଟିଛି। ସବୁଠାରୁ ବଡ ଝଟକା ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପର ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓକୁ ଲାଗିଛି। ଟେଲିକମ୍ ସେକ୍ଟର ନିୟାମକ ଟ୍ରାଇ ଅନୁଯାୟୀ, ରିଲାଏନ୍ସ ଜିଓ ସେପ୍ଟେମ୍ବର ୨୦୨୪ ରେ ୭.୯ ମିଲିୟନ ବା ୭୯ ଲକ୍ଷ ଗ୍ରାହକ ହରାଇଛି। ଟେଲିକମ୍ ରେଗୁଲେଟୋରୀ ଅଥରିଟି ଅଫ୍ ଇଣ୍ଡିଆ ସେପ୍ଟେମ୍ବର ୨୦୨୪ ପାଇଁ ଦେଶରେ ଟେଲିକମ୍ ଗ୍ରାହକଙ୍କ ତଥ୍ୟ ପ୍ରକାଶ କରିଛି। ଏହି ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓର ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ସେପ୍ଟେମ୍ବର ମାସରେ ୭.୯ ମିଲିୟନ୍ ଅର୍ଥାତ୍ ୭୯ ଲକ୍ଷ ହ୍ରାସ ପାଇଛି। ଅଗଷ୍ଟ ମାସରେ ରିଲାଏନ୍ସ ଜିଓର ଗ୍ରାହକଙ୍କ ସଂଖ୍ୟା ୪୭.୧୭ କୋଟି ଥିଲା, ଯାହା ସେପ୍ଟେମ୍ବର ମାସରେ ୪୬.୩୭ କୋଟିକୁ ଖସି ଆସିଛି। ଗ୍ରାହକଙ୍କୁ ହରାଇବା ଦୃଷ୍ଟିରେ ଭୋଡାଫୋନ୍ ଆଇଡିଆ ଦ୍ୱିତୀୟ ସ୍ଥାନରେ ରହିଛି। କମ୍ପାନୀର ଗ୍ରାହକଙ୍କ ସଂଖ୍ୟା ୧.୫ ମିଲିୟନ୍ ବା ୧୫ ଲକ୍ଷ ହ୍ରାସ ପାଇଛି।

# ୫୦୦ କର୍ମଚାରୀଙ୍କୁ ଛଟେଇ କରିପାରେ ଓଲା ଇଲେକ୍ଟ୍ରିକ୍

ବେଙ୍ଗାଲୁରୁ ୨୩।୧୧: ସରକାରୀ ଯାଞ୍ଚ ଓ ବଢୁଥିବା କ୍ଷତି ପାଇଁ ବିବାଦରେ ଫଶିଥିବା ଓଲା ଇଲେକ୍ଟ୍ରିକ୍ କମ୍ପାନୀ ପୁନର୍ଗଠନ ଉଦ୍ୟମରେ ଅନୁନ୍ୟ ୫୦୦ କର୍ମଚାରୀଙ୍କୁ ଛଟେଇ କରିପାରେ। ରିପୋର୍ଟ ଅନୁସାରେ ଭବିଶ ଅଗ୍ରୱାଲାଙ୍କ ଇଲେକ୍ଟ୍ରିକ ବାହନ (ଇଭି) କମ୍ପାନୀ କର୍ମଚାରୀ ସଂଖ୍ୟା ହ୍ରାସ କରି ଲାଭ ବୃଦ୍ଧି କରିବା ସହିତ ନିଜର ପିରଚାଳନା ଦକ୍ଷତା ବୃଦ୍ଧି ନିମନ୍ତେ ଉଦ୍ୟମ କରୁଛି। ରିପୋର୍ଟରେ କୁହାଯାଇଛି କମ୍ପାନୀର ପୁନର୍ଗଠନ କାର୍ଯ୍ୟକ୍ରମରେ କେତେକ ବିଭାଗର କର୍ମଚାରୀ ପ୍ରଭାବିତ ହୋଇ ପାରନ୍ତି। ସୁତ୍ର ଅନୁସାରେ ଆଇଏନସି-ଫୋର୍ଟି ଟୁ ରିପୋର୍ଟରେ କମ୍ପାନୀର ଉଦ୍ଦେଶ୍ୟ ଲାଭ ବଢେଇବା ପାଇଁ ମାର୍ଜିନରେ ସୁଧାର ନିମନ୍ତେ ଖର୍ଚ୍ଚ କାଟ କରିବ। ତେବେ କର୍ମଚାରୀଙ୍କ ଛଟେଇ ନେଇ କୌଣସି ନିର୍ଦ୍ଦିଷ୍ଟ ସମୟ ଅବଧି ନାହିଁ। ଓଲା ଇଲେକ୍ଟ୍ରିକ ପକ୍ଷରୁ କର୍ମଚାରୀ ଛଟେଇ ନେଇ ଅଧିକାରୀକ ଭାବେ କିଛି କୁହାଯାଇ ନାହିଁ କି ଏ ନେଇ କୌଣସି ଟିପ୍ପଣୀ କରାଯାଇ ନାହିଁ। ଜାରି ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଜୁଲାଇ-ସେପ୍ଟେମ୍ବର ଅବଧିରେ ଓଲା ଇଲେକ୍ଟ୍ରିକ ୪୩ ପ୍ରତିଶତ ବୃଦ୍ଧି ସହିତ ୪୯୫ କୋଟି ଟଙ୍କାର ନିଟ୍ ଘାଟା କରିଛି, ଯାହା ପୂର୍ବ ତ୍ରୈମାସିକରେ ୩୪୭ କୋଟି ଟଙ୍କା ଥିଲା। ତେବେ କମ୍ପାନୀର ନିଟ୍ ଲସ୍ ଗତବର୍ଷ ତୁଳନାରେ କମ୍ ରହିଛି। ଅଗ୍ରୱାଲ ପୋଷ୍ଟ କ୍ୱାର୍ଟର୍ଲି ୟର୍ଣ୍ଣିଂ କଲରେ କହିଥିଲେ ଯେ କମ୍ପାନୀ ପରିଚାଳନା ବ୍ୟୟରେ ତ୍ରୈମାସିକ ଆଧାରରେ ହ୍ରାସ ହୋଇଛି। ଏଣୁ କମ୍ପାନୀ ଏବେ କଷ୍ଟ୍ ଉପରେ ଧ୍ୟାନ କେନ୍ଦ୍ରିତ କରିବ। ଅଗ୍ରୱାଲ କହିଛନ୍ତି ଯେପରି ଆମର ଡିଷ୍ଟ୍ରିବୁଟର ବଢ଼ିବଢ଼ି ଯିବେ ରାଜସ୍ୱ ସେହି ଅନୁସାରେ ବଢ଼ିବା ଆରମ୍ଭ କରିବ। ତେବେ ପରିଚାଳନା ବ୍ୟୟ ଆଗାମୀ ତ୍ରୈମାସିକ ମାନଙ୍କରେ ସ୍ଥିର ରହିବ ଅଥବା ହ୍ରାସ ହେବ। ସେପଟେ ଓଲା ଇଲେକ୍ଟ୍ରିକ୍ ସେୟାରରେ ହ୍ରାସ ଜାରି ରହିଛି। ମାତ୍ର କିଛି ମାସରେ କମ୍ପାନୀରେ ନିବେଶକଙ୍କ ୩୮ ହଜାର କୋଟି ଟଙ୍କାର ଅଧିକ ପଇସା ବୁଡି ଯାଇଛି।




# ସେବି ତଦନ୍ତ ସାମ୍ନା କରିବେ ଆଦାନୀ

ନୂଆଦିଲ୍ଲୀ, ୨୩।୧୧: ଶିଳ୍ପପତି ଗୌତମ ଆଦାନୀଙ୍କ ବିରୋଧରେ ଆମେରିକା ଲାଞ୍ଚ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ କରିବା ଉପରେ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ବିଚାର କରୁଛି। ଆଦାନୀ ଗ୍ରୁପ୍‌ର କମ୍ପାନି ଆଦାନୀ ଗ୍ରିନ୍ ଏନର୍ଜି ଲିମିଟେଡ୍ ନିବେଶକଙ୍କୁ ଠିକ୍ ସୂଚନା ଦେଇଛି ନା ନାହିଁ ତାହା ଜଣାଇବା ଲାଗି ଷ୍ଟକ୍ ଏକ୍ସଚେଞ୍ଜ ଅଧିକାରୀମାନଙ୍କୁ ସେବି କହିଛି। ଦୁଇ ସପ୍ତାହ ମଧ୍ୟରେ ଏହି ସୂଚନା ପହଞ୍ଚିବା ପରେ ତାହାକୁ ଅନୁଶୀଳନ କରି ସେବି ଆନୁଷ୍ଠାନିକ ଭାବେ ତଦନ୍ତ ଆରମ୍ଭ କରିବା ନିଷ୍ପତ୍ତି ନେବ।

## ନୂଆ ପାଣ୍ଠି ପାଇବା କଷ୍ଟକର ହେବ

ଏହା ପୂର୍ବରୁ ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକାର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଣିଥିବା ଅଭିଯୋଗକୁ ସେବି ତଦନ୍ତ କରୁଥିବା ବେଳେ ତାହା ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ସେବି ମୁଖ୍ୟ ମାଧବୀ ପୁରୀ ବୁଚ୍‌ଙ୍କ ଦ୍ୱୈତ ସ୍ୱାର୍ଥ ସମସ୍ୟା ଲାଗି ତଦନ୍ତ ଶେଷ ହୋଇପାରୁନଥିବା ନେଇ ଅଭିଯୋଗ ହେଉଛି। ଆମେରିକା ଆଣିଥିବା ଅଭିଯୋଗ କିମ୍ବା ଭାରତରେ ହେବାକୁ ଯାଉଥିବା ତଦନ୍ତକୁ ନେଇ ଆଦାନୀ ଯେତିକି ଚିନ୍ତିତ ନଥିବେ ତା'ଠାରୁ ତାଙ୍କ ପାଇଁ ଅଧିକ ଚିନ୍ତାର ବିଷୟ ହେଉଛି ନୂଆ ପାଣ୍ଠି ଯୋଗାଡ଼ କରିବା। ଆମେରିକାର ଅଭିଯୋଗ ପାଇଁ ଆଦାନୀଙ୍କ ପ୍ରତି ଏବେ ହଠାତ୍ କୌଣସି ବଡ଼ ଧରଣର ସମସ୍ୟା ଦେଖାଦେବନାହିଁ। କିନ୍ତୁ ବିଦେଶରୁ ପାଣ୍ଠି ଯୋଗାଡ଼ କରିବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିବ। ଯେହେତୁ ସେ ନିଜର ଅଧିକାଂଶ କାରବାରକୁ ଋଣ ଜରିଆରେ ଆଗକୁ ବଢ଼ାଉଛନ୍ତି, ତେଣୁ ନିବେଶକଙ୍କ ବିଶ୍ୱାସ ବଜାୟ ରଖିବା ଲାଗି କାମ କରିବା ସେତିକି ଜରୁରୀ। ଋଣ ହ୍ରାସ କରିବା ଲାଗି ତାଙ୍କୁ ପାଣ୍ଠି ଯୋଗାଡ଼ କରିବାକୁ ହେବ। ଆଦାନୀ ନିଜ ଷ୍ଟାଇଲ୍‌ରେ ପାଣ୍ଠି ଯୋଗାଡ଼ କରନ୍ତି। ସେ ନିଜ କମ୍ପାନିଗୁଡ଼ିକର ଅଂଶଧନ ବିକିବା ବଦଳରେ ବଡ଼ ବଡ଼ ବିଦେଶୀ ବ୍ୟାଙ୍କଠାରୁ ଡଲାରରେ ଋଣ ଆଣିଥାନ୍ତି। ଆଗକୁ କିନ୍ତୁ ତାଙ୍କ ପାଇଁ ଡଲାର ଋଣ ଆଣିବା ସହଜ ହେବନି। ସେଭଳି ପରିସ୍ଥିତିରେ ତାଙ୍କ ମହତ୍ତ୍ୱାକାଂକ୍ଷାକୁ ସେ କେବଳ ଭାରତୀୟ ବ୍ୟାଙ୍କରୁ ଋଣ ନେଇ ପୂରଣ କରିପାରିବେ ନାହିଁ। ତେଣୁ ତାଙ୍କ ପାଇଁ ପାଣ୍ଠି ଯୋଗାଡ଼ କରିବାର ଶେଷ ରାସ୍ତା ହେବ ଅଂଶଧନ ବିକ୍ରି କରିବା। ଏଠାରେ ସବୁଠୁ ବଡ଼ ପ୍ରଶ୍ନ ହେଉଛି ଏଭଳି ଗମ୍ଭୀର ସମୟରେ ତାଙ୍କ ସଂସ୍ଥାର ଅଂଶଧନ କିଣିବା ଲାଗି କିଏ ରାଜି ହେବ? ଆଦାନୀଙ୍କ ଲାଗି ଦେଖାଦେବାକୁ ଥିବା ଅନ୍ୟତମ ବଡ଼ ସମସ୍ୟା ହେଉଛି ବିଦେଶରେ ସେ ନିଜ ସାମ୍ରାଜ୍ୟକୁ ଆଉ ସେତେ ଦ୍ରୁତ ଗତିରେ ବଢ଼ାଇପାରିବେ ନାହିଁ। ଯେଉଁ ପ୍ରକଳ୍ପଗୁଡ଼ିକୁ ନେଇ ବିବାଦ ରହିଛି ତାହା ଆହୁରି ବିଳମ୍ବ ହେବ। ବିଶେଷ କରି ଆଫ୍ରିକା ଓ ଦକ୍ଷିଣ ପୂର୍ବ ଏସିଆରେ ସେ ସୋଲାର ଉପକରଣ ଉତ୍ପାଦନ, ଭିତ୍ତିଭୂମି ପ୍ରକଳ୍ପକୁ ନେଇ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ପୂରଣ କରିବା ବିଳମ୍ବ ହେବ।




ଆମେରିକାରେ ଲାଞ୍ଚକୁ ନେଇ ଯେଉଁ ଅଭିଯୋଗ ଆସିଛି ତାହାର ଶୁଣାଣି କେତେଦିନ ଚାଲିବ ତାହାର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନିର୍ଧାରଣ କରାଯାଇପାରିବ ନାହିଁ। ଯଦି ଆଦାନୀଙ୍କୁ ଆମେରିକା ପ୍ରତ୍ୟର୍ପଣ କରାଯାଏ କିମ୍ବା ସେ ନିଜ ଆଡୁ ଆମେରିକାରେ ଆତ୍ମସମର୍ପଣ କରନ୍ତି ତେବେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ପ୍ରମାଣ କରିବା ଲାଗି ଲମ୍ବା ସମୟ ଆଇନଗତ ପ୍ରକ୍ରିୟା ଦେଇ ଗତି କରିବାକୁ ପଡ଼ିବ। ଯଦି ଆଦାନୀଙ୍କ ବିରୋଧରେ ଦୋଷ ପ୍ରମାଣିତ ହେବ ତେବେ ତାଙ୍କୁ କେତେ ବର୍ଷ ଜେଲ୍ ଦଣ୍ଡ ହେବ ଓ ସେ କେତେ ଜରିମାନା ଦେବେ ତାହା ବିଚାରପତି ହିଁ ଘୋଷଣା କରିପାରିବେ।

# ପର୍ଯ୍ୟଟନ ଋତୁରେ ଅସଜଡ଼ା ଫୁର୍ଲିଝରନ




କଳାହାଣ୍ଡି,୨୩।୧୧(ସଂଚାର ବ୍ୟୁରୋ): ପର୍ଯ୍ୟଟନ ଋତୁରେ କଳାହାଣ୍ଡି ଆସୁଥିବା ପ୍ରତ୍ୟେକ ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ହେଉଛି ଫୁର୍ଲିଝରନ। ସେଥିପାଇଁ ସ୍ଥାନୀୟ ଅଞ୍ଚଳ ବାସିନ୍ଦାଙ୍କ ସମେତ ରାଜ୍ୟ ରାଜଧାନୀ ଓ ପଡୋଶୀ ଛତିଶଗଡ ରୁ ମଧ୍ୟ ବହୁ ପର୍ଯ୍ୟଟକ ଫୁର୍ଲି ଝରଣା କୁ ଛୁଟି ଆସନ୍ତି। ହେଲେ ପର୍ଯ୍ୟଟନ ଋତୁରେ ବନ ବିଭାଗ ର ଅବହେଳା ତଥା ସେଠାରେ ନିୟୋଜିତ କର୍ମଚାରୀଙ୍କର ବିରକ୍ତ କର, ବେପରୁଆ ମନୋଭାବ ପର୍ଯ୍ୟଟଙ୍କ ଅସନ୍ତୋଷ କାରଣ ସାଜିଛି । ଭବାନୀପାଟଣା ରୁ ୧୫ କିଲୋମିଟର ଦୂରରେ କର୍ଲାପାଟ ଅଭୟାରଣ୍ୟ ମଧ୍ୟରେ ଥିବା ଫୁର୍ଲିଝରନ ପ୍ରାକୃତିକ ଶୋଭାରାଜିରେ ଭରପୁର । ସଗଡ଼ା ନଦୀରେ ପ୍ରାୟ ୫୦ ଫୁଟ ଉପରୁ ପାଣି ଝଡ଼ୁଥିବା ଜଳପ୍ରପାତ ଦେଖିବାକୁ ବହୁ ଦୂରଦୂରାନ୍ତରୁ ପର୍ଯ୍ୟଟକ ଆସଥାନ୍ତି । ହେଲେ ପ୍ରତିବର୍ଷ ବର୍ଷା ଦିନ ପରେ ଫୁର୍ଲିଝରନର ଉନ୍ନତିକରଣକୁ କର୍ତ୍ତୃପକ୍ଷ ଭୁଲିଯାଆନ୍ତି । ଫଳରେ ଜଳପ୍ରପାତ ତଳକୁ ଓହ୍ଲାଇବାକୁ ଥିବା ପାହାଚ ଗୁଡିକରେ ଏବେବି ଘାସ ଲାଗିଛି । ୨୦୨୧ ରେ ଉଦ୍ଘାଟିତ ଇକୋ-ସପ୍ ବନ୍ଦ ରହିଛି । ବିଶ୍ରାମାଗାର ସମ୍ମୁଖ ପଟ ଭାଙ୍ଗି ଯାଇଛି । ବିଶ୍ରାମାଗାର ଭିତର ଚୌକି ଭାଙ୍ଗି ଲୁହା ଛଡ଼ ଦିଶିଲାଣି। ଜଳ ପ୍ରପାତ ନିକଟରେ ଷ୍ଟିଲ ରେଲିଙ୍ଗ ରେ କଳଙ୍କି ଲାଗିଥିବା ବେଳେ କେତେକ ରିଲିଙ୍ଗ କୁ ଦଉଡି ରେ ବନ୍ଧା ଯାଇଛି ମୁଖ୍ୟ ପଡ଼କକୁ ଜଳ ପ୍ରପାତ ଉପରେ ଥିବା ପ୍ଲାଟଫର୍ମ ଯାଏଁ ସବୁ ଅଞ୍ଚଳରେ ପିଚୁ ଉଠି ଯାଇଛି । କେବଳ ଶୌଚାଳୟ ନୁହେଁ ସମଗ୍ର ଅଞ୍ଚଳକୁ ସଫା ସୁତୁରା ରଖା ଯାଉନାହିଁ । ଶୌଚାଳୟରେ ପାଣି ସଂଯୋଗ ନଥିବା ବେଳେ ସ୍ଥାନେ ସ୍ଥାନେ ଭଙ୍ଗା ଡଷ୍ଟବିନ ଦେଖିବାକୁ ମିଳିଛି। ପର୍ଯ୍ୟଟକ ବସିବାକୁ ଥିବା ସିମେଣ୍ଟ ଚୌକି ଗୁଡିକରୁ ରଙ୍ଗ ଛାଡ଼ିଗଲାଣି। ବହୁ ବୟସ୍କ ଲୋକ ପରିବାର ସହିତ ଆସୁଥିବା ବେଳେ ମୁଖ୍ୟ ଫାଟକ ନିକଟରୁ ଜଳପ୍ରପାତ ଉପର ଯାଏଁ ସେମାନେ ଯିବାକୁ ବ୍ୟାଟେରୀ ଚାଳିତ ଗାଡ଼ିର ଆବଶ୍ୟକତା ରହିଛି । ଅଥଚ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ମୁଖ୍ୟ ଫାଟକରୁ ଭିତରକୁ ପାଣି ବୋତଲ ଓ କ୍ୟାମେରା ମନା କରାଯାଉଛି। ଫଳରେ ପର୍ଯ୍ୟଟକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ନିୟୋଜିତ କର୍ମଚାରୀଙ୍କ ରୁକ୍ଷ ବ୍ୟବହାରରେ ପର୍ଯ୍ୟଟକ ଅତିଷ୍ଠ ହେଲେଣି । ଏନେଇ କର୍ଲାପାଟ ରେଞ୍ଜ ଅଫିସର ରମେଶ ରାଉତଙ୍କୁ ପଚାରିବାରୁ ସବୁ ଠିକଠାକ ଚାଲିଛି ଡ୍ରିମ୍ପ୍ରେଡରେ ରଙ୍ଗ ଲଗାଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ରେଞ୍ଜ ଅଧିକାରୀ ମନ୍ତବ୍ୟ ବାସ୍ତବତା ଠାରୁ ବହୁ ଦୂରରେ ବୋଲି କିଛି ପର୍ଯ୍ୟଟକ କହିଛନ୍ତି। ପର୍ଯ୍ୟଟକମାନେ ଟିକଟ କାଟି ଭିତରକୁ ଯାଉଥିବାରୁ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି । ଅନ୍ତତଃ ପକ୍ଷେ ଫୁର୍ଲିଝରନ ଜଳପ୍ରପାତରେ ପର୍ଯ୍ୟଟକଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଉପଲବ୍ଧ ସହିତ ତାଲିମପ୍ରାପ୍ତ କର୍ମଚାରୀଙ୍କୁ ସେଠାରେ ନିୟୋଜିତ କରିବାକୁ ପର୍ଯ୍ୟଟକ ମହଲରେ ଦାବି ହେଉଛି ।



## ଗାଁକୁ ଫେରୁଥିବା ବେଳେ ଘଟିଲା ଦୁର୍ଘଟଣା, ୨ ସାଙ୍ଗ ମୃତ

ବଲାଙ୍ଗିର,୨୩।୧୧(ସଂଚାର ବ୍ୟୁରୋ): ଦେଓଗାଁ ଥାନା ଖରଲିକାନୀ ଛକରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦୁହେଁ ଦୁଇ ସାଙ୍ଗ। ସେମାନେ ରତାଖଣ୍ଡି ଗାଁର ଓମ୍ ମହାଲିଙ୍ଗ ଓ ନିରଞ୍ଜନ ଭୋଇ ବୋଲି ଜଣାପଡ଼ିଛି। ସେମାନେ ଆଜି ବାଇକ୍ ଯୋଗେ ବଲାଙ୍ଗିରରୁ ଗାଁକୁ ଫେରୁଥିଲେ। ବାଟରେ ଖରଲିକାନୀ ଛକ ନିକଟରେ ଭାରସାମ୍ୟ ହରାଇ ଗଛରେ ପିଟି ହେଲା ସେମାନଙ୍କ ବାଇକ୍। ସେମାନେ କିଛି ଦୂରକୁ ଛିଟିକି ରାସ୍ତା ତଳେ ପଡ଼ିଥିଲେ। ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ବାଇକ୍ଟି ଦୁଇ ଖଣ୍ଡ ହୋଇଯାଇଛି। ଏହାର ଆଗ ଚକ ସହିତ ଏକ ଅଂଶ ବାଇକ୍ରୁ ସଂପୂର୍ଣ୍ଣ ବାହାରି ଯାଇଥିଲା। ଖବର ପାଇ ବଲାଙ୍ଗିର ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହ ଦୁଇଟିକୁ ପୁଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୁଲିସ ଘଟଣାର ତଦନ୍ତ କରୁଛି।

## ବରଗଡ଼ ସହରରୁ ରକ୍ତ ଭଣ୍ଡାର ଉଠି ଯିବକି?

ବରଗଡ଼,୨୩।୧୧(ସଂଚାର ବ୍ୟୁରୋ): ୧ ଆଉ କିଛି ଦିନ ପରେ ବରଗଡ଼ ପୁରୁଣା ଡାକ୍ତରଖାନାରୁ ରକ୍ତ ଭଣ୍ଡାର ଉଠିଯିବ ଯାହାକୁ ନେଇ ବରଗଡବାସୀ ଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଏହି ରକ୍ତ ଭଣ୍ଡାର ନୂଆ ହସ୍ପିଟାଲ ଖେଦାପାଲି କୁ ସ୍ଥାନାନ୍ତର କରିବାକୁ ସରକାର ଯୋଜନା କରୁଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଏହି ବିଷୟରେ ଶୁକ୍ରବାର ହସ୍ପିଟାଲ ବଞ୍ଚାଅ ଅଭିଯାନ ର ସଦସ୍ୟ ମାନେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଲିଖିତ ଦାବୀ ପତ୍ର ଦେଇଛନ୍ତି ଯେଉଁ ଥିରେ ବରଗଡ଼ ପୁରୁଣା ହସ୍ପିଟାଲ ରୁ ରକ୍ତ ଭଣ୍ଡାର କୁ ସ୍ଥାନାନ୍ତର ନକରିବାକୁ ନିବେଦନ କରିଛନ୍ତି। ୨୦୨୦ ମସିହା ରେ ହସ୍ପିଟାଲ ଆନ୍ଦୋଳନ ସମୟରେ ତତ୍କାଳୀନ ସରକାର ପ୍ରତିଶ୍ରୁତି ଦେଇ ଥିଲେ ବରଗଡବାସୀ ଙ୍କୁ ଯେ ଏହି ହସ୍ପିଟାଲରେ ସବୁ ବିଭାଗ କାର୍ଯ୍ୟ କରିବ ଯେଉଁ ଥିରେ ଡାକ୍ତର, ନର୍ସ,ଷ୍ଟାଫ ରହିବେ ଓ ଏହା ଏକ



ପୂର୍ଣ୍ଣାଙ୍ଗ ହସ୍ପିଟାଲ ଭାବେ କାର୍ଯ୍ୟ କରିବ କିନ୍ତୁ ସେପରି କିଛି ଆଖି ଦୃଶିଆ କାର୍ଯ୍ୟ ହୋଇ ନଥିବା ଅଭିଯୋଗ କରିଛନ୍ତି ସଦସ୍ୟ ଶିବାନନ୍ଦ ମଟାରୀ ଅନ୍ୟପଟେ ଗୋଟି ଗୋଟି କରି ବିଭାଗ ଗୁଡିକୁ ଅନ୍ୟତ୍ର ପଠେଇ ଦେଉଛନ୍ତି ଉଦାହରଣ ସ୍ୱରୂପ ଶବ ବ୍ୟବଚ୍ଛେଦ ଗୃହ, ବର୍ତ୍ତମାନ ରକ୍ତ ଭଣ୍ଡାର ଉପରେ ସରକାରଙ୍କ ଲୋଲୁପ ଦୃଷ୍ଟି ପଡିଛି ଯାହାକୁ ନେଇ ବାରଗଡ଼ବାସୀ ଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ବରଗଡ଼ ସହରରେ ଜନସଂଖ୍ୟା ଅଧିକ ଥିବାରୁ ରକ୍ତ ଦାତା ମାନେ ସହଜ ରେ ଉପଲବ୍ଧ ହୋଇଥାନ୍ତି ଓ ଜଣେ ରୋଗୀ ସହଜରେ ରକ୍ତପାଇ ଥାନ୍ତି କିନ୍ତୁ ଯଦି ଏହା ଖେଦାପାଲି ହସ୍ପିଟାଲ କୁ ଉଠିଯିବ ତାହେଲେ ଲୋକଙ୍କୁ ରକ୍ତ ପାଇଁ ବହୁତ ହଇରାଣ ହେବାକୁ ପଡିବ ତେଣୁ ସରକାର ପୁରୁଣା ହସ୍ପିଟାଲ ର ରକ୍ତ ଭଣ୍ଡାର କୁ ଚାଲୁ ରଖିବା ସହ ନୂଆ ହସ୍ପିଟାଲ ରେ ମଧ୍ୟ ଏକ ଉଚ୍ଚ ସ୍ତରୀୟ ରକ୍ତ ଭଣ୍ଡାର ନିର୍ମାଣ କରନ୍ତୁ ବୋଲି ରମେଶ ମହାପାତ୍ର ଦାବୀ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭବାନୀ ସାହୁ, ସାରଥୀ ମେହେର, ନିଖିଳ ପାଣିଗ୍ରାହୀ, ରବି କୁମ୍ବାର, ଦୀନବନ୍ଧୁ ମେହେର ଉପସ୍ଥିତ ରହି ଦାବୀ ପତ୍ର ଦେଇଥିଲେ।

## ପ୍ରଥମାଷ୍ଟମୀ: ଏଣ୍ଡୁରି ପିଠାରେ ମହକୁଛି ଘର

କାକଟପୁର/ଅସ୍ତରଙ୍ଗ,୨୩।୧୧(ସଂଚାର ବ୍ୟୁରୋ): ଶନିବାର ହେଉଛି ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି। ଏହି ଦିନକୁ ପ୍ରଥମାଷ୍ଟମୀ ଭାବେ ପାଳନ କରାଯାଏ।। ଘରର ଜ୍ୟେଷ୍ଠ ସନ୍ତାନମାନଙ୍କ ପାଇଁ ସ୍ୱତନ୍ତ୍ର ପୂଜା କରିବାର ପରମ୍ପରା ରହିଛି। ଜ୍ୟେଷ୍ଠ ସନ୍ତାନମାନେ ସକାଳୁ ଉଠି ଗାଧୋଇ ନବ ବସ୍ତ୍ର ପରିଧାନ କରିଥାଆନ୍ତି। ତାପରେ ତାଙ୍କୁ ପିଢାରେ ବସାଯାଇ ବନ୍ଦାପନା କରାଯାଇଥାଏ। ଜ୍ୟେଷ୍ଠ ସନ୍ତାନମାନଙ୍କର ଶୁଭ ମନାସୀ ଷଠୀ ଦେବୀ ଓ କୂଳ ଦେବତାଙ୍କ ନିକଟରେ ପୂଜା କରାଯାଇଥାଏ। ଜ୍ୟେଷ୍ଠ ସନ୍ତାନଙ୍କୁ ପଢୁଆଁ କରିବା ପାଇଁ ମାମୁଁ ଘରୁ ନୂତନ ବସ୍ତ୍ର ଆସିଥାଏ। ନୂଆ ବସ୍ତ୍ର ପିନ୍ଧି ବନ୍ଦାପନ ହୋଇ ସାରିବା ପରେ ହଳଦୀ ପତ୍ରରେ ତିଆରି ସ୍ୱତନ୍ତ୍ର ଏଣ୍ଡୁରୀ ପିଠା ଖାଇ ଥାଆନ୍ତି। ମାର୍ଗଶିର ମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ କୁହାଯାଏ।ଏଣ୍ଡୁରି ପିଠା ପ୍ରଥମାଷ୍ଟମୀର ବିଶେଷତ୍ୱ । ଏହି ପିଠା ପାଇଁ ହଳଦୀପତ୍ରର ବ୍ୟବହାର ମଧ୍ୟ ଅନ୍ୟ ଏକ ବିଶେଷତ୍ୱ। ଅନ୍ୟ କୌଣସି ପିଠାରେ ହଳଦୀ ପତ୍ର ବ୍ୟବହୃତ ହୁଏନାହିଁ ଓ କେବଳ ପ୍ରଥମାଷ୍ଟମୀ ଉପଲକ୍ଷେ ଏଣ୍ଡୁରି ପିଠାରେ ହଳଦୀପତ୍ରର ବ୍ୟବହାର ପ୍ରସିଦ୍ଧ । ଛେନା, ନଡ଼ିଆପୁର, ଗୁଡ଼, ଉଆପକ୍ଷିଆ ଚାଉଳ, ହଳଦୀ ପତ୍ର ଏବଂ ବିରିରେ ପିଠା ତିଆରି କରାଯାଏ। ହଳଦୀ ପତ୍ରର ମହମହ ବାସ୍ନାରେ ପିଠାରେ ସୁଆଦ ଅଧିକ ରୁଚିକର ଲାଗେ।



## ଭେଡେନ ବ୍ଲକ ପଞ୍ଚାୟତ ସମିତି ବୈଠକ




ଭେଡେନ,୨୩।୧୧(ସଂଚାର ବ୍ୟୁରୋ): ଭେଡେନ ବ୍ଲକ ଅଫିସ ସମ୍ମିଳନୀ କକ୍ଷରେ ଭେଡେନ ପଂଚାୟତ ସମିତି ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବୈଠକରେ ମୁଖ୍ୟ ଅତିଥିଭାବରେ ଅତାବିରା ବିଧାୟକ ନିହାର ରଂଜନ ମହାନନ୍ଦ ଯୋଗଦାନ କରିଥିଲେ। ଅନୁଷ୍ଠିତ ବୈଠକରେ ବ୍ଲକ ର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଭେଡେନ ବ୍ଲକ ରେ ଜଳଯୋଗାଣ କୁ ଗୁରୁତ୍ୱ ଦେବା ସହ ମେଗା ଜଳଯୋଗାଣ ରେ ଭେଡେନ ବ୍ଲକ ୨୧ଟି ଗ୍ରାମପଞ୍ଚାୟତ ରୁ ୧୫ଟି ଗ୍ରାମପଞ୍ଚାୟତ କୁ ପାଣି ଦିଆ ହୋଇଥିବା ବେଳେ ଉପସ୍ଥିତି ଅଧିକାରୀ ଆସନ୍ତା ୨୦ଜାନୁଆରୀ ୨୦୨୫ତାରିଖ ମଧ୍ୟରେ ସମସ୍ତ ଗ୍ରାମକୁ ଜଳଯୋଗାଣ ହେବ ବୋଲି ପ୍ରକାଶ କରିଥିଲେ। ତାସହିତ ଅଏଲାପାଲି ଗ୍ରାମପଞ୍ଚାୟତ ର ସମିତି ସଭ୍ୟ ତୋଷବନ୍ତ ବେହେରା,ଋଷୁଡା ସରପଞ୍ଚ ସୁରେନ୍ଦ୍ର କର୍ମୀ,ସମିତି ସଭ୍ୟା ଶ୍ରଦ୍ଧାଞ୍ଜଳି ମେହେର ପ୍ରକାଶ କରିଥିଲେଯେ ଦୀର୍ଘ ଦିନ ହେଲା ଭେଡେନ ବ୍ଲକରେ ବିକାଶ ମୂଳକ କାମ କରିଥିବା ଲୋକମାନେ ତାଙ୍କ ବିଲ ପାଇ ନାହାନ୍ତି କି ଉନ୍ନୟନ କାମ ହେଉନାହିଁ ଫଳରେ ସେମାନେ ଅନେକ ଅସୁବିଧା ସମ୍ମୁଖୀନ ହେଉଛନ୍ତି ତାଙ୍କ ବିଲ କହିଁକି ଦିଆଯାଉନାହିଁ ବୋଲି କହିଥିଲେ।ପୂର୍ବ ବିଜେଡି ସରକାର ବେଳେ ଯେଉଁ ମାନେ ଅଧା କାମ କରିଛନ୍ତି ସେମାନଙ୍କୁ ବନ୍ଦ କରି ଅନ୍ୟ ମାନକୁ ଦିଆଯାଇଛି ଫଳରେ ଅଂଚଳରେ ଅପ୍ରତିକର ପରିସ୍ଥିତି ସୃଷ୍ଟି ହେଉଛି ଏଥିପାଇଁ ଦୃଷ୍ଟି ଦେବାକୁ ବିଧାୟକ ଙ୍କୁ କହିଥିଲେ। ବିଧାୟକ ମହାନନ୍ଦ ପ୍ରକାଶ କରିଥିଲେ ଯେ ଆମେ ସମସ୍ତ ମିଳିମିଶି କାମ କରିବା ସହ ବିକାଶ ମୂଳକ କାମରେ କେହି ବାଧା ଦେଇ ପାରିବେ ନାହିଁ ଓ ସେ ବିଡ଼ିଓ ଙ୍କୁ ଏହାର ସମାଧାନ କରିବା ସହ ସମସ୍ତଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ କହିଥିଲେ ଓ ଯେଉଁମାନେ ଅଧାକାମ କରିଛନ୍ତି ସେମାନଙ୍କ ସମସ୍ୟା ଓ ଅନ୍ୟ କିଏ କାମ କରୁଛି ଜେଇ ଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବାକୁ ବିଡ଼ିଓଙ୍କୁ କହିଥିଲେ। ଭେଡେନ ବ୍ଲକ ଅଞ୍ଚଳରେ ବିଜେଡି ସରକାର ସମୟରେ କାମ କରୁଥିବା କି ଅଧା କାମ କରିଥିବା ଲୋକଙ୍କ କାମକୁ ବନ୍ଦ କରି ପ୍ରଶାସନ କୋଣସି ଜନପ୍ରତିନିଧି ଙ୍କୁ ନ ଜଣାଇ ମନଇଚ୍ଛା ସେହି କାମକୁ ନିଜ ଲୋକକୁ ଦେଇ ଦେବା ଦ୍ୱାରା ଜନ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ ଓ କହିଥିଲେ ଯେ ଯିଏ ଯେଉଁ ଅଧାକାମ କରିଛି ତାକୁ ସମ୍ପୂର୍ଣ୍ଣ କରିବାକୁ ଦିଆଯାଉ ନୂଆ କାମ ଆସିଲେ ଅନ୍ୟ ଲୋକଙ୍କୁ ଦିଆଯାଉ ବୋଲି।ତା ସହ ଭେଡେନବ୍ଲକ ର ବିଭିନ୍ନ ଗ୍ରାମପଞ୍ଚାୟତ ର ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, କୃଷି,, ପାନୀୟ ଜଳ ଯୋଗାଣ ବିଭାଗ,ବିଦ୍ୟୁତ ବିଭାଗ,ଆଦି ବିଭିନ୍ନ ବିଭାଗ ସଂପର୍କରେ ଆଲୋଚନା ହୋଇଥିଲା। ଅନୁଷ୍ଠିତ ବୈଠକରେ ବ୍ଲକ ଉପାଧ୍ୟକ୍ଷ ଡୋଲାମଣି ଖେଡି, ଭେଡେନ ବିଡିଓ ତ୍ରିପୁର ମହାନନ୍ଦ, ଅତିରିକ୍ତ ତହସିଲଦାର ଦେବାନନ ସାହୁ,ଏବିଡ଼ିଓ ପ୍ରିତେସ କୁମାର ଦୋରା, ଜିଲ୍ଲା ପରିଷଦ ସଭ୍ଯା ପଦ୍ମିନୀ ଗଡତିଆ, ପିଙ୍କି ବଢ଼େଇ,ସତ୍ୟଜିତ ପୁରୋହିତ, ସାଂସଦ ପ୍ରତିନିଧି ସରୋଜ ମିଶ୍ର ଙ୍କ ସମେତ ବିଭିନ୍ନ ଗ୍ରାମପଞ୍ଚାୟତ ର ସମସ୍ତ ସରପଞ୍ଚ ସମିତି ସଭ୍ୟ/ସଭ୍ୟା ତଥା ବ୍ଲକ ଏବଂ ପଂଚାୟତ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।ଶେଷରେ ଏବିଡ଼ିଓ ପ୍ରିତେଶ ଦୋରା ଧନ୍ୟବାଦ ପ୍ରଦାନ କରିଥିଲେ।

# ବ୍ରହ୍ମପୁର ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳିତ

ବ୍ରହ୍ମପୁର,୨୩।୧୧ (ସଂଚାର ବ୍ୟୁରୋ): ମହାରାଷ୍ଟ୍ର ବିଧାନସଭାରେ ଭାରତୀୟ ଜନତା ପାର୍ଟି (ଏନଡ଼ିଏ) ର ଅଭୁତପୂର୍ଣ୍ଣ ଐତିହାସିକ ବିଜୟ ପରେ ବ୍ରହ୍ମପୁର ଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ "ବିଜୟ ଉତ୍ସବ" ପାଳିତ ହୋଇଛି। ସ୍ଥାନୀୟ ଗେଟ୍ ବଜାର ଛକ ଠାରେ ଦଳୀୟ କର୍ମକର୍ତ୍ତା ମାନେ ମିଳିମିଶି ଧୁମଧାମରେ ଏହାକୁ ପାଳନ କରିଛନ୍ତି। ଦଳୀୟ କାର୍ଯ୍ୟକର୍ତ୍ତା ମାନେ ଏହି ଐତିହାସିକ ସଫଳତା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ ଯୋଜନା ଗୁଡ଼ିକ ସହ "ଏକ୍ ହେଁ ତୋ ସେଫ୍ ହେଁ" ଏହି ଗୁରୁମନ୍ତ୍ର ପାଇଁ ଏହି ଐତିହାସିକ ସଫଳତା ମିଳିଲା ବୋଲି ବିଜେପି ନେତୃବୃନ୍ଦ କହିଥିଲେ । ଦଳୀୟ କାର୍ଯ୍ୟକର୍ତ୍ତା ମାନେ ଆତସବାଜି




ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ ଏବଂ ବାଜା ବଜାଇ ନାଚଗୀତରେ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ । ଏହି ବିଜୟ ଉତ୍ସବରେ ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ଆସ୍କା , ବ୍ରହ୍ମପୁର ଏବଂ କନ୍ଧମାଳ ତିନୋଟି ଲୋକସଭା କ୍ଷେତ୍ର ଦାୟୀତ୍ୱରେ ଥିବା ଦଳର ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ସମ୍ପାଦିକା ଏସ୍ ରାଣୀ,ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଡୁଡୁନ୍ ପାତ୍ର,ରାଜ୍ୟ ଓବିସି ମୋର୍ଚ୍ଚା ସଂଯୋଜକ ଏସ୍ ଶ୍ରୀନିବାସ୍,ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ,ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର,ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ କେ ରବି ରାଓ,ଜି ବିଜୟ ପାତ୍ର,ଦେବୁନ ପଟ୍ଟନାୟକ,ମଣ୍ଡଳ ସଭାପତି ଭାବଗ୍ରାହୀ ପାଳ,ସରୋଜ ପାତ୍ର,କୃଷ୍ଣ ଚନ୍ଦ୍ର ଚୌଧୁରୀ,ପ୍ରଫୁଲ୍ଲ ପାଣିଗ୍ରାହୀ,ଧନୁ ପାଣିଗ୍ରାହୀ,ଅହିଂସା ସାହୁ,ଚିନ୍ମୟାନନ୍ଦ ପଟ୍ଟନାୟକ,ଅମର ସାହୁ,ଶିରିଡ଼ି ବିକ୍ରମ,କୃଷ୍ଣ ଚନ୍ଦ୍ର ପଲେଇ,ଶକ୍ତି ପଟ୍ଟନାୟକ,ମନୋଜ ମହାରଣା,ଆଶିଷ ଦାସ,ରବିନ୍ଦ୍ର ସାହୁ,ସୁବ୍ରତ ପାଳ,ଏସ୍. ଶ୍ରୀନିବାସ୍ ରାଓ,ସରୋଜ ଦାସ ପ୍ରମୁଖଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ସର୍ବ ଭାରତୀୟ ବିଞ୍ଝାଲ ସମାଜ ପକ୍ଷରୁ ପ୍ରସ୍ତୁତି ବୈଠକ



ପାଟଣାଗଡ଼,୨୩।୧୧ (ସଂଚାର ବ୍ୟୁରୋ): ପାଟଣାଗଡ଼ ବ୍ଲକ ଲରମ୍ବି ବାଗ ପଡା ଠାରେ ସର୍ବ ଭାରତୀୟ ସ୍ୱାଲାଖି ବିନ୍ଧ୍ୟଗିରୀବାସୀ ବିଞ୍ଝାଲ ସମାଜ ପକ୍ଷରୁ ଜିଲ୍ଲା ସ୍ତରୀୟ ଏକ ପ୍ରସ୍ତୁତି ବୈଠକ ପାଟଣାଗଡ଼ ବ୍ଲକ ସଭାପତି କିଶୋର ଚନ୍ଦ୍ର ବରିହା ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଲାଟ ସଭାପତି ତଥା ଜିଲ୍ଲା ସଭାପତି ଚନ୍ଦ୍ରଶେଖର ବାଗ ମୁଖ୍ୟ ଅତିଥି, ଜିଲ୍ଲା ଉପ ସଭାପତି ଅର୍ଜୁନ ବରିହା, ବଲାଙ୍ଗୀର ବ୍ଲକ ସଭାପତି କୁଶ ବରିହା, ଖପ୍ରାଖୋଲ ବ୍ଲକ ସଭାପତି ଚନ୍ଦ୍ରଶେଖର ବରିହା, ଜିଲ୍ଲା ମିଡ଼ିଆ ସେଲ୍ ସଂଯୋଜକ ଗୋରେଖନାଥ ବରିହା, ଆଗଲପୁର ସଭାପତି ନବିନ ବରିହା, ଉପଦେଷ୍ଟା,ଠାକୁର ପ୍ରସାଦ ବରିହା, ସଂପାଦକ ସତ୍ୟନାରାୟଣ ବରିହା,ବୁଢୁଲା ପଞ୍ଚାୟତ ସଭାପତି ନନ୍ଦ ବରିହା,ଖପ୍ରାଖୋଲ ବ୍ଲକ ସଭାପତି ଚନ୍ଦ୍ରଶେଖର ବରିହା,ଉପସଭାପତି କେଶବ ବରିହା , ସଂପାଦକ ବିମଳ ବରିହା, ହୃଷୀକେଶ ବରିହା,ବିପିନ ବରିହା ଶଶିକାନ୍ତ ବରିହା, ଟିକେଶ୍ୱର ବରିହା,କାଶିନାଥ ବରିହା,ବଙ୍ଗୋମୁଣ୍ଡା ସଭାପତି ଶାନ୍ତାନୁ ବରିହା, ଜିଲ୍ଲା ଉପଦେଷ୍ଟା ଟିକେଚନ ବରିହା,ମୁରିବାହାଲ ସଭାପତି ବନମାଳୀ ବରିହା, ସଂପାଦକ କାର୍ତ୍ତିକ ବରିହା,ଜିଲ୍ଲା ଉପଦେଷ୍ଟା ଜମ୍ବେ ବରିହା,ଦେଓଗାଁ ସଭାପତି ମଦନ ବରିହା, ପଞ୍ଚାୟତ ସଂପାଦକ ସର୍ଗୁଲ ବରିହା , ସିଂହାମୁଣ୍ଡା ସଭାପତି ରସିକ ବରିହା ,ପୁଇତଲା ସଭାପତି ଅଭିନବ ବରିହା,ତୁରେକେଲା ସଭାପତି ହରି ବରିହା, ଟିଟିଲାଗଡ଼ ସଭାପତି ମଦନ ବରିହା,ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ସୁନ୍ଦରଗଡ଼ର ପ୍ରଥମ ବିଧାୟକ ଦ୍ୱାରିକାନାଥଙ୍କ ୧୩୨ତମ ଜନ୍ମବାର୍ଷିକୀ

ସୁନ୍ଦରଗଡ଼,୨୩।୧୧ (ସଂଚାର ବ୍ୟୁରୋ): ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ମଙ୍ଗସପୁର ଗ୍ରାମରେ ସୁନ୍ଦରଗଡ଼ର ପ୍ରଥମ ବିଧାୟକ ଦ୍ୱାରିକାନାଥ କୁସୁମଙ୍କ ୧୩୨ ତମ ଜନ୍ମବାର୍ଷିକ ଉତ୍ସବ ପାଳନ ହୋଇଛି । ଶନିବାର ସକାଳ ୯ ଘଟିକା ସମୟରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସଦର ବିଧାୟିକା କୁସୁମ ଟେଟେ ଯୋଗଦାନ କରି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ହାଇସ୍କୁଲ ଖେଳ ପଡ଼ିଆରେ ଏକ ଦିବସୀୟ ଫୁଟବଲ ପ୍ରତିଯୋଗିତା ଆୟୋଜନ କରଯାଇଥିଲା । ବିଭିନ୍ନ ଅଂଚଳରୁ ୬ ଟି ଦଳ ଯଥା କରମାପଡା, କୁର୍ଲା, ଧରୁଆଅଢ଼ା, ଆଡକଠା, ବାଉଁଶମୁଣ୍ଡା ଓ ଦଳଦଳି ଫୁଟବଲ ଦଳ ଭାଗ ନେଇ ଥିବା ବେଳେ ଫାଇନାଲ ଖେଳ ଆଡକଠା ଓ ଧରୁଆଅଢ଼ା ମଧ୍ୟରେ ସଂଘର୍ଷମୟ ଖେଳ ହୋଇଥିଲା । ଫାଇନାଲରେ ଖେଳରେ କୌଣସି ଗୋଲ୍ ନ ହେବାରୁ ରେଫରୀ ପେନାଲ୍ଟି ପାଇଁ ନିଷ୍ପତ୍ତି ନେଇଥିଲେ । ପେନାଲ୍ଟିରେ ଧରୁଆଅଢ଼ା ଦଳ ଏକ ଗୋଲରେ ଆଡକଠା ଦଳକୁ ପରାଜିତ କରି ଚାମ୍ପିଅନ ହୋଇଥିଲେ । ସମ୍ମାନୀତ ଅତିଥି ଭାବେ ଲକ୍ଷେଘର ସମାଜ ସଭାପତି ପ୍ରଫୁଲ୍ଲ ସୁନ୍ୟାନି ଯୋଗଦାନ କରି ବକ୍ତବ୍ୟରେ କହିଥିଲେ ଦ୍ୱାରିକାନାଥ କୁସୁମଙ୍କ ନାମରେ ସୁନ୍ଦରଗଡ ହସପିଟାଲକୁ ନାମିତ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ ଓ ଆସନ୍ତା ବର୍ଷ ଧୂମଧାମ ରେ ପ୍ରତିଯୋଗିତା କରିବା ପାଇଁ ପ୍ରତିଶୃତି ଦେଇଥିଲେ ।

## ପୁସ୍ତକ ମେଳାରେ କ୍ରୀଷ୍ଟା ବିକାଶ ଛାତ୍ରଛାତ୍ରୀଙ୍କ ନୃତ୍ୟ ସଙ୍ଗୀତ ପରିବେଷଣ




ବରଗଡ଼,୨୩।୧୧(ସଂଚାର ବ୍ୟୁରୋ): ବରଗଡ଼ ଜର୍ଜ ହାଇସ୍କୁଲ୍ ପଡ଼ିଆରେ ଆୟୋଜିତ ୨୧ତମ ପୁସ୍ତକ ମେଳାରେ କ୍ରୀଷ୍ଟା ବିକାଶ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ନୃତ୍ୟ ଓ ସଂଙ୍ଗୀତର ଅଭିନବ ପରିବେଷଣ ମାଧ୍ୟମରେ ଦର୍ଶକମାନଙ୍କ ହୃଦୟକୁ ଆନନ୍ଦମୟ କରିଥିଲେ। ସେମାନଙ୍କ ନୃତ୍ୟରେ ପଶ୍ଚିମ ଓଡ଼ିଶାର ଲୋକକଳା, ଲୋକଗୀତ ଓ ଲୋକସଂସ୍କୃତି ଜୀବନ୍ତ ରୂପରେ ଦର୍ଶିତ ହେଲା। ଏକଲବ୍ୟଙ୍କ କାହାଣୀର ଓଡ଼ିଶୀ ନୃତ୍ୟର ରୂପାୟନ ମଞ୍ଚକୁ ମନୋହର ଭାବେ ଉଜାଗର କରିଥିଲା। ଭଜନ ସଙ୍ଗୀତର ମାଧୁର୍ଯ୍ୟ ଏବଂ ସୁଲଳିତ ସ୍ୱରରେ ଛାତ୍ରଛାତ୍ରୀମାନେ ଶହଶହ ଦର୍ଶକଙ୍କ ମନକୁ ଭାବ ବିହ୍ୱଳ କରିଦେଇଥିଲେ। ସଙ୍ଗୀତ ଏବଂ ନୃତ୍ୟର ଏହି ସମନ୍ୱୟ ପୁସ୍ତକ ମେଳାକୁ ଏକ ସାଂସ୍କୃତିକ ମହୋତ୍ସବର ରୂପ ଦେଇଥିଲା। ଏହି ଅବସରରେ ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀ ଶିଶିର ପ୍ରସାଦ ରାଉଳ, ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଶ୍ରୀ ଚିତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ନାରାୟଣ ରଥ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଶ୍ରୀ ପ୍ରଦୀପ କୁମାର ସାହୁ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ପରିଶ୍ରମ ଓ ସୃଜନଶୀଳତାକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମଟି ବିଦ୍ୟାଳୟର ନୃତ୍ୟ ଓ ସଙ୍ଗୀତ ଶିକ୍ଷକମାନଙ୍କ ମାର୍ଗଦର୍ଶନରେ ସଫଳ ରୂପାୟନ ହୋଇଥିଲା। ପୁସ୍ତକ ମେଳା ସାଂସ୍କୃତିକ ଏବଂ ସାହିତ୍ୟିକ ମିଳନର ଏକ ଶ୍ରେଷ୍ଠ ମଞ୍ଚ ରୂପେ ଅବିସ୍ମରଣୀୟ ରହିଲା।

## ନିଖୋଜ ଯୁବକଙ୍କ ମୃତଦେହ ରାସ୍ତାକଡ଼ରୁ ଉଦ୍ଧାର, ପକେଟ୍ରୁ ମିଳିଲା ପିସ୍ତଲ

ବାଲେଶ୍ୱର,୨୩।୧୧(ସଂଚାର ବ୍ୟୁରୋ): ଜଣେ ନିଖୋଜ ଯୁବକଙ୍କ ମୃତଦେହ ବାଲେଶ୍ୱର ଜିଲ୍ଲା ସୋର ଥାନା ଅଧୀନ ୧୬ ନମ୍ବର ଜାତୟ ରାଜପଥ ତଳନଗର ନିକଟସ୍ଥ ରାସ୍ତାକଡ଼ରୁ ଠାବ ହୋଇଛି। ଯୁବକ ଜଣଙ୍କ ହେଲେ ରେମୁଣା ଥାନା ଅଂଚଳର ଅନୁପ କୁମାର ବାରିକ। ସୂଚନା ଅନୁସାରେ ଗତ ୪ ଦିନ ତଳେ ଅନୁପ ଏଠାକୁ ଆସିଥିବା ବେଳେ ତାଙ୍କ ବାଇକଟିକୁ ରାସ୍ତା ଉପରେ ରଖିଥିଲେ। ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେବା ପରେ ପୁଲିସ ବାଇକଟିକୁ ଥନାରେ ରଖିଥିଲା। ମାତ୍ର ଆଜି ଅପରାହ୍ଣରେ ସ୍ଥାନୀୟ ଲୋକେ ଏଠାରେ ଅନୁପଙ୍କ ଶବ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ।ଚାରିଦିନ ପୂର୍ବରୁ ନିଖୋଜ ଯୁବକଙ୍କ ମୃତଦେହ ଆଜି ଉଦ୍ଧାର ହୋଇଛି। ଯୁବକଙ୍କ ମୃତଦେହ ବାଲେଶ୍ୱର ଜିଲ୍ଲା ସୋର ଥାନା ଅଧୀନ ୧୬ ନମ୍ବର ଜାତୟ ରାଜପଥ ତଳନଗର ନିକଟସ୍ଥ ରାସ୍ତାକଡ଼ରୁ ଠାବ ହୋଇଛି। ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଅନୁପଙ୍କ ପରିବାର ପକ୍ଷରୁ ଶବ ଚିହ୍ନଟ କରିଥିଲେ।

## ରାଜନୀତି ଛାଡ଼ି କ୍ଷେତରେ ପୂର୍ବତନ ବିଧାୟକ

ଫୁଲବାଣୀ,୨୩।୧୧(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫୁଲବାଣୀ ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଅଙ୍ଗଦ କହଁର ରାଜନୀତି ଛାଡ଼ି ଏବେ କ୍ଷେତମୁହାଁ ହୋଇଛନ୍ତି। ନିଜ ଗାଁ ପକାରିରେ ଥିବା ଦୁଇ ଏକର ଜମିରେ କଳାଧାନ 'କଳାବତୀ' ଚାଷ କରି ଚର୍ଚ୍ଚାକୁ



ଆସିଛନ୍ତି। କନ୍ଧମାଳରେ ପରୀକ୍ଷାମୂଳକ ଭାବେ କଳାଧାନ ଚାଷ ଆରମ୍ଭ ହୋଇସାରିଛି। ଅଙ୍ଗଦ ନୟାଗଡ଼ ଜିଲ୍ଲା ଓଡ଼ଗାଁସ୍ଥିତ ପ୍ରଫେସର ରାଧାମୋହନଙ୍କ 'ସମ୍ଭବ' ଫାର୍ମରୁ 'କଳାବତୀ' ବିହନ ମଗାଇ ନିଜ ଜମିରେ ଚାଷ କରିଛନ୍ତି। ଆସନ୍ତା ଡିସେମ୍ବର ଦ୍ୱିତୀୟ ସପ୍ତାହ ବେଳକୁ ଅମଳ ହେବ। ଅନ୍ୟ ଧାନ ଅମଳ ପାଇଁ ୯୦ରୁ ୧୦୦ ଦିନ ଲାଗୁଥିବା ବେଳେ କଳାଧାନ ଅମଳ ପାଇଁ ୧୨୦ ଦିନ ଲାଗିଥାଏ। ବିଧାୟକ ହେବା ପୂର୍ବରୁ ଅଙ୍ଗଦ କନ୍ଧମାଳ ଜିଲ୍ଲାର ଜଣେ ସଫଳ ଚାଷୀ ଭାବେ ବିଭିନ୍ନ ସଂଗଠନ ଓ ସରକାରଙ୍କ ପକ୍ଷରୁ ପୁରସ୍କୃତ ହୋଇଥିଲେ। ହଳ ବୁଲାଇବା ଠାରୁ ଆରମ୍ଭ କରି ଧାନ ରୁଆ ଓ ଜମି ବାଛିବା ଆଦି କାମରେ ସେ ବେଶ୍ ପାରଙ୍ଗମ। ବର୍ତ୍ତମାନ ରାଜନୀତିଠୁ ଦୂରେଇ ରହି ଚାଷକାମ ଆରମ୍ଭ କରିଛନ୍ତି। ଏଥର ସେ ୫୦ କ୍ୱିଣ୍ଟାଲ୍ 'କଳାବତୀ' ଧାନ ଅମଳ ପାଇଁ ଲକ୍ଷ୍ୟ ରଖିଛନ୍ତି। ଧାନ କିଣିବା ପାଇଁ ତାଙ୍କୁ ଭୁବନେଶ୍ୱରର ବିଭିନ୍ନ ସଂସ୍ଥା ପକ୍ଷରୁ ବରାଦ ମିଳିଛି। ଅଙ୍ଗଦ କହିଛନ୍ତି, ସଂପୂର୍ଣ୍ଣ ଜୈବିକ ପଦ୍ଧତିରେ ବିନା ରାସାୟନିକ ସାର ପ୍ରୟୋଗରେ ସେ ଏହି ଧାନ ଚାଷ କରିଛନ୍ତି। ସେହିପରି ୨ ଏକର ଜମିରେ ମାଣ୍ଡିଆ ଚାଷ ଓ ଦେଢ଼ ଏକର ଜମିରେ କୋବି, ଟମାଟୋ, ମୂଳା, ଶାଗ ଓ ବିନ୍ସ ଆଦି ପନିପରିବା ଚାଷ କରିଥିବା ଅଙ୍ଗଦ କହିଛନ୍ତି।

## ଉପଖଣ୍ଡସ୍ତରୀୟ ସର୍ଗିଫୁଲ,ବିଜ୍ଞାନ ମେଳା ଓ ଭଲିବଲ ପ୍ରତିଯୋଗିତା

ବୈଶିଙ୍ଗା,୨୩।୧୧(ସଂଚାର ବ୍ୟୁରୋ): ନହଣ୍ଡାଶୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ଉପଖଣ୍ଡ ସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ। ଉପଖଣ୍ଡର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ପ୍ରଫୁଲ୍ଲ କୁମାର ସେଠୀ ଙ୍କ ଆବାହକତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସଭାପତି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁଶ୍ରୀ ସ୍ମୃତିଲିପି ସାହୁ , ମୁଖ୍ୟ ଅତିଥି ଭାବେ




ଶ୍ରୀ ପ୍ରିୟପଦ ନାଏକ ଯୋଗ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏଥିରେ ବାରିପଦା ଉପଖଣ୍ଡର ୩୦ ଟି ଆଶ୍ରମ ବିଦ୍ୟାଳୟ,୨୨ ଟି ଉଚ୍ଚ ବିଦ୍ୟାଳୟ,୨ ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଓ ଗୋଟିଏ ଅନ୍ୱେଷା ହଷ୍ଟେଲରୁ ମୋଟ ୮୫୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବାଗ୍ମିତା,ତର୍କ, ସୃଜନାତ୍ମକ ଲିଖନ, ମୁକ୍ତ ସ୍ଲୋଗାନ,ଚିତ୍ରାଙ୍କନ,ଜୀବନ କୌଶଳ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଏଥିରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀ ମାନେ ଜିଲ୍ଲାସ୍ତରୀୟ ସର୍ଗିଫୁଲ ଉତ୍ସବରେ ଯୋଗ ଦେବେ। ଉଦଯାପନୀ ଉତ୍ସବରେ ସଭାପତି ଭାବରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ପ୍ରଦ୍ୟୁମ୍ନ କୁମାର ଦାଶ, ମୁଖ୍ୟ ଅତିଥି ଭାବେ ଶ୍ରୀ ସନାତନ ବିଜୁଳି, ମାନନୀୟ ବିଧାୟକ,ବଡ଼ସାହି ବିଧାନସଭା,ସମ୍ମାନିତ ଅତିଥି ଭାବେ ଶ୍ରୀ ଦେବେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ।ଜିଲ୍ଲା ମଙ୍ଗଳ ଅଧିକାରୀ ସମସ୍ତ ଛାତ୍ରଛାତ୍ରୀଙ୍କୁ କଠୋର ପରିଶ୍ରମ ଓ ନିଷ୍ଠାପର ଉଦ୍ୟମ କରିବାକୁ ପ୍ରେରଣାଦାୟୀ ବାର୍ତ୍ତା ଦେଇଥିଲେ।